RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -260 ସଂଖ୍ୟା-୨୬୦
ଭୁବନେଶ୍ୱର, ବୁଧବାର ୩୧ ଡିସେମ୍ବର ୨୦୨୫
Bhubaneswar, Wednesday 31 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ୧୧ ବିଭାଗରେ ନିଯୁକ୍ତି ପାଇଲେ ୧୫୪୩

ଭୁବନେଶ୍ୱର,୩୦।୧୨(ନି.ପ୍ର.): ଆମର ଏକ ବିକଶିତ ରାଷ୍ଟ୍ର ଓ ବିକଶିତ ରାଜ୍ୟ ଗଠନର ସଂକଳ୍ପକୁ ସାକାର କରିବାରେ ଏହି ନିଯୁକ୍ତି ମେଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ଆମ ସରକାର ଯୁବଶକ୍ତିଙ୍କୁ ନିଯୁକ୍ତି ଦେବା ଏବଂ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ କ୍ରମାଗତ ଭାବେ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ୧୪ତମ ନିଯୁକ୍ତିମେଳା କାର୍ଯ୍ୟକ୍ରମ ଅବସରରେ ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରି କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଆଜି ଭୁବନେଶ୍ୱର ରେଳ ଅଡିଟୋରିଅମ ଠାରେ ଆୟୋଜିତ ନିଯୁକ୍ତି ମେଳା ଅବସରରେ ୧୧ଟି ବିଭାଗର ସମୁଦାୟ ୧୫୪୩ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୮୧ଜଣ ଶାରୀରିକ କ୍ରୀଡା ପ୍ରଶିକ୍ଷକ, ୭୪ଜଣ ସ୍ନାତକୋତ୍ତର ଶିକ୍ଷକ, କୃଷି ଓ କୃଷି ସଶକ୍ତିକରଣ ବିଭାଗର ୭୭ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ୩୧୫ ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୬ ଜଣ ଓଡିଶା ରାଜସ୍ୱ ସେବା ଅଧିକାରୀ ଏବଂ ୩୦ ଜଣ ଓଡିଶା ପ୍ରଶାସନିକ ସେବା ଅଧିକାରୀ, ଅର୍ଥ ବିଭାଗର ୬୫ ଜଣ ଓଡିଶା ହିସାବ ଓ ହିସାବ ସେବା ଅଧିକାରୀ ଏବଂ ୫୬ ଜଣ ଓଡିଶା ଅର୍ଥସେବା ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ୧୦୫ ଜଣ ଓଡିଶା ଶ୍ରମସେବା ଅଧିକାରୀ ଏବଂ ଜଣେ ପରିସଂଖ୍ୟାନ ସହାୟକ, ସମବାୟ ବିଭାଗର ୧୨ ଜଣ ଓଡିଶା ସମବାୟ ସେବା ଅଧିକାରୀ ଏବଂ ୩ ଜଣ ଓଡିଶା ସମବାୟ ସମୀକ୍ଷା ସେବା ଅଧିକାରୀ, ପର୍ଯ୍ୟଟନ ବିଭାଗର ୧୮ ଜଣ ଓଡିଶା ପର୍ଯ୍ୟଟନ ସେବା ଅଧିକାରୀ, ଗୃହ ବିଭାଗର ୬ ଜଣ ଓଡିଶା ପୋଲିସ ସେବା ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୫ ଜଣ ମାର୍କେଟ ଇଣ୍ଟେଲିଜେନ୍ସ ଅଫିସର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଜଣେ ଓଡିଶା କର୍ମ ନିଯୋଜନ ସେବା ଅଧିକାରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ୮ଜଣ ସହକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପତ୍ର ପାଇଛନ୍ତି।




## ୧୮ ମାସରେ ୩୯, ୪୫୯ ସରକାରୀ ନିଯୁକ୍ତି

## ନବ ନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

### ଜନସାଧାରଣଙ୍କ ପ୍ରତି ଆପଣଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱକୁ ଭୁଲନ୍ତୁ ନାହିଁ

ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ କଠିନ ପରିଶ୍ରମ, ଘାତ ପ୍ରତିଘାତ ଦେଇ ଏଠାରେ ପହଞ୍ଚିଛନ୍ତି। ଏହି ନିଯୁକ୍ତି ପତ୍ର ହେଉଛି ଆପଣଙ୍କ ବିଶ୍ୱାସ ଓ ସଫଳତାର ପ୍ରତୀକ। ସେ ଆହୁରି କହିଥିଲେ ଆମ ସରକାର ଆସିବାର ମାତ୍ର ୧୮ ମାସ ହୋଇଛି। ଏହି ସ୍ୱଳ୍ପ ସମୟ ମଧ୍ୟରେ ସରକାରୀ ସ୍ତରରେ ଆମେ ୩୯,୪୫୯ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛୁ।

ସେ ପୁଣି କହିଥିଲେ ଆଜି ଠାରୁ ତୃଣମୂଳ ସ୍ତରରେ ଶାସନ ବ୍ୟବସ୍ଥାକୁ ପହଞ୍ଚାଇବା ଆପଣଙ୍କ କର୍ମମୟ ଜୀବନର ମୂଳ ଲକ୍ଷ୍ୟ ହେବ। ଏଥିପାଇଁ ଆପଣମାନେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱବୋଧତା ଓ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେବେ। ନିଜେ ଦୁର୍ନୀତିମୁକ୍ତ ରହିବା ସହିତ ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବା ପାଇଁ ସବୁବେଳେ ପ୍ରତିବଦ୍ଧ ରହି ରାଜ୍ୟବାସୀଙ୍କୁ ଉତ୍ତମ ସେବା ପ୍ରଦାନ କରିବେ। ଜନସାଧାରଣଙ୍କ ପ୍ରତି ଆପଣଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱକୁ କେବେହେଲେ ଭୁଲିବେ ନାହିଁ। ନିଷ୍ଠା ଓ ସହାନୁଭୂତି ମନୋଭାବ ନେଇ ଜନସେବା ଜାରି ରଖିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାରୁ ଜଣେ ଲେଖାଏଁ ନବନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ଏବଂ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ମାଲକାନଗିରି ଜିଲ୍ଲାର ବସନ୍ତ କୁମାର ରଣା ଓ କୋରାପୁଟ ଜିଲ୍ଲାର ତରୁଣ କୁମାର ଦାସଙ୍କୁ ସମ୍ମାନିତ କରିଥିଲେ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ୨୦୩୬ ସୁଦ୍ଧା ଓଡିଶାରୁ ଅତି କମ୍ ରେ ୧୦ଜଣ ଅଲମ୍ପିଆଡ୍ ସୃଷ୍ଟି କରିବା ପାଇଁ ନବନିଯୁକ୍ତ କ୍ରୀଡା ପ୍ରଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡା କହିଥିଲେ ଯେ, ୨୦୩୬ ପାଇଁ ଆପଣମାନେ ସ୍ୱପ୍ନ ଠାରୁ ସଂକଳ୍ପ ବଡ ରଖନ୍ତୁ। ନବ ନିଯୁକ୍ତଙ୍କ ଜରିଆରେ ରାଜ୍ୟବାସୀ ନୂଆ ଧରଣର ସେବା ପାଇବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଆଜି ଠାରୁ ଆପଣଙ୍କ ପରୀକ୍ଷକ ହେବେ ସାଧାରଣ ଜନତା। ସାଧାରଣ ଜନତାଙ୍କ ସ୍ୱୀକୃତି ଅନ୍ୟ ସମସ୍ତ ସାର୍ଟିଫିକେଟ୍ ଠାରୁ ବହୁ ଉର୍ଦ୍ଧ୍ୱରେ ବୋଲି ସେ ନବନିଯୁକ୍ତଙ୍କୁ ପ୍ରେରଣା ଦେଇଥିଲେ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ର ନିତ୍ୟାନନ୍ଦ ଗଣ୍ଡ ନବ ନିଯୁକ୍ତଙ୍କୁ ସତ୍ୟ, ନିଷ୍ଠା ଓ କର୍ତ୍ତବ୍ୟପରାଣୟତାର ସହ ଦାୟିତ୍ୱ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅତିଥିମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ।ନବ ନିଯୁକ୍ତଙ୍କ ମଧ୍ୟରୁ ବଲାଙ୍ଗିର ଜିଲ୍ଲାର ଧ୍ରୁପଦ କୁମାର ବେହେରା, କଟକ ଜିଲ୍ଲାର ଭାଗ୍ୟଶ୍ରୀ ସ୍ୱାଇଁ, ଯାଜପୁର ଜିଲ୍ଲାର ଦେବମୃତ ସାହୁ ଏବଂ ଗଞ୍ଜାମ ଜିଲ୍ଲାର ମନିଷା ନାୟକ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓ ନିରପେକ୍ଷ ଚୟନ ପଦ୍ଧତି ଯୋଗୁ ନିଯୁକ୍ତି ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।

## ନୂଆବର୍ଷରେ ଭେଟିବାକୁ ନ ଆସିବାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

ଭୁବନେଶ୍ୱର,୩୦।୧୨(ନି.ପ୍ର.: କୌଣସି ସରକାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଇଂରାଜୀ ନୂତନ ବର୍ଷ ପାଳନ ହେବ ନାହିଁ । ନୂଆ ବର୍ଷରେ କେହି ବ୍ୟକ୍ତିଗତ ଭାବେ ମୁଖ୍ୟମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଶୁଭେଚ୍ଛା ନ ଜଣାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆଗୁଆ ନୂତନ ବର୍ଷର ଅଭିନନ୍ଦନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି



ଦିନଟି ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ ସାଧାରଣ କାର୍ଯ୍ୟଦିବସ ଭାବେ ଚାଲିବ। ତେବେ, ମୁଖ୍ୟମନ୍ତ୍ରୀଙ୍କୁ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବାକୁ କେହି ବ୍ୟକ୍ତିଗତ ଭାବେ ନ ଆସିବାକୁ ଅନୁରୋଧ କରିଛନ୍ତି । ଏହି ଦିନ ସରକାରୀ କାର୍ଯ୍ୟଦିବସ ରହୁ ଥିବାରୁ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଜାରି ରହିବ। ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂରାଜୀ ନୂଆବର୍ଷ ପାଳନର ସ୍ଥଳୀ ନ କରିବାକୁ ପରାମର୍ଶ ଦିଆଯାଇଛି । କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସମ୍ଭାଷଣ ବ୍ୟତୀତ କୌଣସି ପ୍ରକାର ଉତ୍ସବ, ଭେଟଘାଟ୍, ଭୋଜିଭାତ, ପାର୍ଟି ଇତ୍ୟାଦି ରାଜ୍ୟ ସରକାରୀ କାର୍ଯ୍ୟାଳୟ ପରିସର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସରକାରୀ ବାସଭବନକୁ ଯେଉଁମାନେ ଶୁଭେଚ୍ଛା ଜଣାଇବାକୁ ଆସିବେ, କୌଣସି ଉପହାର କିମ୍ବା ପୁଷ୍ପଗୁଚ୍ଛ ଧରି ନ ଆସିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । କେବଳ ଜନତାଙ୍କ ସଦିଚ୍ଛା ଓ ଆଶୀର୍ବାଦ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ।

# କଂସ ଦରବାରରେ ହିସାବ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ବରଗଡ଼,୩୦।୧୦(ନି.ପ୍ର): ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାର ଆଜି ସପ୍ତମ ଦିନରେ ଦର୍ଶକମାନେ ଏକ ନିଆରା ଦୃଶ୍ୟ ଦେଖିବାକୁ ପାଇଥିଲେ କଂସ ମହାରାଜ। ତାଙ୍କ ଦରବାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କଳିଙ୍ଗ ସମ୍ରାଟ ଭାବେ ସମ୍ବୋଧନ କରି ପଚାରିଥିଲେ ମଥୁରା ନଗରୀ (ବରଗଡ଼) ର ବିକାଶ ପାଇଁ କି ପଦକ୍ଷେପ ନିଆଯାଇଛି। ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମଥୁରା (ବରଗଡ଼)ର ଉନ୍ନତି ପାଇଁ ଆଜି ସମୁଦାୟ ପ୍ରାୟ ୧୩୬୨ କୋଟି ଟଙ୍କାରୁ ଅଧିକ ବିନିଯୋଗରେ ୧୨୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହା ସହିତ ୩୮୦ କୋଟି ଟଙ୍କାର ଚାରିଟି ନୂଆ ପ୍ରକଳ୍ପ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ବରଗଡ଼ରେ ଆଜି ୯୮୦ କୋଟି ୫୮ ଲକ୍ଷ ଟଙ୍କା ବିନିଯୋଗରେ ସମୁଦାୟ ୮୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ, ୩୮୨



କୋଟି ୨୬ ଲକ୍ଷ ଟଙ୍କା ମୂଲ୍ୟର ୩୮ ଟି ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନ ମଧ୍ୟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ମହିଳାମାନଙ୍କ ପାଇଁ ହୋଇଥିବା ସୁଭଦ୍ରା ଯୋଜନାରେ ମଥୁରା ନଗରୀ (ବରଗଡ଼)ର ୩,୪୧, ୬୧୪ ଜଣ ମା ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି । ସେହିପରି, ୨୦୨୪-୨୫ ଖରିଫ୍ ଓ ରବି ଋତୁରେ ବରଗଡ଼ର ୨,୪୧, ୧୩୫ ଜଣ ଚାଷୀଙ୍କ ଠାରୁ ୧୩,୯୯,୦୦୦ ମେଟ୍ରିକ୍ ଧାନ ସଂଗ୍ରହ କରାଯାଇ ଇନ୍‌ପୁଟ୍ ସହାୟତା ସହିତ ୪୩୩୮ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ହିସାବ ଦେଇଥିଲେ। ଏଭଳି ଆର୍ଥିକ ସହାୟତା ପୂର୍ବରୁ କେବେ ବି ଦିଆଯାଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏଥିରେ ସନ୍ତୋଷପ୍ରକାଶ କରି କଂସ ମହାରାଜ କହିଲେ ଆତ୍ମତୃପ୍ତି ଲାଭ କଲା ମହାବୀର କଂସାସୁର ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ବରଗଡ଼ ପାଇଁ ନୂଆ ପ୍ରକଳ୍ପ ଘୋଷଣା କରି କହିଥିଲେ ଯେ, ୧୩୨ କୋଟି ଟଙ୍କା ବ୍ୟୟ ବରାଦରେ ଜିରା ନଦୀ ଉପରେ ଏକ ସ୍ୱେରଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ। ଏହା ସହିତ ୩୦ କୋଟି ଟଙ୍କା ବ୍ୟୟରେ ବରଗଡ଼ମ୍ୟୁନିସିପାଲଟିର ହାଟପଦା ଠାରେ ଏକ ଭେଣ୍ଡିଙ୍ଗ୍ ଜୋନ୍‌ର ବିକାଶ କରାଯିବ। ୬୫ କୋଟି ଟଙ୍କା ବିନିଯୋଗରେ ବରଗଡ଼ ସଦରରେ ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାରେ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ୍ ନିର୍ମାଣ କରାଯିବ ଓ ଗ୍ରୀଣ୍ଡୋଲାଠାରେ ୧୫୦ କୋଟି ଟଙ୍କା ବିନିଯୋଗରେ ଏକ ଅନ୍ତନଦୀ ଜଳାଶୟ ନିର୍ମାଣ କରାଯିବ। ଏହି ଚାରୋଟି ପ୍ରକଳ୍ପ ପାଇଁ ପ୍ରାୟ ୩୮୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି।

## ଗଡ଼କରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ସମ୍ବଲପୁର,୩୦।୧୨(ନି.ପ୍ର.): ରେଢ଼ାଖୋଲ ବାଇପାସ୍‌ରୋଡ୍ ନିର୍ମାଣ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖିଛନ୍ତି । ରେଢ଼ାଖୋଲର ବାର୍ ଆସୋସିଏସନ, ଟ୍ରକ ମାଲିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ ଏବଂ ସ୍ଥାନୀୟ ସାମ୍ବାଦିକମାନଙ୍କ ସମର୍ଥନରେ ମିଳିଥିବା ଏକ ପ୍ରତିନିଧି ଦଳର ଆବେଦନ ଆଧାରରେ ଶ୍ରୀ ପ୍ରଧାନ ଏହି ଚିଠି ଲେଖିଛନ୍ତି ।କେନ୍ଦ୍ର ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ୫୫ ନମ୍ବର ଜାତୀୟ ରାଜପଥ ଅତ୍ୟନ୍ତ ବ୍ୟସ୍ତବହୁଳ ହୋଇଥିବା ବେଳେ ସହର ମଧ୍ୟ ଦେଇ ଶହ ଶହ ଭାରୀଯାନ ଚଳାଚଳ କରୁଛି । ସଂକୀର୍ଣ୍ଣ ରାସ୍ତା ଯୋଗୁଁ ପ୍ରତିଦିନ ଭୟଙ୍କର ଟ୍ରାଫିକ ଜାମ୍ ସୃଷ୍ଟି ହେଉଛି । ସହର ମଧ୍ୟରେ ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା ଏବଂ ଭୀମଭୋଇ ଡିଗ୍ରୀ କଲେଜ ପରି ଶିକ୍ଷାନୁଷ୍ଠାନ ଥିବାରୁ ଅଫିସ ସମୟରେ ପ୍ରବଳ ଜନଗହଳି ହେଉଛି । ଭାରୀଯାନ ଚଳାଚଳ ଯୋଗୁଁ ଦୁର୍ଘଟଣା ବଢ଼ିବା ସହ ଛାତ୍ରଛାତ୍ରୀ, ରୋଗୀ ଏବଂ ବରିଷ୍ଠ ନାଗରିକଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଛି । ରେଢ଼ାଖୋଲ ସହରର ଦ୍ରୁତ ବିକାଶ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ନୂତନ ବାଇପାସ ନିର୍ମାଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କୁ

# ୪ କୋଟିର ମାରିଜୁଆନା ଜବତ

ଭୁବନେଶ୍ୱର,୩୦।୧୨(ନି.ପ୍ର.): ନୂଆବର୍ଷ ପୂର୍ବରୁ ଅବକାରୀ ବିଭାଗକୁ ମିଳିଛି ବଡ ସଫଳତା। ଭୁବନେଶ୍ୱର ବିମାନ ବନ୍ଦରରୁ ଚାଲାଣ ସମୟରେ ୪କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି। ଜଣେ ଯାତ୍ରୀଙ୍କ ବ୍ୟାଗରୁ ଏହାକୁ ଜବତ କରିଛି କଷ୍ଟମ ବିଭାଗ। ତେବେ ଆଗକୁ ନୂଆବର୍ଷ ଥିବାରୁ ଏହି ମାରିଜୁଆନା ସହରକୁ ଆସିଥିବା ସନ୍ଦେହ କରାଯାଉଛି।

ଭୁବନେଶ୍ୱର ସହରକୁ ନିଶା ଚାଲାଣ ସମୟରେ କଷ୍ଟମ ବିଭାଗ ହାତରେ ଧରାପଡିଛି। ତେବେ ବିମାନରେ ଜଣେ ଯାତ୍ରୀ ମାରିଜୁଆନା ଆଣିଥିବା ବେଳେ ତାଙ୍କୁ କଷ୍ଟମ ବିଭାଗ ଅଟକ ରଖି ସମସ୍ତ ମାରିଜୁଆନା ଜବତ କରିଛି। ସମ୍ପୃକ୍ତ ଯାତ୍ରୀଙ୍କ ବ୍ୟାଗରୁ ମାରିଜୁଆନା ଜବତ




କରାଯାଇଛି। ଜବତ ମାରିଜୁଆନାର ମୂଲ୍ୟ ୪କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଥାଇଲାଣ୍ଡରୁ ଏହି ମାରିଜୁଆନା ଭୁବନେଶ୍ୱର ଆସୁଥିବା ସୂଚନା ରହିଛି। ତେବେ ଯାତ୍ରୀଜଣକ ଭୁବନେଶ୍ୱରରୁ ଓହ୍ଲାଇବା ପରେ କୁଆଡେ ଯାଇଥାନ୍ତେ ଏବଂ ଏତେ ଟଙ୍କାର ମାରିଜୁଆନା ଡିଲ ପଛରେ କାହାର ହାତ ରହିଛି ସେନେଇ ତଦନ୍ତ ଆରମ୍ଭ କରିଛି କଷ୍ଟମ ବିଭାଗ।

## ନିର୍ଦ୍ଦେଶନାମା ଜାରି କଲା ବେସାମରିକ ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୩୦।୧୨(ନି.ପ୍ର.): କୁହୁଡ଼ିପାଇଁ ଶତାଧିକ ବିମାନ ବାତିଲ ହେବା ପରେ କେନ୍ଦ୍ର ବେସାମରିକ ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଜାରି କରିଛି । ଯାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେବାକୁ ବିମାନ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଯାତ୍ରା ପୂର୍ବରୁ ବିମାନ ଉଡ଼ାଣ ସମୟ ଦେଖି ବାହାରିବାକୁ ମଧ୍ୟ ଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି । ଘନ କୁହୁଡ଼ି ପାଇଁ ଉତ୍ତର ଭାରତରେ ବିମାନ ଯାତ୍ରା ଗଭୀର ଭାବେ ପ୍ରଭାବିତ ହୋଇଛି । ପ୍ରତ୍ୟେକ ଦିନ ଶତାଧିକ ବିମାନ ବିଳମ୍ବ ଏବଂ ବାତିଲ ହେଉଛି । ଯାହା ପରେ ବେସାମରିକ ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଛି । ଯାତ୍ରୀ ସୁରକ୍ଷା ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସମସ୍ତ ବିମାନ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏଥିରେ ସମୟାନୁସାରେ ଉଡ଼ାଣ ସୂଚନା ପ୍ରଦାନ କରିବା, ବିଳମ୍ବ ହେଲେ ଖାଦ୍ୟ ଯୋଗାଇବା, ବାତିଲ ହେଲେ ପୁନଃବୁକିଂ କିମ୍ବା ପୂର୍ଣ୍ଣ ଫେରସ୍ତ, ସମୟାନୁସାରେ ଯାଞ୍ଚ କରୁଥିବା ଲୋକଙ୍କୁ ବୋର୍ଡିଂ ମନା ନ କରିବା, ବ୍ୟାଗେଜ ପ୍ରବେଶ ଏବଂ ତୁରନ୍ତ ଅଭିଯୋଗ ସମାଧାନ ଅନ୍ତର୍ଭୁକ୍ତ ଅଟେ । ମନ୍ତ୍ରଣାଳୟ ସ୍ପଷ୍ଟ ଭାବରେ କହିଛି ଯେ ଯାତ୍ରୀ ସୁରକ୍ଷା, ସୁବିଧା ଏବଂ ସୁସ୍ଥତା ଅତ୍ୟନ୍ତ

# ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର ଏବଂ ପିଇଓ



## ଚଢ଼ାଉ ବେଳେ ଘରୁ ଦେଢ କୋଟି ଜବତ

## ୩ କୋଠା, ଗୋଟିଏ ଫ୍ଲାଟ ଓ ୪ ଦାମୀ ପ୍ଲଟ ଠାବ

## ପିଇଓଙ୍କ ୬ ଠିକଣାରେ ଚଢ଼ଉ

କଟକ/କେନ୍ଦୁଝର,୩୦।୧୨(ନି.ପ୍ର.):ଆଜି ଗୋଟିଏ ଦିନରେ ଦୁଇ ଦୁଇ ଜଣ ସରକାରୀ ଅଧିକାରୀ ଭିଜିଲାନ୍ସ ପଞ୍ଝାରେ ପଡ଼ିଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକର ବାରଙ୍ଗ ତହସିଲର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡା ଏବଂ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ବାଞ୍ଚ ପଞ୍ଚାୟତ ପିଇଓ ଜିତେନ୍ଦ୍ର କୁମାର ଜେନାଙ୍କ ଘରେ ଭିଜିଲାନ୍ସ ଚଢ଼ଉ ହୋଇଛି ।

ବାରଙ୍ଗ ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡାଙ୍କ ଘରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉ କରିଛି। ମଙ୍ଗଳବାର ସକାଳୁ ଏକକାଳୀନ ୪ଟି ସ୍ଥାନରେ ରେଡ୍ ମାରିଛି ଭିଜିଲାନ୍ସ ଟିମ୍। ଚଢ଼ାଉରେ ଜିତେନ୍ଦ୍ର ପଣ୍ଡାଙ୍କ ଘରୁ ୭୫ ଲକ୍ଷ ଜବତ କରାଯାଇଛି। ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ କଲୋନୀ ସ୍ଥିତ ଶାଶୁଙ୍କ ଘରୁ ଏହି ୭୫ ଲକ୍ଷ ଜବତ ହୋଇଛି। ଏଥିସହ ୩ଟି ସୁଉଚ୍ଚ କୋଠା, ଗୋଟିଏ ଫ୍ଲାଟ ଓ ୪ଟି ଦାମୀ ପ୍ଲଟ ପାଇଛି ଭିଜିଲାନ୍ସ।

ଭୁବନେଶ୍ୱର ବଡ଼ଗଡ଼ର ଗୋପାଳୁଣୀ ନଗରରେ ୩ ମହଲା କୋଠା ରହିଛି। ବଡ଼ଗଡ଼ ବ୍ରିଟ କଲୋନୀରେ ୩ ମହଲା କୋଠା ଓ ଉତ୍ତରାରେ ୨ ବିଏଚକେ ଫ୍ଲାଟ ସହ ଖୋର୍ଦ୍ଧାର ସାନପଲ୍ଲୀଠାରେ ୨ ମହଲା କୋଠା ମଧ୍ୟ ରହିଛି। ଭୁବନେଶ୍ୱରରେ ୩ଟି ଓ ଖୋର୍ଦ୍ଧାରେ ଗୋଟିଏ ଦାମୀ ପ୍ଲଟ ଠାବ କରାଯାଇଛି। ୧୦୦ ଗ୍ରାମ ସୁନା, ଗୋଟିଏ ଦାମୀ କାର୍ ସମେତ ୪ଟି ବାଇକ,ଏକାଧିକ ବ୍ୟାଙ୍କ ଖାତା ଓ ପୋଷ୍ଟାଲ ଜମାର ତଦନ୍ତ ଜାରି ରହିଛି। ୧୯୯୫ରେ ଲ୍ୟାବ ଆସିଷ୍ଟାଣ୍ଟ ଭାବେ ମାସିକ ୨ ହଜାରରେ ଚାକିରି ଆରମ୍ଭ କରିଥିଲେ। ତେବେ ଚଢ଼ାଉ ଜାରି ରହିଥିବାରୁ ତଦନ୍ତ ଆଗକୁ ବଢ଼ିବା ସହିତ ଅଧିକ ଖୁଲାସା ହେବ ବୋଲି ଭିଜିଲାନ୍ସ ଅଧିକାରୀମାନେ ଆଶା କରୁଛନ୍ତି।

ସେହିପରି ପିଇଓ ଜିତେନ୍ଦ୍ର କୁମାର ଜେନାଙ୍କ ଘରେ ଆୟ ବହିର୍ଭୂତ ସମ୍ପତ୍ତିଠୁଳ ୬ଟି ଠିକଣାରେ ଚଢ଼ଉ କରାଯାଉଛି । କେନ୍ଦୁଝର ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ନିର୍ଦ୍ଦେଶରେ ୪ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା କୋଠାରେ ଚଢ଼ଉ ଜାରି ରହିଛି । ହାଟଡିହି ମାରେଇଗାଁ ବିରଞ୍ଚିପୁରରେ ଥିବା ଏକ ତିନି ମହଲା ବିଶିଷ୍ଟ ବାସଭବନ, ବସନ୍ତିଆ ବଜାରର ଜଗନ୍ନାଥପୁର ମୌଜାରେ ନୂତନ ନିର୍ମିତ ଦୁଇ ମହଲା ମାର୍କେଟ୍ କମ୍ପ୍ଲେକ୍ସ, ମା ସରସ୍ୱତୀ ସେଲ୍ସର ଦୁଇଟି ଭଡା ଗୋଦାମ, ବିଦ୍ୟାଧରପୁରରେ ଥିବା ମା ସରସ୍ୱତୀ ସେଲ୍ସର ଇଲେକ୍ଟ୍ରିକ୍ ଦୋକାନ, ପଡ଼ିହାରୀପାଲ୍ଲୀରେ ଥିବା ପୈତୃକ ଘର ଏବଂ ବାଞ୍ଚ ପଞ୍ଚାୟତ କାର୍ଯ୍ୟାଳୟରେ ଖୋଳତାଡ଼ କରାଯାଉଛି ।

# ପଶ୍ଚିମବଙ୍ଗରେ ଶାହଙ୍କ ରଣହୁଙ୍କାର

କୋଲକାତା,୩୦।୧୨(ନି.ପ୍ର.): ୨୦୨୬ରେ ପଶ୍ଚିମବଙ୍ଗରେ ବିଜେପି ସରକାର ଆସିବ । ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ପରେ ଦୁଇ ତୃତୀୟାଂଶ ବହୁମତ ସହ ବିଜେପି ସରକାର ଗଢ଼ିବ ବୋଲି ବଙ୍ଗଳା ମାଟିରୁ ଦୃଢ଼ତାର ସହ କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ।

କେନ୍ଦ୍ର ମନ୍ତ୍ରୀ ଶାହ ପଶ୍ଚିମବଙ୍ଗ ଗସ୍ତ ସମୟରେ କୋଲକାତାରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରଣହୁଙ୍କାର ଦେଇଛନ୍ତି । ସେ କହିଛନ୍ତି ଏପ୍ରିଲ ଯାଏ ସମୟ ବହୁତ ଗୁରୁତ୍ୱ ପୂର୍ଣ୍ଣ ଅଟେ । ୨୦୨୬ରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଭୟ, ଦୁର୍ନୀତି, କୁଶାସନ, ଏବଂ ଅନୁପ୍ରବେଶ ବଦଳରେ ବିକାଶ, ବିରାଶତ ଏବଂ ଗରୀବ କଲ୍ୟାଣ ପାଇଁ ଏକ ମଜବୁତ ସରକାର ବନାଇବାକୁ ବଙ୍ଗଳାର ଜନତା ସଂକଳ୍ପ ନେଉଛନ୍ତି । ତୃଣ ମୂଳ କଂଗ୍ରେସର ୧୫ ବର୍ଷ ଶାସନରେ ଜନତା ଅନୁପ୍ରବେଶକାରୀଙ୍କୁ ନେଇ ଚିନ୍ତିତ, ଭୟଭୀତ ଏବଂ ଆତଙ୍କିତ ଅବସ୍ଥାରେ ରହିଛନ୍ତି । କିନ୍ତୁ ମୋଦୀଜୀଙ୍କ ନେତୃତ୍ୱରେ



ବଙ୍ଗଳାରେ ବିଜେପି ସରକାର ଆସିବା ପରେ ପୁଣି ଥରେ ବିକାଶର ଗଙ୍ଗା ବୋହିବ । ଅନ୍ୟ ଏନଡିଏ ଶାସିତ ରାଜ୍ୟ ଭଳି ଗରିବ ବିକାଶକୁ ଗୁରୁତ୍ୱ ଦିଆଯିବା ବୋଲି ଶାହ ପ୍ରତିଶ୍ରୁତି ଦେଇଛନ୍ତି ।

ସେହିପରି ବିଜେପି ସରକାର ଆସିଲେ ଖୋଜି ଖୋଜି ଅନୁପ୍ରବେଶକାରୀଙ୍କୁ ବାହାର କରାଯିବ। ମମତା ବାନାର୍ଜୀଙ୍କ ଦୁର୍ନୀତିରେ ବଙ୍ଗଳାରେ ବିକାଶର ଗତି ଠପ୍ ହୋଇଯାଇଛି । ଗତ ୧୪ ବର୍ଷରେ ଭୟ ଏବଂ ଭ୍ରଷ୍ଟାଚାର ବଙ୍ଗଳାର ପରିଚୟ ହୋଇଯାଇଛି । କିନ୍ତୁ ୧୫ ଏପ୍ରିଲ ୨୦୨୬ ପରେ ଯେତେବେଳେ ବିଜେପି ସରକାରର ଆସିବ ବଙ୍ଗ ସଂସ୍କୃତି ଏବଂ ଗୌରବକୁ ପୁନର୍ଜୀବୀତ କରାଯିବ । ବିଜେପି ପାଇଁ ବଙ୍ଗ ଭୂମି ବହୁତ ପବିତ୍ର ଅଟେ । କାରଣ ବିଜେପିର ସ୍ଥାପନା ବଙ୍ଗ ଭୂମିର ସନ୍ତାନ ଶ୍ୟାମା ପ୍ରସାଦ ମୁଖାର୍ଜୀ କରିଛନ୍ତି ।

ଅନୁପ୍ରବେଶକୁ ନେଇ ଖୁବ ବର୍ଷିଛନ୍ତି ଶାହ । କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଧାରା ୩୭୦ ଉଚ୍ଛେଦ ଓ ସିଏଏ ଲାଗୁ କରିବାକୁ ମମତା ବିରୋଧ କରିଛନ୍ତି । ସୀମାରେ ବାଡ଼ ନିର୍ମାଣ ପାଇଁ ପଶ୍ଚିମବଙ୍ଗ ସରକାର ଜମି ପ୍ରଦାନ କରୁ ନାହାଁନ୍ତି । ଆସାମ, ତ୍ରିପୁରା, ଗୁଜରାଟ, ରାଜସ୍ଥାନ, ପଞ୍ଜାବ ଏବଂ କାଶ୍ମୀରରେ ଅନୁପ୍ରବେଶ ବନ୍ଦ ହୋଇଥିବାବେଳେ ପଶ୍ଚିମବଙ୍ଗରେ କାହିଁକି ଅନୁପ୍ରବେଶ ବନ୍ଦ ହେଉ ନାହିଁ ତାହାର ଜବାବ ମାଗିଛନ୍ତି ଶାହ । ଗୃହ ମନ୍ତ୍ରୀ କହିଛନ୍ତି ଅନୁପ୍ରବେଶ ଦ୍ୱାରା କେବଳ ରାଜ୍ୟ ନୁହେଁ ବରଂ ସମଗ୍ର ଦେଶର ସୁରକ୍ଷା ସହିତ ଜଡ଼ିତ । ଦେଶର ସଂସ୍କୃତି ଏବଂ ସୁରକ୍ଷାକୁ ବଞ୍ଚାଇବାକୁ ପଶ୍ଚିମବଙ୍ଗ ସୀମାକୁ ବନ୍ଦ କରିବା ସରକାର ଅତ୍ୟନ୍ତ ଆବଶ୍ୟକ । ଏହି କାମ ଟିଏମସି ନୁହେଁ ବରଂ ଭାଜପା କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଶାହ ।

ବଙ୍ଗଳା ଭଳି ଏକ ଗରିବ ରାଜ୍ୟରୁ ମନ୍ତ୍ରୀଙ୍କ ଘରୁ ମିଳୁଛି ୨୭ କୋଟି ଟଙ୍କା ମିଳୁଛି । ମମତା ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ଦୁର୍ନୀତି ପାଇଁ ଜେଲ୍ ଯାଇଛନ୍ତି । ମହିଳାମାନେ ଅସୁରକ୍ଷିତ ଅଛନ୍ତି । ସ୍ୱାଧୀନ ଭାରତରେ ମହିଳାମାନଙ୍କୁ ସନ୍ଧ୍ୟା ପରେ ଘରୁ ବାହାରକୁ ବାହାରିବାକୁ ମନା କରାଯାଉଛି । ଏଠାରେ ମୋଗଲ ଶାସନ ଚାଲିଛି । ଅପାରଗ ସରକାରଙ୍କୁ ହଟାଇବାକୁ ଆହ୍ୱାନ କରିଛନ୍ତି ଶାହ ।

ଆଞ୍ଚଳିକ ମନ୍ଥନ

ବୁଧବାର,୩୧,ଡିସେମ୍ବର,୨୦୨୫ Wednesday,31 December 2025, Bhubaneswar





## ଶରତପ୍ରେମୀ ପରିବାରର ବନ୍ଧୁ ମିଳନ ଉତ୍ସବ

ମାହାଙ୍ଗା, **୩୦।୧୨:(ମନ୍ଥନ)**ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଅସୁରେଶ୍ୱର ରଥଦାଣ୍ଡଠାରେ ଗତ ୨୮ ତାରିଖ ବୁଧବାର ଦିନ ଶରତ ପ୍ରେମୀ ପରିବାର ପକ୍ଷରୁ ବନ୍ଧୁ ମିଳନ ଉତ୍ସବ ବିଶିଷ୍ଟ ସାହିତ୍ୟିକ ସ୍ତମ୍ଭକାର ତଥା ନିର୍ଭୀକ ପତ୍ରିକାର ସଂପାଦକ ଅବନୀ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶରତପ୍ରେମୀ ପରିବାରର ମୁଖ୍ୟ ସଂଚାଳକ ତଥା ଶରତ କର ଅନୀମା କର ଫାଉଣ୍ଡେସନର ଅଧକ୍ଷ ପୂର୍ବତନ ଆୟକର କମିଶନର ଶୋଭନ କର ଯୋଗଦେଇ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଏକ ସଭ୍ୟ ସଂସ୍କୃତି ସଂପନ୍ନ ଅଂଚଳ ଏବଂ ଏହାର ଗରିମା ବଜାୟୀ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଆହ୍ୱାନ ଦେଇଥିଲେ । ସର୍ବପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପମାଳ, ଧୂପ, ଦୀପ ଅର୍ପଣ କରାଯିବା ପରେ ଏହି ଅଂଚଳର ଦିବଂଗତ ପ୍ରିୟ ରାଜନେତା ସ୍ୱର୍ଗତ ଶରତ କରଙ୍କ ପ୍ରତିଛବିରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୬୪ ଗୋଟି ପଂଚାୟତର ସହସ୍ରାଧିକ ବୁଦ୍ଧିଜୀବୀ, ରାଜନେତା, ବୟୋଜ୍ୟେଷ୍ଠ ମୁରବୀ, ଶିକ୍ଷାବିତ୍ ,କବି ସାହିତ୍ୟିକ, ସମାଜସେବୀ.ଛାତ୍ର ଛାତ୍ରୀ ମହିଳା , ସାମ୍ବାଦିକ, କୃଷକ ଓ ଶ୍ରମିକମାନେ ଯୋଗଦେଇ ପରସ୍ପର ଭାବ ବିନିମୟ କରିଥିଲେ । ଓଡିଶାର ସାଂସ୍କୃତିକ ରାଜଧାନୀ ତଥା ରାଜ୍ୟର ବହୁ ଖ୍ୟାତନାମା ବରପୁତ୍ର ମାନଙ୍କର ଜନ୍ମସ୍ଥଳ ଭାବେ ଆମ ମାଟିର ମହକକୁ ଅଧିକ ବିକଶିତ କରିବା ପ୍ରୟାସ ନେଇ ଏହି ପାରିବାରିକ ବନ୍ଧୁ ମିଳନ ଉତ୍ସବର ଆୟୋଜନ ବୋଲି ସଭାପତି ଶ୍ରୀ ଦାସ ମତବ୍ୟକ୍ତ କରିଥିଲେ । ଏହିକାର୍ଯ୍ୟକ୍ରମରେ ରାମଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଶିକ୍ଷକ ବଟକୃଷ୍ଣ ସ୍ୱାଇଁ, ଅବସରପ୍ରାପ୍ତ ଅଧିକାରୀ ଦେବବ୍ରତ ପଣ୍ଡା, ପୂର୍ବତନ ସମିତିସଭ୍ୟ ହରିବନ୍ଧୁ ରାଉତ, ରୁଦ୍ରନାରାୟଣ ସିଂ, କୃଷକ ନେତା ରାମଚନ୍ଦ୍ର ସ୍ୱାଇଁ, ସାହିତ୍ୟିକ ଶ୍ରୀନିବାସ ସାହୁ, ପ୍ରାକ୍ତନ ପଂଚାୟତ ସମିତି ଅଧକ୍ଷ ଅଶୋକ କୁମାର ମିଶ୍ର, ପ୍ରାଧାପକ ବିରୁପାକ୍ଷ ରାୟ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଶୁଭେନ୍ଦୁ ସାମଲ, ଡ. ଏକାଦଶୀ ପ୍ରଧାନ, ଉତ୍ସବ ମହାପାତ୍ର, ରାମଚନ୍ଦ୍ର ବେହେରା, ବିଜୟ କୁଅଁର, ହୃଷିକେଶ ବେହେରା, ଅକ୍ଷୟ ସାହୁ, ଅବଦୁଲ କୁଦୁଶ, କେଦାର ସାମନ୍ତରାୟ, ସୁଶାନ୍ତ ନାୟକ, ଜିଆଉଲ ହକ୍, ଆର୍ଶିବାଦ ଦାସ ପ୍ରମୁଖ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ । ଏହି ଭବ୍ୟ ସମାରୋହରେ ଓଡିଶାର ସୁନାମଧନ୍ୟ ସେବା ସଂସ୍ଥାନ କିଶୋର ନିଶାମୁକ୍ତ ପୁନର୍ବାସ କେନ୍ଦ୍ର ପରିବର୍ତ୍ତନର ପ୍ରତିଷ୍ଠାତା ନରୋତ୍ତମ ଦାସଙ୍କ ତତ୍ୱାବଧାନାରେ ସଂସ୍କାର କିଶୋର କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଶଷ କରାଯାଇଥିଲା ।

## ପହଙ୍ଗା ଦିବ୍ୟ ଜୀବନ ସଂଘ ର ବାର୍ଷିକ ଉତ୍ସବ ତଥା ଆଧ୍ୟାତ୍ମିକ ବିକାଶ ଶିବିର

ନିଆଳି, **୩୦।୧୨:(ମନ୍ଥନ)**ନିଆଳି ବ୍ଲକ ଅନ୍ତର୍ଗତ ପହଙ୍ଗା ପଞ୍ଚାୟତ ରେ ଅବସ୍ଥିତ ଦିବ୍ୟ ଜୀବନ ସଂଘ ର ବାର୍ଷିକ ଉତ୍ସବ ତଥା ଏକ ଦିବସୀୟ ବ୍ୟକ୍ତିତ୍ୱ ବିକାଶ ଶିବିର ସଂଘ ସମ୍ମୁଖ ପଡିଆରେ ମହାସମାରୋହରେ ପାଳିତ ହୋଇ ଯାଇ ଅଛି ଓ ବାର୍ଷିକ ଉତ୍ସବଟିକୁ ସକାଳ ଠାରୁ ରାତ୍ର ପର୍ଯ୍ୟନ୍ତ ତିନୋଟି ଅଧିବେଶନରେ ସମାପ୍ତ ହୋଇଥିଲା ଓ ପ୍ରାତଃ ଅଧିବେଶନ ପହଙ୍ଗା ଉଚ୍ଚ ବିଦ୍ୟାଳୟ , ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସରସ୍ୱତୀ ବିଦ୍ୟା ମନ୍ଦିର ରୁ ଏକ ଶହ ପଚାଶ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ପ୍ରଭାତଫେରୀ କାର୍ଯ୍ୟକ୍ରମ ସମ୍ପନ୍ନ କରି ଯୋଗ ଅଭ୍ୟାସ ଯୋଗଗୁରୁ ଡାଃ. ବିଶ୍ୱ ରଞ୍ଜନ ରଥ ଙ୍କ ନେତୃତ୍ୱ ରେ ସମ୍ପର୍ଣ କରିଥିଲେ । ମଧାହ୍ନ ଅଧିବେଶନ ଡାଃ. ବାବାଜୀ ଚରଣ ଦାଶ ଙ୍କ ନେତୃତ୍ୱରେ ଡାଃ. ପ୍ରତିଭା ପଲେଇ ରାଉତ,ଡାଃ. ଶ୍ତୋବାରିକ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀ ଙ୍କ ସହଯୋଗ ରେ ନିଶୁଳ୍କ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ଅଧିବେଶନରେ ସଂଘର ସମ୍ପାଦକ ପ୍ରଭାକର ରାଉତ ଙ୍କ ପରିଚାଳନାରେ ଏକ ଆଧାତ୍ମିକ ସମ୍ମିଳନୀ କାର୍ଯ୍ୟ ଆରମ୍ଭ କରଯାଇଥିଲା । ସଭାରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ବେଦାନ୍ତ ବିଜ୍ଞାନ ଗୁରୁକୁଳ ଆଶ୍ରମ ର ପ୍ରମୂଖ ସ୍ୱାମୀ ଭାଗବତା ନନ୍ଦ ସରସ୍ୱତୀ ମହୋଦୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରଦ୍ଧାଳୁ ମାନଙ୍କୁ ଦିବ୍ୟ ଜୀବନ ପ୍ରାପ୍ତି ନିମନ୍ତେ କାହାଣୀ ମାଧମରେ ଆର୍ଶିବଚନ ପ୍ରଦାନ କରିଥିଲେ ଓ ପ୍ରମୂଖ ସମ୍ମାନୀୟ ଅତିଥି ରୂପେ ଭୁବନେଶ୍ୱର ଶିବାନନ୍ଦ ଶତବାର୍ଷିକ ବିଦ୍ୟାଳୟ ର ସମ୍ପାଦକ ତଥା ଓଡିଶା ଦିବ୍ୟ ଜୀବନ ସଂଘ ର ସଂଗଠକ ଜୟ ଚନ୍ଦ୍ର ନାୟକ, ସମ୍ମାନୀୟ ଅତିଥି ରୂପେ ଯୋଗ ଗୁରୁ ଡାଃ. ବିଶ୍ୱ ରଞ୍ଜନ ରଥ,ସଂଘ ର ଉପଦେଷ୍ଟା :ଡାଃ. ବାବାଜୀ ଚରଣ ଦାଶ, ବିଦ୍ୟାଧର ରାଉତ, ବିଦ୍ୟାଧର ପଣ୍ଡା ପ୍ରମୂଖ ସାମାଜିକ ଜୀବନରେ ଦିବ୍ୟ ଜୀବନ ପ୍ରାପ୍ତି ନିମନ୍ତେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ଅଭିଭାଷଣ ପ୍ରଦାନ କରିଥିଲେ ଓ ଯୋଗ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଥିଲା ଓ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ସଂଘର ସଭ୍ୟ ସଭ୍ୟା , ଶୁଭେଚ୍ଛୁ, ଗୁରୁ ମା ବେବିନା ନାୟକ ଓ ବିଦୁଲତା ନାୟକ ପ୍ରମୂଖ ସହଯୋଗ କରି ଥିଲେ ।

## ଶିଶୁ ସାହିତ୍ୟିକ ଗୋପୀନାଥ ଦଣ୍ଡସେନାଙ୍କୁ ଶୁଆଶାରୀ ସମ୍ମାନ

ବଲାଙ୍ଗୀର,**୩୦।୧୨:(ମନ୍ଥନ)**ସୁନ୍ଦରଗଡ଼ ଜିଲ୍ଲାର ଟେନସାରୁ ପ୍ରକାଶିତ ଶିଶୁ କିଶୋର ପତ୍ରିକା ଶୁଆ । ଶାରୀ ପତ୍ରିକାର ରୌପ୍ୟ ଜୟନ୍ତୀ ସମାରୋହ ଟେନସା ସୋସିଆଲ ସେଣ୍ଟର୍ ରେ ଅନୁଷ୍ଠିତ ହୋଇଯାଇଛି । ଏଇ ଅବସରରେ କୋଇଡା ବିଡ଼ିଓ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ବିଧାୟକ ମୁଣ୍ଡା ଶିଶୁ ସାହିତ୍ୟର ଗୁରୁ ଉପରେ ଆଲୋକପାତ କରି କହିଥିଲେ ଯେ ପ୍ରତ୍ୟେକ ଅଭିଭାବକ ଶିଶୁମାନଙ୍କୁ ନିୟମିତ ଭାବେ ପତ୍ରପତ୍ରିକା ପଢିବାକୁ ଦେବା ଉଚିତ । ପିଲାବେଳୁ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ହେଲେ ଆମ ଭାଷା ସାହିତ୍ୟ ଦୀର୍ଘ ଦିନ ଧରି ସମୃଦ୍ଧ ରହିପାରିବ ଓ ଶିଶୁ କିଶୋର ପତ୍ରିକାମାନ ବଞ୍ଚି ରହିବ । ଅନ୍ୟତମ ସମ୍ମାନୀତ ଅତିଥି ବଲାଙ୍ଗିରର ବିଶିଷ୍ଟ ଶିଶୁ ସାହିତ୍ୟିକ ଗୋପୀନାଥ ଦଣ୍ଡସେନା ସମସ୍ତ ଅଭିଭାବକ ମାନେ ପତ୍ରିକା ଖଣ୍ଡେ କିଣି ପିଲାମାନଙ୍କୁ ଦେଲେ ପତ୍ରିକାଟିଏ ଦୀର୍ଘ ବର୍ଷ ଧରି ଶିଶୁଙ୍କ ସେବାରେ ରହି ପାରିବ ବୋଲି ମତ ଦେଇଥିଲେ । ଦୀର୍ଘ ବର୍ଷ ଧରି ଶିଶୁ ସାହିତ୍ୟ ରଚନା କରିବା ସହ ଶିଶୁ ପତ୍ରିକା ଟିଂକି କାଇଁଚ ପତ୍ରିକା ପ୍ରକାଶନ କରିବା ପାଇଁ ଶ୍ରୀ ଦଣ୍ଡସେନାଙ୍କୁ ଶୁଆ । ଶାରୀ ସମ୍ମାନ ୨୦୨୫ ରେ ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ ଉତ୍ସବରେ ସମୀର କୁମାର ପାଢ଼ୀଙ୍କ ସମ୍ପାଦିତ ଶିଶୁ ପତ୍ରିକା ଶୁଆ । ଶାରୀ ଉନ୍ମୋଚିତ ହୋଇଥିଲା ।ଏହି ପରିପ୍ରେକ୍ଷୀରେ କବି ଦଣ୍ଡସେନାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି ।

## ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ

ମାହାଙ୍ଗା,**୩୦।୧୨:(ମନ୍ଥନ)**ମାହାଙ୍ଗା ଅଂଚଳର ଜଣାଶୁଣା ଶିଶୁସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଚଳିତବର୍ଷର ସମ୍ମାନଜନକ "ଶ୍ରୀକ୍ଷେତ୍ର ଶିଶୁସାହିତ୍ୟ ସମ୍ମାନ-୨୦୨୫" ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ପବିତ୍ର ବଡଦିନ ଅବସରରେ ଶ୍ରୀକ୍ଷେତ୍ର ପୁରୀର ଅଗ୍ରଣୀ ଶିଶୁସାହିତ୍ୟ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ୩୩ତମ ବାର୍ଷିକ ଉତ୍ସବ ପୁରୀସ୍ଥିତ ୟୁଥ୍ ହଷ୍ଟେଲ ସଭାଗୃହରେ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ପ୍ରାକ୍ତନ ନିର୍ଦ୍ଦେଶକ ଓଡ଼ିଆ ଭାଷା ପ୍ରତିଷ୍ଠାନ ଡଃ କୈଳାସ ଚନ୍ଦ୍ର ଟିକାୟତ, ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲିକ, ମୁଖ୍ୟ ବକ୍ତା ଭାବେ ଶିଶୁ କିଶୋର ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ଦାଶ ବେନହୁର, ବରେଣ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ, ଅନୁଷ୍ଠାନର ଉପସଭାପତି ସାହିତ୍ୟିକ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଏହି ଉତ୍ସବରେ ଯୋଗଦେଇ ଶ୍ରୀ ସାହୁଙ୍କୁ ମାନପତ୍ର , ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏଥିପାଇଁ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ଓ ବୁଦ୍ଧିଜୀବିମାନେ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ମାହାଙ୍ଗା ସାହିତ୍ୟି ସମାଜର ସଂପାଦକ ପ୍ରାବନ୍ଧିକ ଡଃ ଏକାଦଶୀ ପ୍ରଧାନ, ଦ୍ୱିତୀୟଭଞ୍ଜ ସାହିତ୍ୟି ସଂସ୍କୃତି ସଂସଦର ସଂପାଦକ କବି ଗୌତମ ଚରଣ ଜେନା, ମାହାଙ୍ଗା ବଡଚଣା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ଭକ୍ତ ଚରଣ ସାହୁ, ସ୍ତମ୍ଭକାର ବିବେକାନନ୍ଦ ଦାସ, କବି ମନୋଜ ମହାପାତ୍ର, ରାଜକିଶୋର ମିଶ୍ର, ଶିକ୍ଷାଗୁରୁ ବ୍ରଜସୁନ୍ଦର ନାୟକ, ପଣ୍ଡିତ ହୃଷିକେଶ ରଥ, ଛାତ୍ର ଜ୍ୟୋତିରଂଜନ ମହାନ୍ତି, ଶିକ୍ଷକ ରମାକାନ୍ତ ଦାସ, ନବଉତ୍କଳ ଲେଖକ ପରିଷଦର ସଭାପତି ଶ୍ରୀଧର ଶେଖର ମହାପାତ୍ର, କବି ବିଜୟ କୁଅଁର, ପରିବେଶ ବିତ୍ ପ୍ରମୋଦ କୁମାର ଦାଶ, କବି ନାରାୟଣ ମୁଦୁଲୁ, ଶିକ୍ଷାବିତ୍ ପ୍ରାଧ୍ୟାପକ ଡଃ ନିଖିଳେଶ ମହାନ୍ତି, ଶିକ୍ଷାଗୁରୁ ସରୋଜ କାନ୍ତ ମହାପାତ୍ର, ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ଡଃ. ବସନ୍ତ କିଶୋର ସାହୁ, ଉମାକାନ୍ତ ପ୍ରଧାନ, ଇଂ ସରୋଜ କୁମାର ସାମଲ ପ୍ରମୁଖ ଶ୍ରୀ ସାହୁଙ୍କୁ ବଧାଇ ଜଣାଇଛନ୍ତି ।

## ସାଇ ସାହିତ୍ୟ ସଂସ୍ଥାନ ପକ୍ଷରୁ ଶୀତବସ୍ତ୍ର ବର୍ଣ୍ଟନ

ଡେଲାଙ୍ଗ,**୩୦।୧୨:(ମନ୍ଥନ)** ସାଇ ସାହିତ୍ୟ ସଂସ୍ଥାନ ପକ୍ଷରୁ ଅସହାୟ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି । ସହାୟତା ପ୍ରଦାନ ସମାରୋହ ଅବସରରେ ଅୟୋଜିତ ସମାବେଶରେ ପ୍ରାକ୍ତନ ଶିକ୍ଷୟିତ୍ରୀ ଉର୍ବଶିନୀ ନାୟକଙ୍କ ଅଧକ୍ଷତାରେ କବି ରବିନ୍ଦ୍ରନାଥ ଷଡଙ୍ଗୀ, ବନ୍ଦନା ପତ୍ରିକାର ସମ୍ପାଦକ ବନ୍ଦନା ମହାପାତ୍ର, ସାହିତ୍ୟିକ ଜ୍ୟୋସ୍ନାମୟୀ ସ୍ୱାଇଁ, କବି ଶରତଚନ୍ଦ୍ର ମହାପାତ୍ର ,ସାମାଜିକର୍ମୀ ବାସୁଦେବ ସେଠୀ, ସୁକାନ୍ତ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବୃଦ୍ଧ ଓ ବୃଦ୍ଧାମାନେ ସମାଜରେ ଅଲୋଡା ନୁହଁନ୍ତି କହିଥିଲେ । ସେମାନେ ସମାଜର ଏକ ସଶକ୍ତ ଅଙ୍ଗ । ସେମାନଙ୍କ ଅଭିଜ୍ଞତା ସମାଜକୁ ସଠିକ୍ ମାର୍ଗରେ ଗଢିତୋଳିବା ପାଇଁ ଦିଗଦର୍ଶନ ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଦିବ୍ୟାଙ୍ଗ ଓ ବୟସ୍କ ମୋଟ ୯୮ ଜଣଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା । ସଂସ୍ଥାନର ସମ୍ପାଦକ ସୁଦର୍ଶନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟାବ୍‌ର ସମ୍ବର୍ଦ୍ଧନା ସମାରୋହ, ଛାତ୍ରଛାତ୍ରୀଙ୍କ ୨୬ଟି ସ୍ୱର୍ଣ୍ଣ ଓ ୯ଟି ରୌପ୍ୟ ପଦକ ହାସଲ

ବ୍ରହ୍ମପୁର,**୩୦।୧୨:(ମନ୍ଥନ)**ସ୍ଥାନୀୟ ଟାଟା ବେଞ୍ଜ୍ ସ୍ଥିତ ହିଲପାଟଣା ସିଦ୍ଧି ବିନାୟକ ମନ୍ଦିର ନିକଟ ଟାବ୍ କାର୍ଯ୍ୟାଳୟରେ ସୋମବାର ଏକ ସମ୍ବର୍ଦ୍ଧନା ସମାରୋହ ଉତ୍ସବ ଆୟୋଜିତ ହୋଇଥିଲା ଯ ସଂଘ ସଚିବ ତଥା ମୁଖ୍ୟ କୋଚ୍ ଇ. ସତ୍ୟ ନାରାୟଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଶ୍ରୀ ଜିତେନ୍ଦ୍ର କୁମାର ମୁନି, ସଭାପତି ସତ୍ୟବ୍ରତ ଦାସ ପ୍ରମୁଖ ଯୋଗଦାନ କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ପରିପ୍ରେକ୍ଷୀରେ ସଚିବ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଭଦ୍ରକ ଜିଲ୍ଲାର ବିଜୁ ପଟ୍ଟନାୟକ ମଲ୍ଟି ପର୍ପୋଜ୍ ଇନଡୋର୍ ହଲ୍ ଠାରେ ଗତ ୨୬ରୁ ୨୮ ପର୍ଯ୍ୟନ୍ତ ୩ ଦିନ ଧରି ଓପନ୍ ରାଜ୍ୟ ଟାଏକ୍ୱଣ୍ଡୋ ଚ୍ୟାମ୍ପିୟନଶିପ୍ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଟାଏକ୍ୱଣ୍ଡୋ ଆସୋସିଏସନ୍ ଅଫ ବ୍ରହ୍ମପୁର



ପକ୍ଷରୁ ମୋଟ ୨୮ଜଣ ଖେଳାଳି ଅଂଶ ଗ୍ରହଣ କରି କ୍ୟୋରୁଗି ଏବଂ ପୁମସେ ଇଭେଣ୍ଟରେ ଅପୂର୍ବ ସଫଳତା ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଖେଳାଳି ମାନେ ନିଜ ଚମତ୍କାର ପ୍ରଦର୍ଶନ କରି ୨୬ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ସହ ୬ଟି କାଂସ୍ୟ ପଦକ ହାସଲ କରିଥିବା ବେଳେ, ଆଜି ସଂଘ ପକ୍ଷରୁ ସମସ୍ତ କୃତି ପ୍ରତିଯୋଗୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଏନେଇ ଏହି ସଫଳତାର ସମ୍ପୂର୍ଣ୍ଣ ଶ୍ରେୟ କୋଚ ମାନଙ୍କ ଅକ୍ଲାନ୍ତ ପରିଶ୍ରମର ଫଳ ବୋଲି ଖେଳାଳି ମାନେ ପ୍ରତିକ୍ରିୟା ରଖିଥିବା ବେଳେ, ଅତିଥି ମାନେ କୋଚ୍ ସୋନୁ ମୋହରାଣା, କୋଚ୍ ସୁଭମ କୁମାର ସାହୁ ଏବଂ କୋଚ୍ ମିସ୍ ଏମ୍. ଜୟନ୍ତୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଭବିଷ୍ୟତରେ ଏହି ପଦକ ବିଜେତା ଖେଳାଳି ମାନେ ଜାତୀୟ ସ୍ତରର ଟାଏକ୍ୱଣ୍ଡୋ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ସଚିବ ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଟାଏକ୍ୱଣ୍ଡୋ ଆସୋସିଏସନ୍ ଅଫ୍ ବ୍ରହ୍ମପୁରର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ପରିଚାଳନରେ ସହଯୋଗ କରିଥିଲେ ।

## ଜିଲ୍ଲା ବରିଷ୍ଠ ନାଗରିକ ସଂଘର କମିଟି ଗଠିତ

କୁଚିଣ୍ଡା,**୩୦।୧୨:(ମନ୍ଥନ)**ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏନ୍‌ଏସି ଅଫିସ ପାଖ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ନୂତନ ଭାବେ କମିଟି ଗଠନ କରାଯାଇଛି । କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ସଭାପତି ଧିରେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଭାବେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର କମିଟି ଗଠନର ପର୍ଯ୍ୟବେକ୍ଷକ ଟହଲି ସିହ୍ନୁ, ପୂର୍ବତନ ବିଧାୟକ ରେଙ୍ଗାଲି ଦୁର୍ଯୋଧନ ଗର୍ଡିଆ, ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘ ସଂଗଠକ ନାରାୟଣ ନାଏକ, କୁଚିଣ୍ଡା ସଂଘର ସଂପାଦକ ଜନ କାମେଲ ଲାକ୍ରା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ସ୍ତରୀୟ ନାଗରିକ ସଂଘର କମିଟି ଗଠନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ ।ଏହା ସହିତ ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ମାର୍ଗ ଦର୍ଶକ ଏସଂପର୍କରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା ।ପରେ ଜିଲ୍ଲା ସ୍ତରୀୟ ସଭାପତି,ଉପ ସଭାପତି,ସମ୍ପାଦକ,ସହ ସମ୍ପାଦକ, କୋଷାଧକ୍ଷ, ଉପଦେଷ୍ଟା ପ୍ରମୁଖ କର୍ମକର୍ତ୍ତା ଚୟନ କରାଯାଇଥିଲା ।

## ବଡଚଣା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର,**୩୦।୧୨:(ମନ୍ଥନ)**ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୯୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୫୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୫୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପ ଆରକ୍ଷୀ ଅଧିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଚଣା ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର, ଦର୍ପଣ ମାନସ କୁମାର ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

## ଏସ୍ୟୁସିଆଇ ପକ୍ଷରୁ ଗଣବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ଡେଲାଙ୍ଗ,**୩୦।୧୨:(ମନ୍ଥନ)**ଏସୟୁସିଆଇ କମ୍ୟୁନିଷ୍ଟ ଲୋକାଲ କମିଟି ପକ୍ଷରୁ ଡେଲାଙ୍ଗ ହାଟ ବଜାର ସନ୍ନିକଟ ଟାଟା ପାୱାରସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରାଯାଇଛି । କମିଟିର ସଦଶ୍ୟମାନେ ଡେଲାଙ୍ଗ ହାଟ ବଜାର ଠାରୁ ଏକ ଶୋଭାଯାତ୍ରାରେ ବାହାରି ଟାଟା ପାୱାର ବିରୋଧରେ ସ୍ଲୋଗାନ ଦେବା ସହିତ ବିଦ୍ୟୁତ ଅତିରିକ୍ତ ସୁରକ୍ଷା ଦେୟ ବାତିଲ, ସ୍ମାର୍ଟ ମିଟର ପ୍ରତ୍ୟାହାର, ୩ଶହ ୟୁନିଟ୍ ବିଦ୍ୟୁତ ଛାଡ, ଅଘୋଷିତ ବିଦ୍ୟୁତ କାଟ ବନ୍ଦ, ଉଠାଜଳ ସେଚନ ପାଇଁ ଚାଷୀଙ୍କୁ ମାଗଣା ବିଦ୍ୟୁତ ଯୋଗାଣ, ଭୁଲ ବିଦ୍ୟୁତ୍ ବିଲ ସଂଶୋଧନ ଆଦି ୧୦ ଦଫା ସମ୍ବଳିତ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ କନିଷ୍ଠଯନ୍ତ୍ରୀ ଅମରେନ୍ଦ୍ର ବେହେରାଙ୍କୁ ପ୍ରଦାନ କରିଥିଲେ । ସେହିପରି ବୁଲାଗାଇ ଗୋରୁ, ଜଙ୍ଗଲି ଜନ୍ତୁଙ୍କ କବଳରୁ ଫସଲ ସୁରକ୍ଷା, ସେବତୀପୁରର ଲୁଣା ନଦୀରେ ଅନିକଟ ନିର୍ମାଣ କରିବା, ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରକୁ ଆବଶ୍ୟକୀୟ ଡାକ୍ତର ଓ ନର୍ସ ଯୋଗାଇବା, ଶିତଳ ଭଣ୍ଡାର ନିର୍ମାଣ କରିବା, ହିତାଧିକାରୀଙ୍କୁ ୫ହଜାର ଟଙ୍କା ଭତା ପ୍ରଦାନ କରିବା , ଡେଲାଙ୍ଗକୁ ନିଶାମୁକ୍ତ କରିବା ପାଇଁ ମଦ ଦୋକାନ ବନ୍ଦ କରାଯିବା ଆଦି ୮ ଦଫା ସମ୍ବଳିତ ଦାବୀ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଡେଲାଙ୍ଗ ତହସିଲଦାର ଦେବିପ୍ରଶାଦ ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଛି । ସ୍ଥାନୀୟ କମିଟିର ସମ୍ପାଦକ କମ୍ରେଡ ଦିନବନ୍ଧୁ ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ପ୍ରତିବାଦ ସମାବେଶରେ କମ୍ରେଡ ପଦ୍ମଚରଣ ଜେନା, ବଟକୃଷ୍ଣ ସ୍ୱାଇଁ,ତ୍ରିନାଥ ପ୍ରଧାନ, ପ୍ରଶାନ୍ତ ବେହେରା, ବିଷ୍ଣୁପ୍ରଶାଦ ସ୍ୱାଇଁ, ଟୁକୁନା ବେହେରା ପ୍ରମୁଖ ସାମିଲ ହୋଇଥିଲେ ।




## ଦର୍ଶ ଇଣ୍ଟର ନ୍ୟାସନାଲ୍ ସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ

ଅନୁଗୋଳ,**୩୦।୧୨:(ମନ୍ଥନ)** ଆଦର୍ଶ ଇଣ୍ଟର ନ୍ୟାସନାଲ୍ ସ୍କୁଲ ର ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ଡିସେମ୍ବର ୨୩ ଓ ୨୪ତାରିଖ ରେଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଦିବସ ରେ ମୁଖ୍ୟ ଅତିଥି ଭାବେ ଆଦର୍ଶ ଗ୍ରୁପ୍ ର ପ୍ରତିଷ୍ଠାତା ଡକ୍ଟର ମହେଶ ଚନ୍ଦ୍ର ଧଳ ଯୋଗଦାନ କରି କ୍ରୀଡା ଉତ୍ସବ ର ମାସ୍କଟ ରିଓ କୁ ଉନ୍ମୋଚନ କରି ଏବଂ ମଶାଲ ର ପ୍ରଚଳନ ପୂର୍ବକ କ୍ରୀଡା ମହୋତ୍ସବ ର ଶୁଭାରମ୍ଭ କରିଥିଲେ । ଏହା ପରେ ବିଦ୍ୟାଳୟ ର ୩୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ଉତ୍ସବ ର ଦ୍ୱିତୀୟ ତଥା ଉଦଯାପନୀ ଦିବସରେ ବିଦ୍ୟାଳୟର ଭାଇସ ଚେୟାରମ୍ୟାନ ଶ୍ରୀମତୀ ଆର୍ଯ୍ୟସୁତା ଧଳ ଯୋଗଦାନ କରିଥିଲେଯ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ପ୍ରଦାନଏବଂ ବିଭିନ୍ନ ବର୍ଗ ର ଚାମ୍ପିଆନ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମଶାଲ କୁ ଲିଭାଇ କ୍ରୀଡା ଉତ୍ସବ ର ସମାପନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଅଧକ୍ଷ ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ଭୋଇ ଙ୍କ ଅକ୍ଲାନ୍ତ ପରିଶ୍ରମ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଶିକ୍ଷକ ଓ ଅଭିଭାବକ ମାନଙ୍କ ମିଳିତ ପ୍ରଚେଷ୍ଟା ରେ କାର୍ଯ୍ୟକ୍ରମ ଟି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା । ପରିଶେଷରେ ବିଦ୍ୟାଳୟରକୋଡିନେଟର ପ୍ରତ୍ୟୁଷ କୁମାର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମ କୁ ସମାପ୍ତ କରିଥିଲେ ।

## ସ୍ତମ୍ଭକାର ବିବେକାନନ୍ଦ ଦାସଙ୍କ ମାନବିକତାର ବିଚାର ପୁସ୍ତକ ଲୋକାର୍ପିତ

ମାହାଙ୍ଗା,**୩୦।୧୨:(ମନ୍ଥନ)** ମାହାଙ୍ଗା ଅଂଚଳର ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ବିବେକାନନ୍ଦ ଦାସଙ୍କ ରଚିତ ମାନବିକତାର ବିଚାର ପୁସ୍ତକ ଗତ ୨୭ତାରିଖି ଶନିବାର ଦିନ ଶ୍ରୀରାମଚନ୍ଦ୍ର ଭବନ, କଟକ ପରିସରରେ ଓଡ଼ିଶା ସରକାରଙ୍କ ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ଜନମଙ୍ଗଳ ଅନୁଷ୍ଠାନର ରୌପ୍ୟଜୟନ୍ତୀ ଅବସରରେ ଲୋକାର୍ପିତ ହୋଇଯାଇଛି । ଏହି ଉତ୍ସବରେ ଜନମଙ୍ଗଳ ସଭାପତି ତଥା ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ପୌରହିତ୍ୟ କରିଥିଲେ । ଉଦ୍‌ଘାଟକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶ୍ୱ ଭାରତୀ ଶାନ୍ତି ନିକେତନର ପ୍ରଫେସର ଡଃ ବୈଷ୍ଣବ ଚରଣ ସାମଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଉଦ୍‌ଘାଟନ କରି ସାହିତ୍ୟିକମାନେ ସମାଜ ପରିବର୍ତ୍ତନରେ ମୁଖ୍ୟଭୂମିକା ଗ୍ରହଣ କରିଛନ୍ତି । ଉନ୍ନତମାନର ସାହିତ୍ୟ ସୃଷ୍ଟି କରି ଲେଖକମାନେ ବର୍ତ୍ତମାନ ସମାଜରେ ଘଟୁଥିବା ଦୁର୍ନୀତି ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ଆୟକର କମିଶନର ତଥା ଶରତ କର ଓ ଅନିମାକର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଶୋଭନ କର ଯୋଗଦେଇ ଶ୍ରୀଯୁକ୍ତ ଦାସଙ୍କ ପୁସ୍ତକ ସଂପର୍କରେ ଆଲୋକପାତ କରିବା ସହ ସେ ନିର୍ଭୀକ ସାମ୍ବାଦିକ ଓ ଲେଖକ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ମତ ଦେଇଥିଲେ । ବିଶିଷ୍ଟ ଅତିଥିଭାବେ ଅର୍ନ୍ତଜାତୀୟ ଓଡ଼ିଆ ସ୍ୱାଭୀମାନ ପ୍ରତିଷ୍ଠାନର ପ୍ରତିଷ୍ଠାତା ସୁଶାନ୍ତ କୁମାର ସାବତ, ମୁଖ୍ୟ ବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭାବେ ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି,ବରେଣ୍ୟ ଅତିଥି ଭାବେ ଉତ୍କଳସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ପ୍ରାବନ୍ଧିକ ଡଃ.ଏକାଦଶୀ ପ୍ରଧାନ ଯୋଗଦେଇ ସାହିତ୍ୟ ସାଧନା ଅଧିକରୁ ଅଧିକ ଲେଖକମାନେ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅର୍ଚ୍ଚିତା ପ୍ରିୟଦର୍ଶିନୀ ଦାସ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ । ସମାଜ ସେବା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଡାକ୍ତର ନେତ୍ରାନନ୍ଦ ଭୋଇଙ୍କୁ ଜନମଙ୍ଗଳ ସମ୍ମାନ , ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଜନମଙ୍ଗଳ ସାରସ୍ୱତ ସମ୍ମାନ,ଦେବସ୍ମିତା ମିଶ୍ରଙ୍କୁ ଜନମଙ୍ଗଳ ଶିକ୍ଷାଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ରାଜେଶ କୁମାର ସାହୁ ମାନପତ୍ର ପାଠ କରିଥିଲେ । ଏହି ଅବସରରେ ଅତିଥିମାନେ ବିବେକାନନ୍ଦ ଦାସଙ୍କ ରଚିତ 'ମାନବିକାତାର ବିଚାର' ପୁସ୍ତକକୁ ଲୋକାର୍ପଣ କରିଥିଲେ ।

## ବିଜେପି ଅନୁଗୁଳ ଜିଲ୍ଲାର ନୂତନ ପଦାଧିକାରୀ ଘୋଷିତ

ଅନୁଗୁଳ,**୩୦।୧୨:(ମନ୍ଥନ)**ଅନୁଗୁଳ ଜିଲ୍ଲା ବିଜେପି ର ଜିଲ୍ଲା ପଦାଧିକାରୀ ତଥା ନୂତନ କମିଟି ଘୋଷଣା କରାଯାଇଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ବିଧିବଦ୍ଧ ଭାବେ ସମସ୍ତ ୨୧ ଜଣ ନୂତନ କମିଟି ଘୋଷଣା କରିଛନ୍ତି । ଜିଲ୍ଲା ଉପ ସଭାପତି ଭାବେ ନୃସିଂହ ବରାଳ, ଚୌଧୁରୀ ପ୍ରଧାନ,ରାଜେନ୍ଦ୍ର ସିଂହ, ମନୋଜ ପ୍ରଧାନ, ମୀରା ଗଡ଼ନାୟକ,ଅଞ୍ଜଳି ପ୍ରଧାନ, ସୌଭାଗିନି ପ୍ରଧାନ, ନମିତା ଦଳବେହେରା, ଜିଲ୍ଲା ସାଧାରଣ ସଂପାଦକ ଭାବେ ପ୍ରଭାତ ପ୍ରଧାନ, ସୁଦିପ ଗଡ଼ନାୟକ, ବସନ୍ତ ମଞ୍ଜରୀ ପ୍ରଧାନ ଜିଲ୍ଲା ସଂପାଦକ ଭାବେ ବୃନ୍ଦାବନ ବେହେରା, ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ସରୋଜ କୁମାର ସାହୁ, ପ୍ରହଲ୍ଲାଦ ସାମଲ, ଗୋପବନ୍ଧୁ ଗଡ଼ନାୟକ, ଯୋଗମାୟା ପ୍ରିୟଦର୍ଶିନୀ ପାଣିଗ୍ରାହୀ, ଘୋଷବନ୍ତ ପ୍ରସାଦ ବେହେରା, ସସ୍ମିତା କରୁଆ, ଓ ଜିଲ୍ଲା କୋଷାଧକ୍ଷ ଭାବେ ବିଶ୍ୱଜିତ ମିଶ୍ର ଙ୍କୁ ନୂତନ ଜିଲ୍ଲା କମିଟି ରେ ସ୍ଥାନିତ କରାଯାଇଛି । ନୂତନ କମିଟି ତୃଣମୂଳ ସ୍ତରରୁ ବିଜେପି କୁ ସୁଦୃଢ଼ କରିବ ବୋଲି ଜିଲ୍ଲା ସଭାପତି କହିଛନ୍ତି ।

## ଅନୁଗୋଳ ଜିଲ୍ଲା କଂଗ୍ରେସ ତରଫରୁ ଟାଟା ପାୱାର ଅଫିସ ଘେରାଉ

**ଅନୁଗୋଳ,୩୦।୧୨:(ମନ୍ଥନ)**ଜିଲ୍ଲା ସଭାପତି ସୁନୀଲ ପ୍ରଧାନଙ୍କ ନେତୃତ୍ୱରେ ଯୁବ, ଛାତ୍ର, ମହିଳା, କୃଷକ ଓ ଶହ ଶହ କଂଗ୍ରେସ କର୍ମୀ ଓ ନେତାଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ କଂଗ୍ରେସ ଭବନରୁ ବାହାରି ବଜାର ଛକ ଓ ରାଜା ଛକ ଦେଇ ଟାଟା ପୱାର ଅଫିସ ଘେରାଉ କରିଥିଲେ । 'ଅତିରିକ୍ତ ସୁରକ୍ଷା ଜମା (ଏଏସ୍ଡି) ବୋଝ ଉପରେ ନଳିତାବିଡ଼ାୟ ଏହା ଦାଖଲ କରନ୍ତୁ ନାହିଁ । ଆଗ ନିର୍ଦ୍ଧାରିତ ଫର୍ମରେ କୈଫିୟତ ମାଗନ୍ତୁ ଘରୋଇ ଉପଭୋକ୍ତାଙ୍କୁ ଭାଜପା ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରୁ; ୩୦୦-୪୦୦ ୟୁନିଟ୍ ଦେୟମୁକ୍ତ କରନ୍ତୁ । କୃଷିକ୍ଷେତ୍ରରେ ମଧ ସବ୍ସିଡିର ବ୍ୟବସ୍ଥା ହେଉ । ମାଗଣା ବିଜୁଳି ପାଇଲେ ଚାଷୀ ହସିବ, ରାଜ୍ୟରେ କୃଷି ଉତ୍ପାଦନ ବଢ଼ିବ ଏସବୁ ଉପରେ ବିକ୍ଷୋଭ ଓ ମନ୍ତବ୍ୟ ଦେବା ଅବସରରେ କଂଗ୍ରେସ ସଦାସର୍ବଦା ସାଧାରଣ ଲୋକ, ଗରୀବ, କୃଷକ, ଶ୍ରମିକ, ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ବଞ୍ଚିତଙ୍କ ସହିତ ରହିଛିବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଗଦାନନ୍ଦ ପ୍ରଧାନ, ଉମେଶ ସାହୁ, ଲୁଲୁ ପାଣିଗ୍ରହୀ, ପ୍ରଦ୍ୟୁମ୍ନ ସାହୁ, ତପନ ପଧାନ, ସୂଦୀପ ମିଶ୍ର, ଚିତ୍ତରଞ୍ଜନ ନାଏକ, ଗୋବିନ୍ଦ ନାଏକ, ବଳବୀର ସିଂଗ, ସଂଜୀବ ମଣ୍ଡୋଠିଆ, ବିନୋଦ ମାଝୀ, ପଦ୍ମିନୀ ଗଡ଼ନାୟକ, ଅଳକା ମହାନ୍ତି, ଅଳକା ମହାପାତ୍ର, କସିଦା ଖାନ, ସଂଗ୍ରାମ କୁଅଁର, ସଂଗ୍ରାମ ବେହେରା, ଅରୁଣ କୁମାର ଦାସ, ମାନିନୀ ପ୍ରଧାନ, ବାସୁଦେବ ସାମଲ, କୁଞ୍ଜ ବିହାରୀ ନାଏକ, ଅଶୋକ ନାଏକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।





'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ଅଙ୍ଗଦାନ କ୍ଷେତ୍ରରେ ମହିଳା ଅଗ୍ରଣୀ

ଦେଶରେ ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଅଗଷ୍ଟ ୩ ତାରିଖ ଜାତୀୟ ଅଙ୍ଗଦାନ ଦିବସ ଭାବେ ପାଳନ କରାଯାଉଥିବାବେଳେ ଅଙ୍ଗଦାନ ଜୀବନ ସଂଜୀବନୀ ନାରା ଦିଆଯାଉଛି । ସେହିପରି ଓଡିଶାରେ ଅଙ୍ଗଦାନ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର 'ସୂରଜ ପୁରସ୍କାର' ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ଲକ୍ଷ ଟଙ୍କା ଆର୍ଥୀକ ସହାୟତା ସହ ଅନ୍ତିମ ସଂସ୍କାରରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟଦା ସହକାରେ ସମ୍ପନ୍ନ ହୋଇଥାଏ । ଏହା ନିଶ୍ଚିତ ଯେ, ଅଙ୍ଗଦାନ ଜୀବନ ରକ୍ଷା କରେ । ସାମ୍ପ୍ରତିକ ସମୟରେ ଅଙ୍ଗଦାନ ଠାରୁ ବଳି ମହତ ଦାନ ଆଉ କିଛି ହୋଇନପାରେ । ଏହା ଜୀବନ ରକ୍ଷକ ହୋଇଥିବାରୁ ଆନ୍ତର୍ଜାତିକ ସ୍ତରରେ ଅଗଷ୍ଟ ୩ତାରିଖକୁ ଆନ୍ତର୍ଜାତୀୟ ଅଙ୍ଗଦାନ ଦିବସ ଭାବେ ପାଳିତ ହେଉଛି । ବିଗତ କିଛି ଦଶନ୍ଧି ଧରି ଅଙ୍ଗଦାନ ପ୍ରତି ଜନସାଧାରଣଙ୍କ ଆଗ୍ରହ ବୃଦ୍ଧି ପାଉଥିବା ସରକାରୀ ତଥ୍ୟ କହେ । ତେବେ ଦେଶରେ ଅଙ୍ଗଦାନ ନେଇ ସବିଶେଷ ତଥ୍ୟ ଦୁଇଟି ଦୃଷ୍ଟି ଆକର୍ଷଣକାରୀ ଧାରା'ର ସଂକେତ ପ୍ରଦାନ କରେ । ପ୍ରଥମତଃ ଧାରାରେ ଜୀବନ୍ତ ବା ଜୀବଦଶାରେ ଅଙ୍ଗଦାନ ମରୋଣତର ଅଙ୍ଗଦାନ ତୁଳନାରେ ଅଧିକ । କିନ୍ତୁ ଦ୍ୱିତୀୟ ଧାରାରେ ପ୍ରକୃତ ଅଙ୍ଗଦାନରେ ଓ ପ୍ରତିରୋପଣ ପରିମାଣରେ ଲିଙ୍ଗଗତ ଅସାମଞ୍ଜସ୍ୟତା ଦେଖାଯାଉଛି । ସରକାରୀ ସୂଚନା ଅନୁଯାୟୀ ଗତ ଦଶନ୍ଧିରେ ମୃତ ଅଙ୍ଗଦାନ ୨୪,୦୦୦ଠାରୁ କମ୍ ଥିଲା । ଗତ ୨୦୨୩ ମସିହାରେ ଅଙ୍ଗଦାନକାରୀଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ୬୦ପ୍ରତିଶତରୁ ଅଧିକ ଥିବାବେଳେ ପ୍ରାୟ ୬୫ପ୍ରତିଶତ ପୁରୁଷ ଅଙ୍ଗ ଗ୍ରହଣକାରୀ ଥିଲେ । ସେହିପରି ୨୦୨୩ରେ ଲିଭର ପ୍ରତିରୋପଣକାରୀଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ପ୍ରାୟ ୭୦ପ୍ରତିଶତ ଥିଲା । ଏହାର କାରଣ ମଦ୍ୟପାନ କ୍ଷେତ୍ରରେ ମହିଳାଙ୍କ ତୁଳନାରେ ପୁରୁଷଙ୍କ ସଂଖ୍ୟା ଅଧିକ ଥିବା କୁହାଯାଏ । ଏହି ବିଶ୍ଳେଷଣ ୨୦୨୪ରେ ଡ୍ରାଇଭିଂ ଲାଇସେନସ୍ ଆବେଦନକାରୀ ଦାଖଲ କରିଥିବା ସୂଚନା ଉପରେ ପର୍ଯ୍ୟବେସିତ ଥିବା କୁହାଯାଏ । ଦେଶର ୨୧ଟି ରାଜ୍ୟ ମଧ୍ୟରୁ ୧୭ଟି ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ପରେ ପୁରୁଷଙ୍କ ତୁଳନାରେ ଅଧିକ ସଂଖ୍ୟାକ ମହିଳା ସେମାନଙ୍କର ଅଙ୍ଗ କିମ୍ବା ଟିସୁ ଦାନ କରିବାକୁ ଇଚ୍ଛାବ୍ୟକ୍ତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ୭୭ଟି ରାଷ୍ଟ୍ର ମଧ୍ୟରେ ଜୀବିତ ଅବସ୍ଥାରେ ଅଙ୍ଗଦାନ ପାଇଁ ସମ୍ମତି ପ୍ରଦାନ କରିଥିବା ଅଙ୍ଗଦାନକାରୀ ତାଲିକାରେ ଭାରତ ୨୦ତମ ସ୍ଥାନରେ ରହିଥିବାବେଳେ ମୃତ ପରେ ଅଙ୍ଗଦାନ ତାଲିକାରେ ୬୭ତମ ସ୍ଥାନରେ ରହିଛି । ମହିଳାଙ୍କ କ୍ଷେତ୍ରରେ ମୃତ୍ୟୁ ପରେ ହେଉ ବା ଜୀବିତ ଅବସ୍ଥାରେ ହେଉ ଅଙ୍ଗଦାନ ପାଇଁ ବ୍ୟାପକ ଆଗ୍ରହ ତଥା ନିସ୍ୱାର୍ଥପରତା ପରିଲିଖିତ ହୋଇଛି । କିନ୍ତୁ ଏହି ନିସ୍ୱାର୍ଥପରତା ସାମାଜିକ କଟକଣାମୁକ୍ତ ନୁହେଁ । ଯେହେତୁ ପୀଡିତଙ୍କ ପରିବାର ଏବଂ ଚିକିତ୍ସକ ଜୀବନ ରକ୍ଷାପାଇଁ ଜୀବିତ ଅଙ୍ଗଦାନକାରୀଙ୍କ ଉପରେ ନିର୍ଭର କରିଥାନ୍ତି, ପୀଡିତଙ୍କ ସମ୍ପର୍କୀୟଙ୍କ ପରିସରରୁ ଉପଯୁକ୍ତ ଅଙ୍ଗଦାନକାରୀଙ୍କ ଚିହ୍ନଟ କରନ୍ତି । ସେ କ୍ଷେତ୍ରରେ ମହିଳାମାନେ ଉପଯୁକ୍ତ ସମୟରେ ଉପସ୍ଥିତ ନରହିବା ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାଯାଏ । ଏ କ୍ଷେତ୍ରରେ ସାମାଜିକ ନିୟମାବଳୀ ପ୍ରତିବନ୍ଧକ ଭାବେ ଦେଖାଯାଇଥାଏ । କିନ୍ତୁ ଏହା ନିସନ୍ଦେହ ଯେ, ପୁରୁଷଙ୍କ ତୁଳନାରେ ଆମ ଦେଶରେ ମହିଳାଙ୍କ କ୍ଷେତ୍ରରେ ଅଙ୍ଗଦାନ ପାଇଁ ଆଗ୍ରହ ପରିଲିଖିତ ହୋଇଛି । ଭାରତରେ ମୃତ ଅଙ୍ଗଦାନ ଭିତିଭୂମି ଏବଂ ଜନସାଧାରଣ ଏହାକୁ ଗ୍ରହଣ କରିବା ଏବେ ବି ବିକଶିତ ହୋଇପାରିନାହିଁ । ଅତି ସାଂଘାତିକ ଅବସ୍ଥାରେ ତଥା ଇଟେଂନସିଭ୍ କେୟାର ୟୁନିଟ୍(ଆଇସିୟୁ) ଶର୍ଯ୍ୟାରେ, ଜୀବନ ରକ୍ଷାକାରୀ ଭେଂଟିଲେଟରରେ ଥିବା ମସ୍ତିଷ୍କ ମୃତ୍ୟୁ ଘୋଷିତଙ୍କ ଦାନକାରୀ ଏବଂ ଅଙ୍ଗ ସଂରକ୍ଷଣ କରି ସ୍ୱଳ୍ପ ସମୟରେ ଯୋଗାଣ କରିବା ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ । ଜାତୀୟ ଅଙ୍ଗ ଓ ଟିସୁ ପ୍ରତିରୋପଣ ପ୍ରତିଷ୍ଠାନର ତଥ୍ୟ ଅନୁଯାୟୀ ମୃତ୍ୟୁ ପରେ ୯.୮ ପ୍ରତିଶତ ମହିଳା ସେମାନଙ୍କ ଅଙ୍ଗଦାନ ପାଇଁ ସ୍ୱେଚ୍ଛାକୃତ ଭାବେ ଆବେଦନ କରିଥିବାବେଳେ ପୁରୁଷଙ୍କ ସଂଖ୍ୟା ହେଉଛି ୮.୯ ପ୍ରତିଶତ । ଯଦି ଏହା ବାସ୍ତବ ରୁପ ନିଏ, ତେବେ ଏହା ଭାରତରେ ଅଙ୍ଗଦାନ କ୍ଷେତ୍ରରେ ଏକ ବୈପ୍ଳବିକ ପରିଣତ ଆଣିବାରେ ସହାୟକ ହେବ ।

## ସମ୍ପାଦକଙ୍କୁ ପତ୍ର

## ଓଡ଼ିଶାରେ ୧୫ ଲକ୍ଷରୁ ଅଧିକ ହୋ ଭାଷାଭାଷୀ ତଥାପି ସ୍ୱୀକୃତି ନାହିଁ

### ଶ୍ୟାମ ସୁନ୍ଦର ସାମଲ

ବର୍ଷ ବର୍ଷ ଧରି ଦାବି, ଆନ୍ଦୋଳନ, ପରେ ବି ହୋ ଭାଷାକୁ ମିଳୁନି ସାମ୍ବିଧାନିକ ସ୍ୱୀକୃତି । କେନ୍ଦ୍ର ଠାରୁ ନେଇ ରାଜ୍ୟ ପର୍ଯ୍ୟନ୍ତ ସମସ୍ତେ ଏ ବାବଦରେ ହେୟଜ୍ଞାନ କରୁଥିବା ଅଭିଯୋଗ ହୋଇଛି । ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଭଳି ଆଦିବାସୀ ବହୁଳ ଜିଲ୍ଲା ସମେତ ରାଜ୍ୟରେ ପ୍ରାୟ ୧୫ ଲକ୍ଷରୁ ଅଧିକ ହୋ ଭାଷାଭାଷୀ ଲୋକ ଅଛନ୍ତି । ହୋ ଭାଷାର ନିଜସ୍ୱ ଲିପି ୱାରାଂଚିତ ମଧ୍ୟ ରହିଛି । ୱାରାଂଚିତ ଲିପିର ସ୍ରଷ୍ଟା ଗୁରୁ ଲାକୋ ବଦ୍ରାଙ୍କ ଘର ଝାରଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲା ଖୁଣ୍ଟପାଣି ବ୍ଲକ ଅନ୍ତର୍ଗତ ପାସେୟା ଗାଁରେ ହୋଇଥିବା ବେଳେ ତାଙ୍କ ଶ୍ୱଶୁରଘର କେନ୍ଦୁଝର ସହର ଉପକଣ୍ଠ ଶରୀଷପାଳ ପଞ୍ଚାୟତ ଅତିବୃଦ୍ଧିପଡ଼ାରେ । ସେହି ଦୃଷ୍ଟିରୁ ହୋ ଭାଷା ସହିତ କେନ୍ଦୁଝରର ନିବିଡ଼ ସମ୍ପର୍କ ରହିଛି ।

ବର୍ଷ ବର୍ଷ ଧରି ହୋ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଓ ରାଜ୍ୟରେ ଦ୍ୱିତୀୟ ରାଜଭାଷା ମାନ୍ୟତା ପ୍ରଦାନ ପାଇଁ ଆନ୍ଦୋଳନ ଚାଲିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରୁନାହିଁ । ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ୨୦୦୩ ଡିସେମ୍ବର ୨୨ରେ ସାନ୍ତାଳୀ, ବୋଡ଼ୋ, ମୈଥିଳୀ, ଡୋଗ୍ରୀ ଭାଷାକୁ ସରକାରୀ ମାନ୍ୟତା ମିଳିଥିଲା । ପ୍ରଥମ କରି ଦୁଇଟି ଆଦିବାସୀ ଭାଷା ସାନ୍ତାଳୀ ଓ ବୋଡ଼ୋକୁ ସାମ୍ବିଧାନିକ ସ୍ୱୀକୃତି ମିଳିବାରୁ ଏହି ଭାଷାଭାଷୀ ଲୋକେ ଆନନ୍ଦ ପ୍ରକାଶ କରିଥିଲେ । ଓଡ଼ିଶା ସରକାରଙ୍କ ପକ୍ଷରୁ ହୋ ଭାଷା ସମେତ ସଉରା, କୁଇ, ମୁଣ୍ଡାରୀ ଓ କୋଶଳୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ ପାଇଁ ମଧ୍ୟ କେନ୍ଦ୍ରକୁ ସୁପାରିଶ କରାଯାଇଛି । ହେଲେ କିଛି ସୁଫଳ ମିଳୁନି । ଝାରଖଣ୍ଡରେ ୨୦୧୧ରେ ହୋ ଭାଷାକୁ ସେଠାକାର ସରକାର ଦ୍ୱିତୀୟ ରାଜଭାଷା ମାନ୍ୟତା ଦେଇଥିଲେ । ଅଥଚ ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶା ସରକାର ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ଦେଉନାହାନ୍ତି । ଝାରଖଣ୍ଡରେ ପ୍ରାଥମିକ ଶିକ୍ଷାଠୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ହୋ ଭାଷାରେ ପାଠ୍ୟକ୍ରମ ପ୍ରଚଳିତ ହୋଇଛି । ଓଡ଼ିଶାରେ ତାହା ସମ୍ଭବ ହେଉନାହିଁ । କିଛିବର୍ଷ ତଳେ ରାଜ୍ୟ ସରକାର ୩୧୫ ବହୁଭାଷୀ ଶିକ୍ଷକ ନିଯୁକ୍ତି କରି ପ୍ରାଥମିକ ସ୍ତରରେ ହୋ ଭାଷାରେ ପାଠପଢ଼ା ବ୍ୟବସ୍ଥା କରିଥିଲେ । ଏହାର କୌଣସି ସୁଫଳ କୋହ୍ଲ ସଂପ୍ରଦାୟକୁ ମିଳୁନାହିଁ । ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ପ୍ରବକ୍ତା ମନୋରଞ୍ଜନ ତିରିଆଙ୍କ ମତରେ ଯେଉଁ ଅଞ୍ଚଳରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ୭୦ ପ୍ରତିଶତରୁ ଅଧିକ କୋହ୍ଲ ସଂପ୍ରଦାୟର ଶିଶୁ ଥିବେ, ସେଠାରେ ହୋ ଭାଷାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷାଦାନ ହେବା କଥା । ମାତ୍ର ତାହା ହେଉନାହିଁ । ବାରମ୍ବାର ସ୍ୱର ଉତ୍ତୋଳନ ପରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା କି ସାମ୍ବିଧାନିକ ସ୍ୱୀକୃତି ମିଳୁନାହିଁ । ବର୍ତ୍ତମାନ ରାଷ୍ଟ୍ରପତି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଦିବାସୀ ହୋଇଥବାରୁ ଏହି ଭାଷାକୁ ସ୍ୱୀକୃତି ମିଳିବ ବୋଲି ହୋଭାଷାଭାଷୀ ଲୋକେ ଆଶା ରଖିଛନ୍ତି ।

ସୁଭଦ୍ରା ନଗର, ବିଡ଼ାନାସୀ , କଟକ, ଦୂରଭାଷ : ୯୭୭୮୬୩୫୯୨୬
E-mail : shyamsundra123samal@gmail.com

# ୨୦୨୫ - ସଂସ୍କାରର ବର୍ଷ

### ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ଭାରତ ବିଶ୍ୱ ପାଇଁ ଅ ।କର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଅ ।ମ ଲୋକମାନଙ୍କର ଅଭିନବ ଚିନ୍ତାଧାରା କାରଣରୁ ଏହା ସମ୍ଭବ ହୋଇପାରିଛି । ଅ ।ଜି ଦୁନିଅ । ଭାରତକୁ ଅ ।ଶା ଏବଂ ଭରସାପୂର୍ଣ୍ଣ ଦୃଷ୍ଟିରେ ଦେଖୁଛି ପରବର୍ତ୍ତୀ ପିଢ଼ିର ସଂସ୍କାରକୁ ନେଇ ଭାରତର ଦ୍ରୁତ ପ୍ରଗତିକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି । ପ୍ରତ୍ୟେକ କ୍ଷେତ୍ରରେ ଏଭଳି ପ୍ରଗତି ଦେଖିବାକୁ ମିଳିଛି ଏବଂ ଦେଶର ଅଭିବୃଦ୍ଧି କ୍ଷମତା ମଧ୍ୟ ବଢୁଛି ।

ଭାରତ ସଂସ୍କାର ଏକ୍ସପ୍ରେସରେ ସବାର ହୋଇସାରିଛି ବୋଲି ମୁଁ ଅନେକ ଲୋକଙ୍କୁ କହିଅ ।ସୁଛି ।

ଏହି ସଂସ୍କାର ବା ରିଫର୍ମ ଏକ୍ସପ୍ରେସର ମୁଖ୍ୟ ଇଞ୍ଜିନ୍ ହେଉଛି ।ଭାରତର ଜନସଂଖ୍ୟା, ଅ ।ମର ଯୁବପିଢ଼ି ଏବଂ ଅ ।ମ ନାଗରିକମାନଙ୍କର ଅଦମ୍ୟ ସାହସ ।

୨୦୨୫ ବର୍ଷ ଭାରତ ପାଇଁ ସଂସ୍କାରର ବର୍ଷ ରୂପେ ସ୍ମରଣୀୟ ହୋଇରହିବ । ଗତ ୧୧ ବର୍ଷ ମଧ୍ୟରେ ହାସଲ କରାଯାଇଥିବା ପ୍ରଗତିକୁ ଅ ।ଧାର କରି କ୍ରମାଗତ ସଂସ୍କାରର ଏକ ଜାତୀୟ ମିଶନକୁ ଏହି ବର୍ଷ ଦେଶ ଗ୍ରହଣ କରିଥିଲା ।ଅ ।ମେ ପ୍ରତିଷ୍ଠାନଗୁଡ଼ିକୁ ଅ ।ଧୁନିକ ରୂପ ଦେଇଥିଲୁ ।ପ୍ରଶାସନକୁ ସହଜ କରିଥିଲୁ ଏବଂ ଦୀର୍ଘସ୍ଥାୟୀ ତଥା ସମାବେଶୀ ବିକାଶର ମୂଳଦୁଅ ।କୁ ଅଧିକ ମଜବୁତ କରିଥିଲୁ ।

ଅ ।ମେ ନିର୍ଣ୍ଣାୟକ ଢଙ୍ଗରେ ଅ ।ଗକୁ ବଢ଼ିଛୁ... ଅଧିକ ଉଚ୍ଚାକାଂକ୍ଷା, ଦ୍ରୁତ କାର୍ଯ୍ୟକାରିତା ଏବଂ ଗଭୀର ରୂପାନ୍ତରଣ ଅ ।ମ ପ୍ରଗତିର ବାହକ ହୋଇ ଅ ।ସିଛି ନାଗରିକଙ୍କୁ ସମ୍ମାନପୂର୍ଣ୍ଣ ଜୀବନ ଯୋଗାଇ ଦେବା, ଉଦ୍ୟୋଗୀମାନଙ୍କୁ ଅ ।ତ୍ମବିଶ୍ୱାସର ସହିତ ଅଭିନବ ପଦକ୍ଷେପ ନେବାକୁ ସୁଯୋଗ ଦେବା ଏବଂ ପ୍ରତିଷ୍ଠାନଗୁଡ଼ିକୁ ସ୍ୱଷ୍ଟତା ଓ ଭରସା ସହିତ କାମ କରିବା ଲାଗି ସକ୍ଷମ କରିବା ଅ ।ମ ସଂସ୍କାରର ଉଦ୍ଦେଶ୍ୟ ।

ମୁଁ ଏଠାରେ କେତେକ ସଂସ୍କାରର ଉଦାହରଣ ଦେବାକୁ ଚାହୁଁଛି ।

**ଜିଏସଟି ସଂସ୍କାର:**

ର ୫% ଏବଂ ୧୮%ର ଏକ ସ୍ୱଷ୍ଟ ଦୁଇଟିକିଅ । ସ୍ଲାବ୍ ଢାଞ୍ଚା କାର୍ଯ୍ୟକାରୀ ହୋଇଛି ।

ର ସାଧାରଣ ପରିବାର, ଏମଏସଏମଇ, ଚାଷୀ ଏବଂ ଶ୍ରମିକ ସଘନ କ୍ଷେତ୍ର ଉପରେ ବୋଝ ହ୍ରାସ କରାଯାଇଛି ।

ର ଅ ।ମର ଉଦ୍ଦେଶ୍ୟ ହେଉଛି ବିବାଦ ହ୍ରାସ କରିବା ଏବଂ ଉନ୍ନତ ଅନୁପାଳନ ସୁନିଶ୍ଚିତ କରିବା ।

ର ଏହି ସଂସ୍କାର ଉପଭୋକ୍ତାଙ୍କ ଭାବନାକୁ ପ୍ରୋତ୍ସାହିତ କରିଛି ପାର୍ବଣ ଋତୁରେ ବିକ୍ରି ବୃଦ୍ଧି ପାଇଛି ।

ମଧ୍ୟବିତ୍ତଙ୍କ ପାଇଁ ଅତୁଳନୀୟ ଅ ।ଶ୍ୱସ୍ତି:

ର ପ୍ରଥମତଃ, ଗୋଟିଏ ବର୍ଷରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟକ୍ତିବିଶେଷଙ୍କୁ ଅ ।ଦୌ ଅ ।ୟକର ଦେବାକୁ ପଡ଼ିବ ନାହିଁ ।

ର ୧୯୬୧ର ପୁରୁଣା ଅ ।ୟକର ଅ ।ଇନ ସ୍ଥାନରେ ଅ ।ଧୁନିକ ଏବଂ ସହଜ ଅ ।ୟକର ଅ ।ଇନ, ୨୦୨୫ କାର୍ଯ୍ୟକାରୀ ହୋଇଛି ।

ର ଏସବୁ ସଂସ୍କାର ଭାରତକୁ ଏକ ସ୍ୱଚ୍ଛ, ପ୍ରଯୁକ୍ତି ଅ ।ଧାରିତ ଟିକସ ପ୍ରଶାସନ ଦିଗରେ ନେଇଯାଉଛି ।

କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟକୁ ପ୍ରୋତ୍ସାହନ

ର କ୍ଷୁଦ୍ର କମ୍ପାନୀର ପରିଭାଷାକୁ ବଦଳାଇ ସେଥିରେ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର ଥିବା କମ୍ପାନୀଗୁଡ଼ିକୁ ସାମିଲ କରାଯାଇଛି

ର ହଜାର ହଜାର କମ୍ପାନୀଙ୍କ ପାଇଁ ଅନୁପାଳନ ବୋଝ ଏବଂ ଏହା ସହିତ ଜଡ଼ିତ ଖର୍ଚ୍ଚ ହ୍ରାସ ପାଇପାଇବ

୧୦୦% ଏଫଡିଅ ।ଇ ବୀମା ସଂସ୍କାର:

ର ଭାରତୀୟ ବୀମା କମ୍ପାନୀରେ ୧୦୦% ଏଫଡିଅ ।ଇକୁ ମଞ୍ଜୁରି ମିଳିଛି

ର ଏହାଦ୍ୱାରା ବୀମାର ପ୍ରସାର ବଢ଼ିବ ଏବଂ ଲୋକମାନଙ୍କୁ ସୁରକ୍ଷା ମିଳିପାରିବ

ର ବର୍ଦ୍ଧିତ ପ୍ରତିଦ୍ୱନ୍ଦ୍ୱିତା ବ୍ୟତୀତ, ଏହା ଲୋକମାନଙ୍କୁ ଉନ୍ନତ ବୀମା ବିକଳ୍ପ ଏବଂ ଉନ୍ନତ ସେବା ବିତରଣ ପ୍ରଦାନ କରିବ

ପ୍ରତିଭୂତି ବଜାରରେ ସଂସ୍କାର:

ର ସିକ୍ୟୁରିଟିଜ୍ ବା ପ୍ରତିଭୂତି ସଂହିତା ବିଲ ସଂସଦରେ ଉପସ୍ଥାପନ କରାଯାଇଛି ଏହା ସେବିରେ ପ୍ରଶାସନିକ ନିୟମକୁ ଉନ୍ନତ କରିବା ସହିତ ନିବେଶକଙ୍କ ସୁରକ୍ଷା ବଢ଼ାଇବ, ଅନୁପାଳନ ବୋଝକୁ ହ୍ରାସ କରିବ ଏବଂ ବିକଶିତ ଭାରତ ପାଇଁ ପ୍ରଯୁକ୍ତି ଅ ।ଧାରିତ ସିକ୍ୟୁରିଟିଜ୍ ମାର୍କେଟ୍ ବା ପ୍ରତିଭୂତି ବଜାରକୁ ସକ୍ଷମ କରିବ ।

ର ସଂସ୍କାର ଦ୍ୱାରା ଅନୁପାଳନ ଏବଂ ଅନ୍ୟାନ୍ୟ ବୋଝ ହ୍ରାସ ପାଇବା ଫଳରେ ସଞ୍ଚୟ ସୁନିଶ୍ଚିତ ହେବ ।

ସାମୁଦ୍ରିକ ଏବଂ ନୀଳ ଅର୍ଥବ୍ୟବସ୍ଥା ଦିଗରେ ସଂସ୍କାର:

ର ସଂସଦର ଗୋଟିଏ ଅଧିବେଶନ, ମୌସୁମୀ ଅଧିବେଶନରେ, ପାଞ୍ଚଟି ଐତିହାସିକ ସାମୁଦ୍ରିକ ଅ ।ଇନ ଗୃହୀତ ହୋଇଛି: ଦ ବିଲ୍ସ ଅଫ୍ ଲ୍ୟାଡିଂ ଅ ।ଇନ, ୨୦୨୫; ଉପକୂଳ ଜାହାଜ ଚଳାଚଳ ବିଲ, ୨୦୨୫; ଦ ମର୍ଚ୍ଚାଣ୍ଟ ଶିପିଂ ବିଲ, ୨୦୨୫ ଏବଂ ଦ ଇଣ୍ଡିଅ ।ନ୍ ପୋର୍ଟସ୍ ବିଲ୍, ୨୦୨୫ ।

ର ଏସବୁ ସଂସ୍କାର କାଗଜପତ୍ର କାମକୁ ସରଳ କରିବ, ବିବାଦ ସମାଧାନକୁ ସହଜ କରିବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ ।

ର ୧୯୦୮, ୧୯୨୫ ଏବଂ ୧୯୫୮ର ପୁରୁଣା ଅ ।ଇନକୁ ପରିବର୍ତ୍ତନ କରାଯାଇଛି ।

**ଜନ ବିଶ୍ୱାସ... ଅପରାଧୀକରଣର ଯୁଗ ଶେଷ:**

ର ଶତାଧିକ ପୁରୁଣା ଅ ।ଇନକୁ ଉଚ୍ଛେଦ କରାଯାଇଛି ।

ର ଉଚ୍ଛେଦ ଏବଂ ସଂଶୋଧନ ବିଲ ୨୦୨୫ ମାଧ୍ୟମରେ ୭୧ଟି ପୁରୁଣା ଅ ।ଇନ ଉଚ୍ଛେଦ କରାଯାଇଛି ।

ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହନ:

ର ସିନ୍ଥେଟିକ୍ ଫାଇବର, ୟାର୍ନ, ପ୍ଲାଷ୍ଟିକ୍, ପଲିମର ଏବଂ ବେସ୍ ମେଟାଲରେ ମୋଟ୍ ୨୨ଟି କ୍ୟୁସିଓକୁ ରଦ୍ଦ କରାଯାଇଛି ।ଅନ୍ୟପଟେ ବିଭିନ୍ନ ଷ୍ଟିଲ୍, ଇଞ୍ଜିନିୟର୍ଡ, ଇଲେକ୍ଟ୍ରିକାଲ, ଅ ।ଲଏ ଏବଂ ଉପଭୋକ୍ତା ଉତ୍ପାଦ ବର୍ଗରେ ୫୩ଟି କ୍ୟୁସିଓକୁ ବାତିଲ୍ କରାଯାଇଛି, ଏଥିରେ ବହୁସଂଖ୍ୟାରେ ଶିଳ୍ପ ଏବଂ ଉପଭୋକ୍ତା ସାମଗ୍ରୀ ସାମିଲ ରହିଛି ।

ର ଏହାଦ୍ୱାରା ଭାରତର ପୋଷାକ ରପ୍ତାନି ବୃଦ୍ଧି ପାଇବ; ଜୋତା, ଅଟୋମୋବାଇଲ ଭଳି ଭିନ୍ନ ଭିନ୍ନ ଶିଳ୍ପରେ ଉତ୍ପାଦନ ଖର୍ଚ୍ଚ କମିବ ଏବଂ ଘରୋଇ ଉପଭୋକ୍ତାଙ୍କୁ ଇଲେକ୍ଟ୍ରୋନିକ୍ସ, ସାଇକେଲ ଏବଂ ଅଟୋମୋଟିଭ୍ ଉତ୍ପାଦ କମ୍ ଦାମରେ ମିଳିପାରିବ ।

ଐତିହାସିକ ଶ୍ରମ ସଂସ୍କାର:

ର ଶ୍ରମ ଅ ।ଇନକୁ ନୂଅ । ରୂପ ଦିଅ ।ଯାଇଛି, ଯେଉଁଥିରେ ୨୯ଟି ଭିନ୍ନ ଭିନ୍ନ ଅ ।ଇନକୁ ମିଶାଇ ଚାରିଟି ଅ ।ଧୁନିକ ଶ୍ରମ ସଂହିତା ପ୍ରସ୍ତୁତ କରାଯାଇଛି ।

ର ଭାରତ ଏପରି ଏକ ଶ୍ରମ ଢାଞ୍ଚା ପ୍ରସ୍ତୁତ କରିଛି ଯାହା ଶ୍ରମିକମାନଙ୍କର ହିତ ରକ୍ଷା କରିବା ସହିତ ବ୍ୟବସାୟ ପାଇଁ ଅନୁକୂଳ ପରିବେଶକୁ ମଧ୍ୟ ପ୍ରୋତ୍ସାହନ ଦେବ ।

ର ଏସବୁ ସଂସ୍କାର ଉଚିତ୍ ବେତନ, ଠିକ୍ ସମୟରେ ବେତନ ପୈଠ, ଉନ୍ନତ ଶିଳ୍ପ ସମ୍ପର୍କ, ସାମାଜିକ ସୁରକ୍ଷା ଏବଂ ସୁରକ୍ଷିତ କାର୍ଯ୍ୟ ପରିବେଶ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ

ε ଏହାଦ୍ୱାରା ଶ୍ରମଶକ୍ତିରେ ମହିଳାଙ୍କ ଅଧିକ ଭାଗିଦାରୀ ସୁନିଶ୍ଚିତ ହେବ ।

ର ଠିକା ଶ୍ରମିକଙ୍କ ସମେତ ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ଇଏସଅ ।ଇସି ଏବଂ ଇପିଏଫଓ ଅଧୀନକୁ ଅଣାଯାଇଛି, ଏହାଦ୍ୱାରା ଔପଚାରିକ ଶ୍ରମଶକ୍ତିର ପରିସର ବୃଦ୍ଧି ପାଇଛି ।

**ଭାରତୀୟ ଉତ୍ପାଦ ପାଇଁ ବିବିଧ ଏବଂ ବିସ୍ତୃତ ବଜାର**

ର ନ୍ୟୁଜିଲାଣ୍ଡ, ଓମାନ ଏବଂ ବ୍ରିଟେନ୍ ସହ ବାଣିଜ୍ୟିକ ରାଜିନାମା ସ୍ୱାକ୍ଷରିତ ହୋଇଛି । ଏହା ନିବେଶ ବଢ଼ାଇବା ସହିତ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନେ ମଧ୍ୟ ଲାଭ ପାଇବେ ଏହା ବିଶ୍ ଅର୍ଥବ୍ୟବସ୍ଥାରେ ଏକ ଭରସାଯୋଗ୍ୟ ଏବଂ ଦକ୍ଷ ସହଯୋଗୀ ରୂପେ ଭାରତର ସ୍ଥିତିକୁ ମଜବୁତ କରିଥାଏ ।

ର ସ୍ୱିଜରଲ୍ୟାଣ୍ଡ, ନରୱେ, ଅ ।ଇସଲ୍ୟାଣ୍ଡ ଏବଂ ଲିକ୍ଟନଷ୍ଟାଇନକୁ ନେଇ ଗଠିତ ୟୁରୋପୀୟ ବାଣିଜ୍ୟ ସଂଘ ସହିତ ଏଫଟିଏକୁ କାର୍ଯ୍ୟକାରୀ କରାଯାଇଛି ଏହା ବିକଶିତ ୟୁରୋପୀୟ ଅର୍ଥବ୍ୟବସ୍ଥା ସହିତ ଭାରତର ପ୍ରଥମ ଏଫଟିଏ ।

**ଅ ।ଣବିକ ଶକ୍ତି ସଂସ୍କାର:**

ର ଶାନ୍ତି ଅ ।ଇନ ଭାରତର ସ୍ୱଚ୍ଛ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟାର ଯାତ୍ରାରେ ଏକ ବଡ଼ ପରିବର୍ତ୍ତନକାରୀ ପଦକ୍ଷେପ ।

ର ଏହା ଅ ।ଣବିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ସୁରକ୍ଷିତ, ନିରାପଦ ଏବଂ ଉତ୍ତରଦାୟୀ ବିସ୍ତାର ଲାଗି ଏକ ମଜବୁତ ଢାଞ୍ଚା ସୁନିଶ୍ଚିତ କରିଥାଏ ।

ର ଏହା ଡାଟା ସେଣ୍ଟର, ଅତ୍ୟାଧୁନିକ ତଥା ଉନ୍ନତ ଉତ୍ପାଦନ, ସବୁଜ ହାଇଡ୍ରୋଜେନ ଏବଂ ଉଚ୍ଚ-ପ୍ରଯୁକ୍ତି ଅ ।ଧାରିତ ଶିଳ୍ପକୁ ଶକ୍ତି ପ୍ରଦାନ କରି ଭାରତକୁ ଏଅ ।ଇ ଯୁଗରେ ବର୍ଦ୍ଧିତ ଶକ୍ତି ଅ ।ବଶ୍ୟକତାକୁ ପୂରଣ କରିବାରେ ସହାୟତା କରିବ ।

ର ସ୍ୱାସ୍ଥ୍ୟ ସେବା, କୃଷି, ଖାଦ୍ୟ ସୁରକ୍ଷା, ଜଳ ପରିଚାଳନା, ଉଦ୍ୟୋଗ, ଗବେଷଣା ଓ ପରିବେଶ ସ୍ଥିରତାରେ ପରମାଣୁ ପ୍ରଯୁକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ମିଳିବ, ଯାହାଦ୍ୱାରା ସମାବେଶୀ ବିକାଶ ଏବଂ ଜୀବନର ଉନ୍ନତ ଗୁଣବତ୍ତାକୁ ସମର୍ଥନ ମିଳିପାରିବ ।

ର ଘରୋଇ କ୍ଷେତ୍ରର ଭାଗିଦାରୀ, ନବୋନ୍ମେଷ ଏବଂ ଦକ୍ଷତା ବିକାଶ ପାଇଁ ନୂଅ । ରାସ୍ତା ଖୋଲିବ ଭାରତର ଯୁବପିଢ଼ିଙ୍କୁ ନୂଅ । ପ୍ରଯୁକ୍ତିବିଦ୍ୟା ଏବଂ ପରବର୍ତ୍ତୀ ପିଢ଼ିର ଶକ୍ତି ସମାଧାନରେ ଅ ।ଗକୁ ବଢ଼ିବାର ସୁଯୋଗ ସୃଷ୍ଟି କରିବ ।

ଏହା ନିବେଶକ, ଉଦ୍ଭାବକ ଏବଂ ପ୍ରତିଷ୍ଠାନଗୁଡ଼ିକ ପାଇଁ ଭାରତ ସହ ଭାଗିଦାରୀ ପ୍ରତିଷ୍ଠା କରିବା, ଭାରତରେ ନିବେଶ କରିବା, ନବସୃଜନ ଏବଂ ଏକ ସ୍ୱଚ୍ଛ, ମଜବୁତ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତି ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଏକ ଉପଯୁକ୍ତ ମୁହୂର୍ତ୍ତ ।

ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟିରେ ଏକ ଐତିହାସିକ ସଂସ୍କାର:

ର ବିକଶିତ ଭାରତ- ଜୀ ରାମ ଜୀ ଅ ।ଇନ, ୨୦୨୫ ରୋଜଗାର ଗ୍ୟାରେଣ୍ଟି ବ୍ୟବସ୍ଥା ନିଶ୍ଚିତ ରୋଜଗାର ଦିବସ ସଂଖ୍ୟାକୁ ୧୦୦ ଦିନରୁ ବଢ଼ାଇ ୧୨୫ ଦିନ କରିଛି ।

ର ଏହାଦ୍ୱାରା ଗାଁର ଭିତ୍ତିଭୂମି ଏବଂ ଜୀବିକାକୁ ମଜବୁତ କରିବା ଦିଗରେ ଖର୍ଚ୍ଚ ବଢ଼ିବ ।

ର ଏହାର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ କାମକୁ ଅଧିକ ରୋଜଗାର ଏବଂ ଉନ୍ନତ ସମ୍ପତ୍ତି ସୁନିଶ୍ଚିତ କରିବାର ମାଧ୍ୟମରେ ପରିଣତ କରିବା

ଶିକ୍ଷା ସଂସ୍କାର:

ସଂସଦରେ ବିଲ୍ ଉପସ୍ଥାପିତ ହୋଇଛି

ର ଏକକ, ଏକୀକୃତ ଉଚ୍ଚଶିକ୍ଷା ନିୟାମକ ପ୍ରତିଷ୍ଠା କରାଯିବ

ର ୟୁଜିସି, ଏଅ ।ଇସିଟିଇ, ଏନସିଟିଇ ପରି ଏକାଧିକ ପ୍ରତିଷ୍ଠାନ ସ୍ଥାନରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ କାର୍ଯ୍ୟକାରୀ କରାଯିବ

ର ଉଦ୍ଭାବନ ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ସହିତ ସଂସ୍ଥାଗୁଡ଼ିକର ସ୍ୱାୟତ୍ତ କ୍ଷମତାକୁ ସୁଦୃଢ଼ କରାଯିବ ।

କେବଳ ପରିମାଣ ଦୃଷ୍ଟିରୁ ନୁହେଁ ଅନ୍ତର୍ନିହିତ ଦର୍ଶନ ଦୃଷ୍ଟିରୁ ମଧ୍ୟ ୨୦୨୫ର ସଂସ୍କାରଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅ ।ମ ସରକାର ଏକ ଅ ।ଧୁନିକ ଗଣତନ୍ତ୍ରର ପ୍ରକୃତ ଭାବନା ନେଇ ନିୟନ୍ତ୍ରଣ ପରିବର୍ତ୍ତେ ସହଯୋଗ ଏବଂ ନିୟାମକ ପରିବର୍ତ୍ତେ ସୁବିଧାକୁ ପ୍ରାଥମିକତା ଦେଇଛି ।

ସହାନୁଭୂତି ସହିତ ଏହି ସଂସ୍କାରଗୁଡ଼ିକୁ ପ୍ରସ୍ତୁତ କରାଯାଇଛି ଏଥିରେ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା, ଯୁବ ପେସାଦାର, କୃଷକ, ଶ୍ରମିକ ଏବଂ ମଧ୍ୟବିତ୍ତ ବର୍ଗର ବାସ୍ତବତା ପ୍ରତି ଧ୍ୟାନ ଦିଅ ।ଯାଇଛି ବିଚାରବିମର୍ଶ ଦ୍ୱାରା ଏହାକୁ ଅ ।କାର ଦିଅ ।ଯାଇଛି । ଏହା ତଥ୍ୟ ଦ୍ୱାରା ପରିଚାଳିତ ହୋଇଛି ଏବଂ ଭାରତର ସାମ୍ବିଧାନିକ ମୂଲ୍ୟବୋଧ ଅ ।ଧାରରେ ସ୍ଥିର ହୋଇଛି ଏଗୁଡ଼ିକ ଅନେକ ଦଶନ୍ଧି ଧରି ଚାଲି ଅ ।ସୁଥିବା ନିୟନ୍ତ୍ରଣ-ଅ ।ଧାରିତ ଅର୍ଥବ୍ୟବସ୍ଥା ଠାରୁ ଦୂରେଇ ଯାଇ ବିଶ୍ୱାସର ଢାଞ୍ଚାରେ କାର୍ଯ୍ୟ କରୁଥିବା ଅର୍ଥବ୍ୟବସ୍ଥା ଅ ।ଡ଼କୁ ସ୍ଥାନାନ୍ତରିତ ହେବା ପାଇଁ ଅ ।ମର ପ୍ରୟାସକୁ ଗତି ପ୍ରଦାନ କରୁଛି । ଏଥିରେ ନାଗରିକ କଲ୍ୟାଣ ପ୍ରତି ଗୁରଲୟକ୍ତ ଦିଅ ।ଯାଇଛି ।ଏସବୁ ସଂସ୍କାରର ଲକ୍ଷ୍ୟ ହେଉଛି ଏକ ସମୃଦ୍ଧ ଏବଂ ଅ ।ତ୍ମନିର୍ଭରଶୀଳ ଭାରତ ଗଠନ । ବିକଶିତ ଭାରତ ନିମାଣ କରିବା ଅ ।ମ ବିକାଶ ଯାତ୍ରାର ମୂଳ ଲକ୍ଷ୍ୟ ଅ ।ଗାମୀ ଦିନରେ ମଧ୍ୟ ଅ ।ମେ ସଂସ୍କାର ଲକ୍ଷ୍ୟକୁ ନେଇ ଅ ।ଗକୁ ବଢ଼ିବୁ । ଭାରତର ବିକାଶ ଗାଥା ସହ ନିଜର ସମ୍ପର୍କକୁ ଅ ।ହୁରି ଘନିଷ୍ଠ କରିବା ଲାଗି ମୁଁ ଭାରତ ଏବଂ ବିଦେଶରେ ରହୁଥିବା ସମସ୍ତଙ୍କୁ ଅନୁରୋଧ କରୁଛି ।ଭାରତ ଉପରେ ଭରସା କରି ଅ ।ମ ଲୋକଙ୍କ ଉପରେ ନିବେଶ କରନ୍ତୁ !

# ବଦଳୁଛି ପ୍ରକୃତିର ନିୟମ

### ମାୟାଧର ନାୟକ

ପ୍ରତିମୁହୂର୍ତରେ ବଦଳୁଛି ପ୍ରକୃତିର ନିୟମ । ଜଳବାୟୁ ପରିବର୍ତନରେ ଆସିଛି ବ୍ୟାପକ ଅସ୍ୱାଭାବିକତା । ବହୁପୂର୍ବରୁ ଜଳବାୟୁ ପରିବର୍ତନର ପ୍ରଭାବ ପୃଥିବୀ ଉପରେ ପଡିଆସିଛି । ଲଗାତର ଗ୍ରୀଷ୍ମପ୍ରବାହ, ଆକାଶରୁ ନିଆଁବର୍ଷା, ଭୟଙ୍କର ମରୁଡି, ପ୍ରବଳ ଝଡତୋ'ାନବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ରଜଳପତନ ବୃଦ୍ଧି ପ୍ରଭୃତି ଜଳବାୟୁ ପରିବର୍ତନରେ ସମଗ୍ର ବିଶ୍ୱ ଥରହର । ଏହାର କୁପରିଣାମ ଭୋଗୁଛନ୍ତି ସାରାବିଶ୍ୱର ଜୀବଜଗତ । ପୃଥିବୀର ଉତାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ମନୁଷ୍ୟକୃତ କାର୍ଯ୍ୟ ଇନ୍ଧନ ଦହନ, ଗାଡ଼ିମଟରରୁ ନିର୍ଗତ କାର୍ବନଡାଇଅକ୍ସାଇଡ୍ ଦ୍ୱାରା ଏବଂ ଶକ୍ତିଉତ୍ପାଦନ ପାଇଁ ଇନ୍ଧନ ଜଳାଉ । ୧୮୫୦ ମସିହାରେ ଶିଳ୍ପବିପ୍ଳବରେ କୋଇଲାରୁ ଶକ୍ତିଉତ୍ପାଦନ ହୋଇଥିଲା । ଅଧିକ କୋଇଲା ଜାଳିବା'ଲରେ ବାୟୁମଣ୍ଡଳ ପ୍ରଦୂଷିତହୋଇ ଜୀବଜଗତ ଉପରେ ନକାରାତ୍ମକ ପ୍ରଭାବ ପଡ଼େ । ଏହାଦ୍ୱାରା ମ୍ମ ପାଣିପାଗର ପରିବର୍ତନ ଘଟେ । ପାଣିପାଗର ଅସମାନତା ଦେଖାଯାଏ ।

ଗ୍ରୀଷ୍ମପ୍ରବାହ ବୃଦ୍ଧିଦ୍ୱାରା ସ୍ୱାସ୍ଥ୍ୟସମସ୍ୟା ବଢୁଛି । ମୃତ୍ୟୁର ତାଣ୍ଡବ ସୃଷ୍ଟି ହେଉଛି । ଜଳବାୟୁ ପରିବର୍ତନରେ ପରିବେଶ ପ୍ରଦୂଷଣ ଯୋଗୁ ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ବ୍ୟାପକ ଭାବେ ହୋଇ ଚର୍ମକର୍କଟରୋଗ ବ୍ୟାପୁଛି । ପରିବର୍ତିତ ଜଳବାୟୁରେ କୃଷି ଭୀଷଣ ଭାବେ ପ୍ରଭାବିତ । ଗଜାମରୁଡି, ରୋଗପୋକ ଯୋଗୁଁ ଖାଦ୍ୟଶସ୍ୟ ଅମଳ କମିଯାଉଛି । ମୃତିକାର ତାପମାତ୍ରା ବୃଦ୍ଧିରେ ବିହନ ଗଜାହେବା କ୍ଷମତା ହରାଏ । ଜଳବାୟୁ ପରିବର୍ତନ ପ୍ରାକୃତିକ ପରିବେଶକୁ ବିଗାଡ଼ିଦେଇଛି । କେଉଁଠି ଅତ୍ୟଧିକ ବର୍ଷା ଆଉ କେଉଁଠି ଅସହ୍ୟ ଗରମ ଅନୁଭବ ହେଉଛି । ଛ'ଋତୁ ମଧ୍ୟରୁ ଏବେ କେବଳ ବର୍ଷା, ଶୀତ, ଗ୍ରୀଷ୍ମ ଋତୁ ଜଣାପଡୁଛି । ଅନୁପାତ ମଧ୍ୟ ଠିକ୍ ରହୁନି । ଏହାର ପ୍ରଭାବ ଜନସମାଜ, ବୃକ୍ଷଲତା, ଜୀବଜନ୍ତୁ, ଶୈବାଳ, ସାମୁଦ୍ରିକ ପ୍ରାଣୀ ଉପରେ ପଡୁଛି ।

ଆକାଶରେ ବରଫ ତରଳୁଛି । କଳାବରଫଯୋଗୁ ତରଳୁଛି ଗ୍ଲାସିୟର । ଜଳମଗ୍ନ ହୋଇଯିବ ବଡ଼ବଡ଼ ସହର । ପ୍ରାକୃତିକ ପରିବେଶ ବଦଳିଯିବ । ଜଙ୍ଗଲରେ ଲାଗିବ ନିଆଁ । ନିଭୁନିଭୁ ବହୁଦିନ ଲାଗିବ । ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ି ଛାରଖାର ହୋଇଯାଉଛି । ବେଳେବେଳେ ଚାଷପାଇଁ ମଣିଷ ବି ଜଙ୍ଗଲରେ - ଧାନ କଟାହେଲାପରେ ଧାନବିଲରେ ନିଆଁ ଲଗେଇଦିଅନ୍ତି । ଏହାଦ୍ୱାରା ପ୍ରବଳଭାବରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି । ଜଙ୍ଗଲପୋଡି ମଣିଷପାଇଁ ହାନିକାରକ । ବ୍ରାଜିଲର ଆମାଜନ ଜଙ୍ଗଲରୁ ପୃଥିବୀର ୨୦ ପରସେଂଟ୍ ଅମ୍ଳଜାନ ମିଳିଥାଏ । ଆମାଜନ୍ ଜଙ୍ଗଲରେ ନିଆଁଲାଗି ଏହାର ବ୍ୟାପକ କୁପ୍ରଭାବ ବିଶ୍ୱଉପରେ ପଡିଛି । ଏହାର ବିଷାକ୍ତ ଗ୍ୟାସଦ୍ୱାରା ହୃଦ୍‌ରୋଗ, କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି । ୧୯୧୯ରେ ଆମାଜନ୍ ଜଙ୍ଗଲରେ ମାସମାସଧରି ନିଆଁ ଲାଗିରହିବାଫଳରେ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା । କେବଳ ଆମାଜନ୍ ଜଙ୍ଗଲ ନୁହେଁ - ପୃଥିବୀର ଅନେକ ଜଙ୍ଗଲରେ ପ୍ରତିବର୍ଷ ନିଆଁଲାଗି ବ୍ୟାପକ କ୍ଷୟକ୍ଷତି ହେଉଛି ।

ଗ୍ରୀସ୍‌ରେ ଜଂଗଲରେ ଲାଗିଛି ନିଆଁ । ଭୟାବହ ଅଗ୍ନିକାଣ୍ଡରେ ଜନଜୀବନ ଅସ୍ତବ୍ୟସ୍ତ । ସମଗ୍ର ଗ୍ରୀସ୍‌ରେବାଦଲରେ ଘୋଟିଯାଇଛି କଳାଧୂଆଁ । ଶୁଖିଲା ପାଗ ମେ' ଜୁନ ମାସରେ ସ୍ୱାଭାବିକ ଭାବେ ଜଂଗଲରେ ନିଆଁ ଲାଗେ । ଏଥର ଜୁଲାଇ ଶେଷସପ୍ତାହରେ ବର୍ଷା ଆରମ୍ଭରୁ ଜଂଗଲରେ ଲାଗିଛି ନିଆଁ । ଏଇଭଳି ଅବସ୍ଥା ଉପୁଜିଲେ ଜଂଗଲ ସବୁ ଖୁବ୍ କମ୍ ସମୟରେ ନିଶ୍ଚିହ୍ନ ହୋଇଯିବ । ଦିନକୁଦିନ ପ୍ରାକୃତିକ-ମନୁଷ୍ୟକୃତ ନିଆଁର ଆଁରେ ଜଂଗଲ ଘର ପଶିଯାଉଛି - ଦିନେ ଏ ଦୁନିଆକୁ ଜାଳିପୋଡ଼ି ପାଉଁଶ କରିଦେବ ।ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ । କଳକାରଖାନା, ମଟରଗାଡ଼ି, ଚିମିନୀ ଆଦିରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୁଏ । ଏହାଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧିପାଏ । ପାଣିରେ ଅଧିକ ମାତ୍ରାରେ ଲବଣପଦାର୍ଥ ମିଶିଲେ ଜଳ ପ୍ରଦୂଷିତ ହୁଏ । ସମୁଦ୍ରପାଣି ଲୁଣିଆ । ଏବେ ସାରାବିଶ୍ୱରେ ଯେଉଁ କିଣା ବୋତଲପାଣି, ଅନ୍ୟାନ୍ୟ ଠିପିବନ୍ଦ ପାନୀୟ ବୋତଲ ପାନ କରୁଛେ - ବେପାରୀମାନେ ଅଧିକ ସମୟ ଗୋଦାମରେ ରଖି ବିକ୍ରିକରିବାପାଇଁ କେମିକାଲ ଦେଇଦିଅନ୍ତି । ସେସବୁ ପାନୀୟ ପାଟିକୁ ମିଠା, ପେଟକୁ ବିଷ ସମାନ । ଆମେ ଜାଣି ହେଉ ବା ଅଜଣାରେ ହେଉ ବିଶ୍ୱବିଷଭଣ୍ଡାରରୁ ସେଇ ବିଷସବୁ ପିଇବାରେ ଲାଗିଛେ - ଯାହାଦ୍ୱାରା ମଧୁମେହ ରୋଗଠାରୁ ଯାବତ୍‌ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଶିକାର ହେଉଛେ । ଫଳରେ ବିନା ଔଷଧରେ ଦିନ କଟୁନି । ପୁଣି ଔଷଧ ମଧ୍ୟ ଭେଜାଲ୍ ।

ଏବେ ମୌସୁମୀ ବାଟବଣା ହୋଇଗଲାଣି । ଜଳବାୟୁ ପରିବର୍ତନ ଦ୍ୱାରା ଋତୁଚକ୍ରର ମଧ୍ୟ ପରିବର୍ତନ ପ୍ରଭାବିତ । ଗ୍ରୀଷ୍ମଋତୁ ବଢିଯାଉଛି - ବର୍ଷା, ଶୀତଋତୁ କମିଯାଉଛି । ନିଶ୍ୱାସପ୍ରଶ୍ୱାସ ପାଇଁ ଶୁଦ୍ଧବାୟୁ, ଉତମ ପାନୀୟଜଳ, ସୁରକ୍ଷିତ ବାସସ୍ଥାନ ମିଳିବା କଷ୍ଟକର ହୋଇପଡୁଛି । ଅତ୍ୟଧିକ ବର୍ଷା ଓ ବନ୍ୟା, ଅନାବୃଷ୍ଟି, ଝଡତୋଫାନ, ଗ୍ରୀଷ୍ମପ୍ରବାହ ଯୋଗୁଁ ପ୍ରତିବର୍ଷ ଲକ୍ଷଲକ୍ଷ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି ।

ଜଳବାୟୁ ପରିବର୍ତନର ପ୍ରଭାବରେ ସମଗ୍ର ଜଗତ୍ ଉପରେ କାରାତ୍ମକ ପ୍ରଭାବ ପଡୁଛି । କେବଳ ମାନବଜାତି ପ୍ରଭାବିତ ହେଉନାହାଁନ୍ତି - ଜୀବଜନ୍ତୁଙ୍କ ଉପରେ ପ୍ରଭାବ ପଡୁଛି । ଅତ୍ୟଧିକ ତାପମାତ୍ରା ଯୋଗୁଁ ଅନେକ କୀଟପତଙ୍ଗ, ପଶୁପକ୍ଷୀ ମରିଯାଉଛନ୍ତି । ପୋଖରୀ, ନଈ, ସମୁଦ୍ରରେ ଜଳଚର, ମାଛମାନେ ମରି ଭାସୁଛନ୍ତି । ଭୌଗୋଳିକ କ୍ଷେତ୍ର ଓ ବିଭିନ୍ନ ପ୍ରଜାତିଙ୍କ ଠାରେ ଆକାର ପରିବର୍ତନ ଘଟିବାରେ ଲାଗିଛି । ପାଖାପାଖି ୧୦ଲକ୍ଷ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ପ୍ରକାଶ ପାଇଲାଣି । ଆଉ କୋଇଲିର ଦେଖାନାହିଁ । କୁହୁକୁହୁ ଗୀତ ଗାଉନି । ଭଦଭଦଳିଆ ପକ୍ଷୀ ବିଲୁପ୍ତିର ପଥେ - ବିରଳ ହେବାକୁ ଯାଉଛି ପ୍ରଜାପତିର ଚିତ୍ରିତ କଳେବର । 'ଘରଚଟିଆ' କୁଆଡେ ବୁଲୁଛନ୍ତି - ତାଙ୍କର ଦେଖାନାହିଁ । ସାମୁଦ୍ରିକ କଇଁଛ, ଅତ୍ୟଧିକ ଥଣ୍ଡାରେ ବାସକରୁଥିବା 'ମେରୁଭାଲୁ' ଗରମ ସହ୍ୟ କରିନପାରି ମରମର ଅବସ୍ଥାରେ ।

ଜଳବାୟୁ ପରିବର୍ତନ ପାଇଁ ଚୀନ୍ ବହୁଳାଂଶରେ ଦାୟୀ । ଚାଇନା କମ୍ୟୁନିଷ୍ଟ ପାର୍ଟି ସମାଜବାଦ ରାସ୍ତାରୁ ହଟି ସଂଶୋଧନବାଦ, ପୁଞ୍ଜିବାଦ ରାସ୍ତାରେ ଜିଦ୍‌ଦିଆ ସର୍ବୋଚ୍ଚନେତା ଡେଙ୍ଗ-ସିଆଓଙ୍ଗ ୪୦ବର୍ଷ ପୂର୍ବରୁ ସମୁଦ୍ରରେ ନୂଆ ବିରାଟ ପାଚେରି ସୃଷ୍ଟିକରି ମହାଧନୀ ହେବାକୁ କାର୍ଯ୍ୟ କଲେ । ସଂପତି ବୃଦ୍ଧିର ନିଶା ଯେ ଭବିଷ୍ୟତରେ ଧ୍ୱଂସଆଡକୁ ଗତି କରିବ - ସେ କଥା ନେତାମାନେ ମନକୁ ହେଜିନଥିଲେ । ସମୁଦ୍ରପତନ ବୃଦ୍ଧି ହେଲେ ସବୁକିଛି ବୁଡ଼ିଯିବ - ଯାହାକି ୨୦୫୦ବେଳକୁ ହେବାକୁ ଯାଉଛି ବୋଲି ବୈଜ୍ଞାନିକମାନେ ସତର୍କ କରାଇଦେଲେଣି । ଚୀନବାସୀ ଝଡତୋଫାନ୍, ବନ୍ୟାରେ ବୁଡିଯିବେ । ଚୀନ୍‌ର ପଶ୍ଚିମରୁ ଦକ୍ଷିଣ-ପୂର୍ବଆଡକୁ ତୋ'ାନ୍ ମାଡିଆସିବ । ଡେଙ୍ଗଙ୍କ ଦୂରଦୃଷ୍ଟିବିହୀନ କାର୍ଯ୍ୟକଳାପ ପାଇଁ ଚାଇନାବାସୀ - ଏପରିକି ବିଶ୍ୱବାସୀଙ୍କୁ ମୂଲ୍ୟ ଦେବାକୁ ପଡୁଛି । ଚାଇନାର ବନ୍ୟାରେ ହଜାରହଜାର ଜନଜୀବନ-ଧନସଂପତି ଛାରଖାର ହୋଇଯାଉଛି । କେବଳ ଚୀନ୍ ନୁହେଁ, ବିଭିନ୍ନ ଦେଶରେ ପ୍ରଳୟଙ୍କାରୀ ବନ୍ୟାର ପ୍ରକୋପ ଦେଖାଦେଉଛି । ଚାଇନାର 'ନୀଳସାଗର' ସେ ଦେଶପାଇଁ ଆଗକୁ ବିପଦକୁ ଡାକିଆଣୁଛି । ସଂପ୍ରତି ଜି-ଜିନ୍‌ପିଙ୍ଗ୍ ଯୁଗରେ ବହୁ ଗଣତାନ୍ତ୍ରିକ ଦେଶ ବିମୁଖ । ଚୀନ ୟୁକ୍ରେନ୍ ଯୁଦ୍ଧରେ ରୁଷ ପକ୍ଷରେ ଅଛି । ବର୍ତମାନ ସମଗ୍ରବିଶ୍ୱରେ ଚାଇନା ତା'ର ଉତ୍ପାଦିତ ଦ୍ରବ୍ୟକୁ ଶସ୍ତାରେ ବିକ୍ରି କରୁଛି - ଯାହାଫଳରେ ଅନ୍ୟ କେତେକ ଦେଶ ଚୀନ୍ ବିରୁଦ୍ଧରେ ଯାଇପାରୁନାହାଁନ୍ତି କି ନିଜେ ପ୍ରୟୋଜନୀୟ ସାମଗ୍ରୀ ଉତ୍ପାଦନ କରିପାରୁନାହାଁନ୍ତି । ଫଳରେ ଚାଇନା ସାମଗ୍ରୀ ଉପରେ ନିର୍ଭରଶୀଳ । ବ୍ରିଟିଶ୍ ଭଳି ଚୀନ୍ ନେତୃତ୍ୱ ବର୍ତମାନ ବିଭେଦନୀତି ଆପଣାଇ ଶାସନ କରୁଛି । ଆମେରିକାକୁ ପଛରେ ପକାଇ ଚୀନ୍ ଆଗେଇଯାଉଛି । ବିଶ୍ୱଜଳବାୟୁ ସଂସ୍ଥାକୁ କିଂବା କୌଣସି ବିଶ୍ୱସଂସ୍ଥାକୁ ଖାତିରିନାହିଁ । ଏହି ଜି-ଜିନ୍‌ପିଙ୍ଗ ବିଶ୍ୱଧ୍ୱଂସର ଜଣେ କାଣ୍ଡାରି ଭାବେ ଇତିହାସରେ ନାଁ ରଖିଦେଇଯିବେ ।ବିଶ୍ୱଜଳବାୟୁ ପରିବର୍ତନ ସଂସ୍ଥାରେ ସବୁଦେଶ ମିଶି ସକାରାତ୍ମକ କାର୍ଯ୍ୟକରିବାକୁ ନିଷ୍ପତି ନିଅନ୍ତି । ସେ ନିଷ୍ପତିକୁ ଅଧିକାଂଶ ଦେଶ କାର୍ଯ୍ୟକାରୀ କରୁନାହାଁନ୍ତି । ଏହି ସଂସ୍ଥା ପରିଚାଳନା ପାଇଁ ଆମେରିକା ଯେଉଁ ଅର୍ଥ ଦେଇଆସୁଥିଲା - ତା'ର ଅର୍ଥନୈତିକ ସଂକଟ ଯୋଗୁଁ ସେ ଦେଇପାରୁନି । ସିଂହଭାଗ ଅର୍ଥ ନପାଇ ସଂସ୍ଥା ଏକପ୍ରକାର ଅଚଳ ଅବସ୍ଥାରେ ଅଛି । ତା'ହେଲେ ଏ ବିଶ୍ୱ ତିଷ୍ଠିବ କିପରି ?

ଯାଜପୁର ରୋଡ, ଯାଜପୁର,ମୋ : ୯୮୬୧୦୩୪୧୬୩



# ବିମାନ ଶିଳ୍ପ: ୧୮ ହଜାର କୋଟି କ୍ଷତି ଆଶଙ୍କା

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ଆର୍ଥିକ ବର୍ଷ ୨୦୨୫-୨୬ ଦେଶର ବିମାନ ଶିଳ୍ପ ପାଇଁ ଏକ ଖରାପ ବର୍ଷ ସାବ୍ୟସ୍ତ ହେବାକୁ ଯାଉଛି। ଏୟାରଲାଇନ୍ସଗୁଡ଼ିକ ୧୭-୧୮ ହଜାର କୋଟି ଟଙ୍କାର କ୍ଷତି ସହିବେ ବୋଲି ରେଟିଂ ଏଜେନ୍ସି 'ଇକ୍ରା' ଆକଳନ କରିଛି । ପୂର୍ବରୁ ଏହା ଆକଳନ କରିଥିଲା ଯେ ବିମାନ ଶିଳ୍ପର କ୍ଷତି ୧୦,୫୦୦ କୋଟି ଟଙ୍କା ମଧ୍ୟରେ ରହିବ । କିନ୍ତୁ ଏବେ ସେହି ଆକଳନକୁ ବଳଦାଇ ଏହା କ୍ଷତି ପରିମାଣ ଅଧିକ ହେବ ବୋଲି କହିଛି । ୨୦୨୫ ଜୁନରେ ଗୁଜରାଟର ଅହମଦାବାଦରେ ଏୟାର ଇଣ୍ଡିଆର ୭୮୭-୮ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଓ ବର୍ଷ ଶେଷ ଆଡ଼କୁ ଇଣ୍ଡିଗୋର ୪୫୦୦ରୁ ଅଧିକ ବିମାନର ଉଡ଼ାଣ ବାତିଲ ହେବା ଭଳି ଘଟଣା ବିମାନ ଶିଳ୍ପର ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିବ । ଆଲୋଚ୍ୟ ବର୍ଷରେ ଯେତିକି ଲୋକ ବିମାନରେ ଯାତ୍ରା କରିବେ ବୋଲି ଆଶା କରାଯାଉଥିଲା ତାହା ହୋଇନାହିଁ।୨୦୨୫ ଜୁନ ବିମାନ ଦୁର୍ଘଟଣା ପରେ ଲୋକମାନେ ବିମାନରେ ଯାତ୍ରା କରିବାକୁ ଭୟ କରିଥିଲେ । କିଛିଦିନ ପର୍ଯ୍ୟନ୍ତ ସେହି ଭୟ ମନରେ ରହିଲା ।ଇଣ୍ଡିଗୋର ଅଧିକାଂଶ ଉଡ଼ାଣ ଡିସେମ୍ବର ୨ରୁ ୯ ତାରିଖ ପର୍ଯ୍ୟନ୍ତ ବାତିଲ ହେବା ପରେ ମଧ୍ୟ ଯାତ୍ରୀ ସଂଖ୍ୟା କମ୍ ହୋଇଥିଲା ବୋଲି ଇକ୍ରା ଜଣାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ବ୍ୟବସାୟ ଉଦ୍ଦେଶ୍ୟରେ ବିମାନରେ ଯାତ୍ରା କରୁଥିବା ଲୋକଙ୍କ ସଂଖ୍ୟା କମ୍ ହୋଇଛି । ସେଥିପାଇଁ ଇକ୍ରା ଏହାର ସମସ୍ତ ପୂର୍ବର ଯାତ୍ରୀ ବୃଦ୍ଧି ଆକଳନକୁ ହ୍ରାସ କରିଛି । ଭାରତୀୟ ଏୟାରଲାଇନ୍ସର ଅନ୍ତର୍ଜାତୀୟ ଯାତ୍ରୀ ସଂଖ୍ୟା ମଧ୍ୟ କମ୍ ହୋଇଥିବା ଏହା ଜଣାଇଛି ।

# ଭାରତୀୟଙ୍କ ମହିଳାଙ୍କ ପାଖରେ ଜିଡିପି ଠାରୁ ଅଧିକ ସୁନା

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ଭାରତୀୟଙ୍କ ସୁନା ମୋହ କେଉଁ କାଳରୁ ରହିଆସିଛି । ଘରେ ବଡ଼ ଆକାରରେ ସୁନା ଗହଣା ଆଉ ମୁଦ୍ରା ଜମା କରିଛନ୍ତି ଏମାନେ । ଉଚ୍ଚ ଦର ଯୋଗୁ ଏବେ ଭାରତୀୟ ପରିବାରରେ ଥିବା ମୋଟ ସୁନାର ମୂଲ୍ୟ ୫ ଟ୍ରିଲିୟନ ଡଲାର ପାର୍ କରିଯାଇଛି । ଭାରତୀୟ ମୁଦ୍ରାରେ ଏହା ୪୫୦ ଲକ୍ଷ କୋଟି ଟଙ୍କା ଉପରେ । ଏହା ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)ଠାରୁ ଅଧିକ । ଦେଶର ଜିଡିପି ୪.୧ ଟ୍ରିଲିୟନ ଡଲାର ବା ୩୭୦ ଲକ୍ଷ କୋଟି ଟଙ୍କା । ସୁନା ଦର ରେକର୍ଡ ଉଚ୍ଚ ସ୍ତରରେ ପହଞ୍ଚିଯାଇଥିବାରୁ ଭାରତୀୟ ଘରେ ଥିବା ସୁନା ମୂଲ୍ୟ ବି ବଡ଼ ଆକାରରେ ବିଢ଼ାଇଛି । ୫ ଟ୍ରିଲିୟନ ଡଲାର ଜିଡିପି ଲକ୍ଷ୍ୟ ପୂରଣ ହୋଇନାହିଁ କିନ୍ତୁ ଭାରତୀୟ ଘରେ ଥିବା ସୁନା ଏହି ଟାର୍ଗେଟ ପାର୍ କରିଯାଇଛି । ମୋର୍ଗାନ ଷ୍ଟେନ୍ଲିର ଏକ ରିପୋର୍ଟ ଅନୁସାରେ, ଭାରତୀୟ ଘରେ ପ୍ରାୟ ୩୪,୬୦୦ ଟନ୍ ସୁନା ମହଜୁଦ ଅଛି । ଏବେ ୧୦ ଗ୍ରାମ ପିଛା ସୁନା ମୂଲ୍ୟ ପାଖାପାଖି ୧.୩୮ ଲକ୍ଷ ଟଙ୍କା ରହିଛି । ଉକ୍ତ ହିସାବରେ ୩୬,୬୦୦ ଟନ୍ ସୁନା ମୂଲ୍ୟ ୫ ଟ୍ରିଲିୟନ ଡଲାର ବା ୪୫୦ ଲକ୍ଷ କୋଟି ଟଙ୍କା ହେବ । ଅନ୍ତର୍ଜାତୀୟ ବଜାରରେ ଆଉନ୍ସ(ପ୍ରାୟ ୨୮ ଗ୍ରାମ) ପିଛା ସୁନା ଦାମ ପାଖାପାଖି ୪,୫୦୦ ଡଲାର ରହିଛି । ଏହାକୁ ଟଙ୍କାରେ ବଦଳାଗଲେ ୧୦ ଗ୍ରାମ ପିଛା ଏହି ଧାତୁର ଦାମ ହେବ ୧.୩୦ ଲକ୍ଷ ଟଙ୍କା । ବିଶେଷଜ୍ଞଙ୍କ କହିବାନୁସାରେ, ଭାରତୀୟ ଅର୍ଥବ୍ୟବସ୍ଥାରେ ସୁନାର ସ୍ୱତନ୍ତ୍ର ସ୍ଥାନ ରହିଛି । ଇନ୍ଫୋମେରିକ୍ସ ଭ୍ୟାଲ୍ୟୁଏସନ୍ ଏଣ୍ଡ୍ ରେଟିଙ୍ଗ୍ସର ମୁଖ୍ୟ ଅର୍ଥନୀତିଜ୍ଞ ଡ. ମନୋରଞ୍ଜନ ଶର୍ମାଙ୍କ ମୁତାବକ, ଭାରତୀୟ ରଖିଥିବା ସୁନା ସହ ଜିଡ଼ିପିର ତୁଳନା ଅତ୍ୟନ୍ତ ମଜାଦାର । ସେ କହିଲେ, ଏହି ଅଙ୍କ ଭାରତୀୟ ଅର୍ଥବ୍ୟବସ୍ଥାରେ ହଳଦିଆ ଧାତୁର ସାଂସ୍କୃତିକ, ବିତ୍ତୀୟ ଏବଂ ମନୋବୈଜ୍ଞାନିକ ମହତ୍ୱକୁ ଦର୍ଶାଇଥାଏ । ସାଧାରଣତଃ କୁହାଯାଏ, ଯେତେବେଳେ କୌଣସି ସମ୍ପତ୍ତିର ମୂଲ୍ୟ ବିଥାଏ, ସେତେବେଳେ ଲୋକେ ନିଜକୁ ଧନୀ ଅନୁଭବ କରନ୍ତି ଏବଂ ଅଧିକ ଖର୍ଚ୍ଚ କରନ୍ତି । ଏହାକୁ ୱେଲ୍ଥ ଇଫେକ୍ଟ ବା ଧନର ପ୍ରଭାବ କୁହାଯାଏ । କିନ୍ତୁ ଏମ୍କେ ଗ୍ଲୋବାଲର ଏକ ରିପୋର୍ଟରେ ଏହାର ବିପରୀତ କୁହାଯାଏ । ରିପୋର୍ଟ ଅନୁସାରେ, ଭାରତରେ ୭୫ରୁ୮୦% ସୁନା ଗହଣା ଆକାରରେ ଅଛି । ଲୋକେ ଏହାକୁ ଦୀର୍ଘକାଳୀନ ସଞ୍ଚୟ ଏବଂ ପରମ୍ପରା ଭାବେ ଦେଖନ୍ତି । କାରଣ ଏହାକୁ ଲୋକେ ବିକ୍ରି କରନ୍ତି ନାହିଁ । ଏଥିପାଇଁ ଦର ବିବା ଦ୍ୱାରା ଲୋକଙ୍କ ଦୈନନ୍ଦିନ ଖର୍ଚ୍ଚ ଏବଂ କ୍ରୟ ଉପରେ କୌଣସି ପ୍ରଭାବ ପଡ଼ି ନ ଥାଏ ।

# ମହଙ୍ଗା ହେବ ଘରୋଇ ଗ୍ୟାସ ସିଲିଣ୍ଡର !

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ଦେଶରେ ଘରୋଇ ଗ୍ୟାସ୍ ସିଲିଣ୍ଡର ଅର୍ଥାତ ଏଲପିଜିରେ ମିଳୁଥିବା ସବସିଡର ଗଣିତ ପରିବର୍ତ୍ତନ ହେବାକୁ ଯାଉଛି । ସୂଚନା ଅନୁସାରେ, ଗତମାସ ସରକାରୀ ତେଲ କମ୍ପାନୀମାନେ ଆମେରିକା ରପ୍ତାନୀକାରୀଙ୍କ ସହ ମାସିକ ସପ୍ଲାଇ କଣ୍ଟ୍ରାକ୍ଟ ସାଇନ କରିଛନ୍ତି । ଯେଉଁଥି ପାଇଁ କେନ୍ଦ୍ର ସରକାର ଏଲପିଜି ସବସିଡ ଫର୍ମୁଲାରେ ପରିବର୍ତ୍ତନ ପାଇଁ ବିଚାର କରୁଛନ୍ତି । ବର୍ତ୍ତମାନ ସବସିଡ ହିସାବ ସାଉଦୀ କଣ୍ଟ୍ରାକ୍ଟ ପ୍ରାଇସ (ସିପି) ଆଧାରରେ କରାଯାଉଛି । ଯାହା ପଶ୍ଚିମ ଏସିଆରେ ଏଲପିଜି ସପ୍ଲାଇ ପାଇଁ ଏକ ଷ୍ଟାଣ୍ଡାର୍ଡ ହିସାବ । ହେଲେ ସରକାରୀ କମ୍ପାନୀ ଏବେ ଫର୍ମୁଲାରେ ଆମେରିକୀ ଷ୍ଟାଣ୍ଡାର୍ଡ ପ୍ରାଇସ ଓ ଆଣ୍ଟଲାଟିକ ପାର ସିପମେଣ୍ଟରେ ସାମିଲ ଲଜିଷ୍ଟିକ କଷ୍ଟକୁ ଭି ସାମିଲ କରିବାକୁ ଜୋର ଦେଉଛନ୍ତି । ଆମେରିକାରୁ ଆସିବାକୁ ଥିବା ଏଲପିଜି ଭାରତ ପାଇଁ ସେତେବେଳେ ଶସ୍ତା ହେବ ଯେତେବେଳେ ସାଉଦି ସିପି ତୁଳନାରେ ଦାମ ସେତିକି କମ ହେବ ଯାହାଦ୍ୱାରା ଲଜିଷ୍ଟିକ କଷ୍ଟ ଭରଣ ହୋଇପାରିବ । ହେଲେ ଏହା ସାଉଦି ଆରବ ଶିପମେଣ୍ଟ ତୁଳନାରେ ଚାରି ଗୁଣା ଅଧିକ । ଗତମାସ ଇଣ୍ଡିଆନ ଅଏଲ କର୍ପୋରେସନ, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ୨୦୨୬ କଣ୍ଟ୍ରାକ୍ଟ ଇୟର ପାଇଁ ଆମେରିକାରରୁ ପ୍ରାୟ ୨.୨ ମିଲିୟନ ମାଟ୍ରିକ ଟନ୍ ପ୍ରତିବର୍ଷ ଏଲପିଜି ଆମଦାନୀ କରିବାକୁ ଏକ ବର୍ଷ ପାଇଁ ଚୁକ୍ତି କରିଛନ୍ତି । ଏହା ଭାରତର ବାର୍ଷିକ ଆମଦାନୀର ପ୍ରାୟ ୧୦ ପ୍ରତିଶତ । ହେଲେ ଭାରତୀୟ କମ୍ପାନୀ ପୂର୍ବରୁ ମଧ୍ୟ ସ୍ପଟ ମାର୍କେଟରେ ଆମେରିକା ଏଲପିଜି କିଣିଛନ୍ତି । ହେଲେ ଏହା ଦେଶର ସପ୍ଲାଇ ପାଇଁ ସେମାନଙ୍କର ଦୀର୍ଘମିଆଦୀ ଚୁକ୍ତି। ସରକାର, ସରକାରୀ କମ୍ପାନୀଙ୍କ ଦ୍ୱାରା ଘରକୁ ସପ୍ଲାଇ ହେଉଥିବା ଏଲପିଜିର ଦାମ ନିୟନ୍ତ୍ରଣ କରିଥାନ୍ତି । ଯେତେବେଳେ କମ୍ପାନୀମାନେ ବଜାର ଦରରୁ କମ ଦାମରେ ବିକ୍ରି କରି କ୍ଷତି ସହିଥାନ୍ତି ସେତେବେଳେ ସରକାର ସେମାନଙ୍କୁ କ୍ଷତିପୂରଣ ଦେଇଥାନ୍ତି ।

# ଅରୁଣାଚଳ ପ୍ରଦେଶ ଭାରତର ଅଭିନ୍ନ ଅଙ୍ଗ, ଚୀନକୁ ଛାଡିବାକୁ ହେବ ତିବ୍ବତ

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ବିଜେପି ନେତା ତାପିର ଗାଓ ଅରୁଣାଚଳ ପ୍ରଦେଶକୁ ନେଇ ଚୀନର ଦାବିକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ଏହା ଭାରତର ଅଭିନ୍ନ ଅଂଶ ଓ ସବୁବେଳେ ରହିବୟ ଚୀନ୍ ବହୁବାର ଅରୁଣାଚଳକୁ ଦକ୍ଷିଣ ତିବ୍ବତ କହିସାରିଛି । କିନ୍ତୁ ଭାରତ ପ୍ରତିଥର କହିସାରିଛି ଏହା ଭାରତର ଅଭିନ୍ନ ଅଂଶ ।ଅରୁଣାଚଳ ପ୍ରଦେଶ କେବେ ବି ତିବ୍ବତର ଅଂଶ ନଥିଲା । ଏହି କଥା ୧୪ ତମ ଦଲାଇ ଲାମା ମଧ୍ୟ କହିସାରିଛନ୍ତି । ତାଙ୍କର କହିବା ଅନୁସାରେ, ଦିନେ ନା ଦିନେ ତିବ୍ବତକୁ ମୁକ୍ତ କରିବାକୁ ହେବ । ଗାଓ କହିଛନ୍ତି, ବାଂଲାଦେଶକୁ ମଧ୍ୟ ନିଜର ମନ୍ଦ ଉଦ୍ଦେଶ୍ୟକୁ ଛାଡି ଦେବା ଦରକାର । ସେ ପୂର୍ବୋତ୍ତର ଭାରତ ପର୍ଯ୍ୟନ୍ତ ବିସ୍ତାର କରିବାକୁ ଚାହାଁନ୍ତି । କିନ୍ତୁ ଭାରତରେ ବର୍ତ୍ତମାନ ନରେନ୍ଦ୍ର ମୋଦି ସରକାର ଅଛନ୍ତି । ତାଙ୍କର ପୁରା ଧ୍ୟାନ ବାଂଲାଦେଶ ଓ ମିଆଁମାର ସହ ଆସୁଥିବା ଅନୁପ୍ରବେଶକାରୀଙ୍କ ସହ



ରହିଛି । ସେ କହିଛନ୍ତି,ବାଂଲାଦେଶ ପୂର୍ବୋତ୍ତରରେ ଅନୁପ୍ରବେଶ କରିବାର ସ୍ୱପ୍ନ ଦେଖୁଛନ୍ତି । ତାଙ୍କୁ ଭୁଲିବା ଉଚିତ ନୁହେଁ ଯେ, ଆମକୁ ଚିକେନ ନେକର ବିସ୍ତାର ୨୨ କିଲୋମିଟର କରିଦେଇଛି । ଏବେ ଏହା ଚଟଗାଉଁ ହିଲ୍ ପର୍ଯ୍ୟନ୍ତ ବ୍ୟାପି ଯାଇଛି । ଆଜିର ଭାରତ କିଛି ବି କରିପାରେ । ଆମକୁ ଭାରତରେ ପଶିଥିବା ବେଆଇନ୍ ବାଂଲାଦେଶ ଓ ରୋହିଙ୍ଗ୍ୟାଙ୍କୁ ଫେରାଇ ଦେବାର ଅଛି । ପୂର୍ବତନ କୂଟନୀତିଜ୍ଞ କେପି ଫିବାୟନ କହିଛନ୍ତି, ଚୀନ୍ କେଣସି ପ୍ରକାର ଭାବରେ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ କବଜା କରିବାକୁ ଚାହୁଛି । ଏଥିପାଇଁ ଏହାକୁ ଦକ୍ଷିଣ ତିବ୍ବତ କୁହାଯାଉଛି । ପେଣ୍ଟାଗନ୍ ମଧ୍ୟ କହିଛି ଯେ, ଚୀନ୍ ଅରୁଣାଚଳକୁ ତିବ୍ବତ ଅଂଶ ବୋଲି ମାନୁଛି । ଚିୟାଙ୍ଗ କାଇ ଶେକ୍‌ଙ୍କ ସରକାର କଥା କହି ସେ କହିଛନ୍ତି, ଏଭଳି ଭାବନା ଆଜି ନୁହେଁ, ବରଂ ବହୁତ ପୁରୁଣା । ଭାରତ ସବୁବେଳେ ଧ୍ୟାନରେ ରଖିବା ଦରକାର ଯେ, ଚୀନ୍ ବିସ୍ତାରବାଦୀ ଥିଲା ଓ ଏବେ ରହିଛି ।ସେ ଭାରତର ସାର୍ବଭୌମତ୍ୱର ସମ୍ମାନ କରେନି ।

# ପ୍ରିୟଙ୍କାଙ୍କ ବୋହୂ ହେବେ ଅବିବା

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ଗାନ୍ଧୀ ପରିବାରରୁ ଆସିଲା ଖୁସିର ଖବର । ନିର୍ବନ୍ଧ କଲେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଏବଂ ଶିଳ୍ପପତି ରବର୍ଟ ଭଦ୍ରାଙ୍କ ପୁଅ ରେହାନ ଭଦ୍ରା। ପରିବାର ଲୋକ ଓ କିଛି ଘନିଷ୍ଠ ବନ୍ଧୁଙ୍କ ଉପସ୍ଥିତିରେ ରେହାନ ନିଜ ପ୍ରେମିକା ଅବିବା ବେଗ୍‌ଙ୍କ ସହ ନିର୍ବନ୍ଧ କରିଛନ୍ତି। କୁହାଯାଉଛି ଯେ, ରେହାନ, ଅବିବାଙ୍କ ସହ ୭ବର୍ଷ ହେଲା ପ୍ରେମ ସମ୍ପର୍କରେ ଥିଲେ । କିଛି ଦିନ ତଳେ ରେହାନ, ଅବିବାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେବା ପରେ ସେ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ । ପରେ ଉଭୟ ପରିବାର ରାଜି ହେବାରୁ ଉଭୟଙ୍କ ନିର୍ବନ୍ଧ ହୋଇଥିଲା । ଅବିବା ବେଗ ଦିଲ୍ଲୀର ବାସିନ୍ଦା ଏବଂ ତାଙ୍କ ପରିବାର ସହ ଭଦ୍ରା ପରିବାରର ସମ୍ପର୍କ ପୂର୍ବରୁ ବହୁତ ନିବିଡ଼ ଥିଲା । ଅବିବା ଦିଲ୍ଲୀର ପ୍ରତିଷ୍ଠିତ ମଡର୍ଣ୍ଣ ସ୍କୁଲରେ ତାଙ୍କର ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିଥିଲେ ଏବଂ ତା'ପରେ ଓପି ଜିନ୍ଦଲ ଗ୍ଲୋବାଲ ବିଶ୍ୱବିଦ୍ୟାଳୟରୁ Media Communication and Journalismରେ ଡିଗ୍ରୀ ହାସଲ କରିଥିଲେ ।

# ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନୀୟ ଡ୍ରୋନ ମାଡ

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ରଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସରକାରୀ ବାସଭବନ ଉପରେ ୟୁକ୍ରେନୀୟ ଡ୍ରୋନ ଆକ୍ରମଣକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏହି ଘଟଣାକୁ ଦୃଢ଼ ନିନ୍ଦା କରି ଏହାକୁ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତା ପାଇଁ ଏକ ଗମ୍ଭୀର ବିପଦ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି, ପାକିସ୍ତାନ ରଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବାସଭବନକୁ ଟାର୍ଗେଟ କରାଯାଇଥିବା ଘଟଣାକୁ ନିନ୍ଦା କରୁଛି । ଏହା ଏକ ଘୃଣ୍ୟ କାର୍ଯ୍ୟ ଯାହା ଶାନ୍ତି ପ୍ରୟାସକୁ ଦୁର୍ବଳ କରେ । ସେ ଆହୁରି କହିଛନ୍ତି ଯେ ପାକିସ୍ତାନ ରଷ ସରକାର ଏବଂ ଲୋକଙ୍କ ସହିତ ଏକତା ପ୍ରକାଶ କରେ ଏବଂ ସମସ୍ତ ପ୍ରକାରର ହିଂସାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରେ । ରଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ କହିଛନ୍ତି ଯେ ୟୁକ୍ରେନ ଡିସେମ୍ବର ୨୮-୨୯ ରାତିରେ ୯୧ଟି ଦୂରଗାମୀ ଡ୍ରୋନ୍ ସାହାଯ୍ୟରେ ନୋଭଗୋରୋଡ ଅଞ୍ଚଳରେ ରାଷ୍ଟ୍ରପତି ପୁଟିନଙ୍କ ସରକାରୀ ବାସଭବନ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । ରଷର ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମସ୍ତ ଡ୍ରୋନକୁ ଗୁଳି କରି ଖସାଇ ଦେଇଥିଲା । ଲାଭରୋଭ ଚେତାବନୀ ଦେଇଛନ୍ତି ଯେ ଏପରି ବେପରୁଆ କାର୍ଯ୍ୟର ନିଶ୍ଚିତ ଭାବରେ ଜବାବ ଦିଆଯିବ । ସେ କହିଛନ୍ତି ଯେ ରଷର ସଶସ୍ତ୍ର ବାହିନୀ ପ୍ରତିଶୋଧ ପାଇଁ ଲକ୍ଷ୍ୟ ସ୍ଥିର କରିସାରିଛି ।ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରିରଷର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଏହି ଆକ୍ରମଣ ଏପରି ଏକ ସମୟରେ ହୋଇଛି ଯେତେବେଳେ ୟୁକ୍ରେନ ସମ୍ପର୍କରେ ଶାନ୍ତି ଆଲୋଚନା ଚାଲିଛି । ସେ ସ୍ପଷ୍ଟ କରିଛନ୍ତି ଯେ ରଷ ଆଲୋଚନାରୁ ଓହରିବ ନାହିଁ, କିନ୍ତୁ ଏହାର ଆଲୋଚନା ରଣନୀତି ସମୀକ୍ଷା କରିବ । ସେପଟେ ୟୁକ୍ରେନ ଏହି ଅଭିଯୋଗଗୁଡ଼ିକୁ ମିଥ୍ୟା ବୋଲି କହିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ରଷର ଅଭିଯୋଗକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରି ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ମସ୍କୋ କିଭରେ ସରକାରୀ କୋଠା ଉପରେ ଆକ୍ରମଣ ପାଇଁ ଏକ ପରିବେଶ ସୃଷ୍ଟି କରୁଛି । ଏହି ଅଭିଯୋଗଗୁଡ଼ିକୁ ସମର୍ଥନ କରିବା ପାଇଁ ରଷ ଏପର୍ଯ୍ୟନ୍ତ କୌଣସି ପ୍ରମାଣ ଉପସ୍ଥାପନ କରିନାହିଁ । ଆକ୍ରମଣ ସମୟରେ ରାଷ୍ଟ୍ରପତି ପୁଟିନ ବାସଭବନରେ ଉପସ୍ଥିତ ଥିଲେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ନୁହେଁ ।କ୍ରେମଲିନ୍ ଅନୁଯାୟୀ, ରାଷ୍ଟ୍ରପତି ପୁଟିନ୍ ସୋମବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ । କଥାବାର୍ତ୍ତା ସମୟରେ ପୁଟିନ୍ କହିଥିଲେ ଯେ କଥିତ ଡ୍ରୋନ୍ ଆକ୍ରମଣ ପରେ ରଷ ଶାନ୍ତି ଆଲୋଚନା ଉପରେ ତାର ମତ ସମୀକ୍ଷା କରିବ । କ୍ରେମଲିନ୍ ବୈଦେଶିକ ନୀତି ପରାମର୍ଶଦାତା ୟୁରି ଉଶାକୋଭ୍ କହିଛନ୍ତି ଯେ ଟ୍ରମ୍ପ ପୁଟିନଙ୍କୁ ଆମେରିକା ଏବଂ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଆଲୋଚନା ବିଷୟରେ ଅବଗତ କରାଇଥିଲେ ।

# ସୋସିଆଲ ମିଡିଆ କମ୍ପାନୀଙ୍କୁ ସରକାରଙ୍କ କଡ଼ା ଚେତାବନୀ

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** କେନ୍ଦ୍ର ସରକାର ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି। ସରକାର ଅଶ୍ଳୀଳ ଏବଂ ଅଶାଳୀନ କଣ୍ଟେଣ୍ଟ ଏବଂ ଶିଶୁ ଯୌନ ନିର୍ଯାତନା ସହିତ ଜଡିତ ବେଆଇନ କଣ୍ଟେଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶକୁ ଅବମାନନା କରୁଥିବା ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଧାରା ୭୯ ଅନୁଯାୟୀ କମ୍ପାନୀଗୁଡ଼ିକ ପାଳନ କରିବାକୁ ବାଧ୍ୟ ହେବେ। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ କହିଛି ଯେ, ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୭୯ ଅନୁଯାୟୀ ନିର୍ଦ୍ଦେଶ ପାଳନ କରିବାକୁ ବାଧ୍ୟ ଯେ ସେମାନେ ସେମାନଙ୍କ ପ୍ଲାଟଫର୍ମରେ ଅଶ୍ଳୀଳ ଏବଂ ଅଶାଳୀନ ବିଷୟବସ୍ତୁ ଅପଲୋଡ୍ କରିବେ ନାହିଁ । ମନ୍ତ୍ରାଳୟ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ସେମାନଙ୍କର ସାଇଟ୍ ସମୀକ୍ଷା କରିବାକୁ ଏବଂ ସେମାନଙ୍କ ପ୍ଲାଟଫର୍ମରେ ଅଶ୍ଳୀଳ ଏବଂ ଅଶାଳୀନ ବିଷୟବସ୍ତୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛି । ଏହା ମଧ୍ୟ କହିଛି ଯେ ଏପରି ନ କଲେ ଜାତୀୟ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇପାରେ। ମନ୍ତ୍ରାଳୟର ଏହି ନିର୍ଦ୍ଦେଶ ଏପରି ସମୟରେ ଆସିଛି ଯେତେବେଳେ ଦେଖାଯାଇଛି ଯେ, ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ଅଶ୍ଳୀଳ, ଅଶାଳୀନ ଏବଂ ଅବୈଧ ବିଷୟବସ୍ତୁ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି । ମନ୍ତ୍ରଣାଳୟ କହିଛି ଯେ ସୂଚନା ପ୍ରଯୁକ୍ତିବିଦ୍ୟା ନିୟମ, ୨୦୨୧ ର ବ୍ୟବସ୍ଥା ପାଳନ କରିବାରେ ବିଫଳତା, IT ଆଇନ, ବିଏନ୍‌ଏସ୍ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ଅପରାଧ ଆଇନ ଅନୁଯାୟୀ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ।

# ଚୀନର ଜଷ୍ଟିସ ମିଶନ ୨୦୨୫ ଡ୍ରିଲରେ ତାଇୱାନରେ ଛନକା

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ପୁଣି ତେଜିଲା ଚୀନ-ତାଇୱାନ ବିବାଦ । ତାଇୱାନ ଉପରେ ଚୀନର ଦାଦାଗିରି । ତାଇୱାନ ଚାରିପାଖେ ମିଲିଟାରୀ ଡ୍ରିଲ କରିଛି ଚୀନ । ଜଷ୍ଟିସ ମିଶନ ୨୦୨୫ ନାମରେ ନାମିତ ଏହି ଡ୍ରିଲରେ ତାଇୱାନ ଲୋକଙ୍କ ମନରେ ଛନକା ଭରି ଦେଇଛି । ତାଇୱାନ ଚାରିପାଖେ ଚୀନ ଏହି ଡ୍ରିଲ କରୁଛି । ଏଥିରେ ସାମିଲ ହେବେ ଆର୍ମି, ଯୁଦ୍ଧ ଜାହାଜ, ଲଢୁଆ ବିମାନ ଓ ଆର୍ଟିଲେରି ୟୁନିଟ। ଚୀନର ଏହି ଡ୍ରିଲ ଯୋଗୁଁ ତାଇୱାନର ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି । ତାଇୱାନ ଚାରିପାଖରେ ଥିବା ପାଞ୍ଚଟି ଷ୍ଟ୍ରାଟେଜିକ ଜୋନରେ ଏହି ସମରାଭ୍ୟାସ ହେଉଛି । ସମୁଦ୍ର



ଭିତରେ ଓ ଆକାଶମାର୍ଗରେ ଏହି ସମରାଭ୍ୟାସ କରାଯାଉଛି । ଜଷ୍ଟିସ ମିଶନ ୨୦୨୫ ନାମରେ ଏହି ସାମରିକ ଡ୍ରିଲରେ ସାମିଲ ହୋଇଛନ୍ତି ଚୀନର ନୌସେନା, ବାୟୁସେନା ଓ ରକେଟ ବାହିନୀ । ତାଇୱାନକୁ ଚେତାବନୀ ଦେବା ଉଦ୍ଦେଶ୍ୟରେ ଏହି ଡ୍ରିଲ କରାଯାଉଛି ବୋଲି କହିଛି ଇଷ୍ଟର୍ଣ୍ଣ ଥିଏଟର କମାଣ୍ଡ । ୨୦୨୨ ପରଠାରୁ ଏହା ହେବ ଚୀନର ଷଷ୍ଠ ଯୁଦ୍ଧ ବ୍ଲୁ-ପ୍ରିଣ୍ଟ । ଆମେରିକାର ତତ୍କାଳୀନ ହାଉସ ସ୍ପିକର ନାନସି ପେଲୋସିଙ୍କ ଗସ୍ତ ପରଠାରୁ ଉତକ୍ଷିପ୍ତ ହୋଇଛି ଚୀନ । ସାମୁଦ୍ରିକ ଓ ବାୟୁସେନାକୁ ଯୁଦ୍ଧ ଲାଗି ପ୍ରସ୍ତୁତ ରଖିବା ଉଦ୍ଦେଶ୍ୟରେ ଏହି ଡ୍ରିଲ କାଯାଉଛି । ତାଇୱାନର ପ୍ରମୁଖ ବନ୍ଦର ଓ କୌଶଳଗତ ଅଞ୍ଚଳକୁ ଟାର୍ଗେଟ କରି ଏହି ଡ୍ରିଲ କରାଯାଉଛି । ୨୦୨୪ରେ ହୋଇଥିବା ସମ ଧରଣର ଡ୍ରିଲରେ କିଛି ଗୁରୁତ୍ୱପୂର୍ଣ୍ଣ ବନ୍ଦରକୁ ଅବରୋଧ କରିଥିଲା ଚୀନ । ସମ୍ଭାବ୍ୟ ଯୁଦ୍ଧରେ ବାହାର ଦେଶର ହସ୍ତକ୍ଷେପକୁ ବନ୍ଦ କରିବା ଲାଗି ଏହି ଅବରୋଧ କରାଯାଇଥିବା କହିଥିଲା ଚୀନ ।

# ୨୦୨୬ରେ ବି ଭାରତ-ପାକ ସଂଘର୍ଷ ଆଶଙ୍କା ରହିଛି

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ୨୦୨୫ ଶେଷ ହେବାକୁ ଯାଉଛି । ବିଦାୟୀ ବର୍ଷର ସବୁଠାରୁ ବଡ଼ ଘଟଣା ଥିଲା ଅପରେସନ ସିନ୍ଦୂର ଓ ଭାରତ-ପାକିସ୍ତାନ ସଂଘର୍ଷ । ତେବେ ନୂଆବର୍ଷ ଅର୍ଥାତ୨୦୨୬ରେ ବି ଦୁଇ ଦେଶ ମଧ୍ୟରେ ଆଉ ଥରେ ସଂଘର୍ଷ ହେବାର ଆଶଙ୍କା ରହିଛି । ଏପରି ଆଶଙ୍କା ବ୍ୟକ୍ତ କରିଛି ଏକ ଆମେରିକୀୟ ଥିଙ୍କ୍ ଟ୍ୟାଙ୍କ୍ କାଉନସିଲ୍ ଅନ୍ ଫରେନ୍ ରିଲେସନ୍ସ (ସିଏଫଆର୍) । ସିଏଫଆର୍ ସତର୍କ କରାଇ ଦେଇଛି ଯେ ଅପରେସନ୍ ସିନ୍ଦୂର ପରେ ୨୦୨୬ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଉ ଏକ ଯୁଦ୍ଧ ସୃଷ୍ଟି କରିପାରେ । ରିପୋର୍ଟରେ ଦାବି କରାଯାଇଛି ଯେ ଜମ୍ମୁ ଏବଂ କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଉରଜ କହିଛି ଯେ ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ, ତେବେ ଏହା ଆମେରିକା ଉପରେ ପ୍ରଭାବ ପକାଇପାରେ । ନିକଟରେ ଜାରି ଭାରତୀୟ ଗୁଇନ୍ଦା ସଂସ୍ଥାର ରିପୋର୍ଟ ଅନୁଯାୟୀ, ଏହି ଶୀତରେ ଜମ୍ମୁ ଅଞ୍ଚଳରେ ୩୦ରୁ ଅଧିକ ପାକିସ୍ତାନୀ ଆତଙ୍କବାଦୀ ସକ୍ରିୟ ଅଛନ୍ତି।୨୦୨୫ ଏପ୍ରିଲ୍ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ୭ ମଇ ୨୦୨୫ରେ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା । ଏହି ଅପରେସନ୍ ଅଧୀନରେ, ଭାରତୀୟ ସେନା ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରିଥିଲା । ଭାରତୀୟ ବାୟୁସେନା ଆତଙ୍କବାଦୀଙ୍କୁ ସମର୍ଥନ କରୁଥିବା ପାକିସ୍ତାନୀ ସେନା ଉପରେ ମଧ୍ୟ ଏକ ଭୟଙ୍କର ଆକ୍ରମଣ କରିଥିଲା । ଭାରତ ଅନେକ ପାକିସ୍ତାନୀ ବାୟୁସେନା ଘାଟିକୁ ନଷ୍ଟ କରିଦେଇଥିଲା।

# ଭୟଙ୍କର ସଡ଼କ ଦୁର୍ଘଟଣା,ଚାଲିଗଲା ୭ ଜୀବନ

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ଉତ୍ତରାଖଣ୍ଡର ଅଲମୋଡା ଜିଲ୍ଲାରେ ଭୟଙ୍କର ସଡ଼କ ଦୁର୍ଘଟଣା । ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଗଭୀର ଖାଇକୁ ଖସିପଡ଼ିବା ଫଳରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ସମୟରେ ବସରେ ପ୍ରାୟ ୧୨ ଜଣ ଯାତ୍ରୀ ଥିଲେ । ଶିଳାପାନି ନିକଟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି । ଖବର ପାଇ ସ୍ଥାନୀୟ ପୋଲିସ ଏବଂ ପ୍ରଶାସନିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁମାନଙ୍କ ମଧ୍ୟରୁ କିଛି ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି । ଉତ୍ତରାଖଣ୍ଡର ପାହାଡ଼ିଆ ରାସ୍ତାରେ ଖରାପ ପାଗ କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି । ପ୍ରଶାସନ ପକ୍ଷରୁ ମୃତାହତଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରାଯାଉଛି । ସେହିପରି ମୁମ୍ବାଇରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଚିତ୍ର ମଧ୍ୟ ସାମ୍ନାକୁ ଆସିଛି । ପଥଚାରୀଙ୍କ ଉପରେ ଚିଗଲା ବସ୍ । ମୁମ୍ବାଇ ମହାନଗର ଅଧୀନରେ ଚଳାଚଳ କରୁଥିବା ସରକାରୀ ବସ୍ ଚିପିଯିବା ଯୋଗୁଁ ୪ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୩ ଜଣ ପୁରୁଷ ଓ ଜଣେ ମହିଳା ରହିଛନ୍ତି । ଦୁର୍ଘଟଣାରେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି । ଭାଣ୍ଡୁପ ରେଲୱେ ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଛି । ଜନଗହଳିପୂର୍ଣ୍ଣ ଜାଗାରେ ବସ୍କୁ ପଛକୁ ନିଆଯାଉଥିବା ବେଳେ ପଥଚାରୀଙ୍କ ଉପରେ ଚିଯାଇଥିଲା । ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ସାଇ ମନ୍ଦିର ଦର୍ଶନ କରି ୫କୋଟି ଟଙ୍କା ଦାନ କଲେ ଅନନ୍ତ ଅମ୍ବାନି

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ଅମ୍ବାନୀ ପରିବାରର ପ୍ରାୟ ସମସ୍ତେ ଈଶ୍ୱର ବିଶ୍ୱାସୀ ଅଟନ୍ତିୟ ହିନ୍ଦୁ ଧର୍ମର ସବୁ ପୂଜାପର୍ବକୁ ସେମାନେ ଖୁବ ଧୁମଧାମରେ ପାଳନ କରିଥାଆନ୍ତି। ତେବେ ସାଇବାବାଙ୍କ ଉପରେ ଗଭୀର ଆସ୍ଥା ରଖୁଥିବା ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀ ସୋମବାର ଦିନ ଶିରିଡି ଯାଇ ସାଇବାବାଙ୍କୁ ଦର୍ଶନ କରିଥିବା ଜଣାଯାଇଛି। ଅନନ୍ତ, ସାଇବାବାଙ୍କ ଦରବାରରେ ପହଞ୍ଚି ତାଙ୍କୁ ମୁଣ୍ଡିଆ ମାରିବା ସହ ପୂଜା କରିଥିଲେ ଏବଂ ଆଳତୀରେ ଅଂଶଗ୍ରହଣ କରିଥିଲେ ବୋଲି ଜଣାପଡ଼ିଛି । ଶିରିଡିରେ ଅନନ୍ତ ପହଞ୍ଚିବା ପରେ ସାଇ ବାବା ସଂସ୍ଥାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋରକ୍ଷ ଗାଡିଲକର ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ସେ ପୂଜାର୍ଚ୍ଚନା କରି ଆଳତୀ କରିଥିଲେ । ଧୂପ ଆଳତୀ ପରେ ସେ ସାଇ ବାବାଙ୍କ ସମାଧିରେ ନୀଳ ରଙ୍ଗର ଚଦର ଚଢାଇଥିଲେ। ଏସବୁ କାମ ସାରି ଅନନ୍ତ ଅମ୍ବାନୀ ରିଲାଏନ୍ସ ବିଜ୍ନେସ୍ ଗ୍ରୁପ ପକ୍ଷରୁ ସାଇ ଦରବାରକୁ ୫ କୋଟିର ଦାନ ଦେଇଥିଲେ । ସେ ଏହି ରାଶିକୁ ଏକ ଚେକ ମାଧ୍ୟମରେ ଗାଡିଲକରଙ୍କୁ ପ୍ରଦାନ କରିଥିଲେ। ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀ ବହୁତ ଈଶ୍ୱର ବିଶ୍ୱାସୀ । ଅନେକ ସମୟରେ ସେ ବିଭିନ୍ନ ଧାର୍ମିକ ସ୍ଥଳଗୁଡ଼ିକୁ ଯାଉଥିବା ଦେଖାଯାଏ।ଚଳିତ ବର୍ଷ ଏପ୍ରିଲରେ ଅନନ୍ତ ଅମ୍ବାନୀ ଜାମନଗରରୁ ଦ୍ୱାରକାକୁ ପଦଯାତ୍ରା କରିଥିଲେ ।ସେ ପ୍ରାୟ ୧୦-୧୫ କିଲୋମିଟର ପର୍ଯ୍ୟନ୍ତ ପଦଯାତ୍ରା କରି ବାଟରେ ପଡିଥିବା ସବୁ ମନ୍ଦିରକୁ ଦର୍ଶନ କରିବା ସହ ପୂଜାପାଠ ମଧ୍ୟ କରିଥିଲେ ।

# ୨୦୨୬ରେ ପଶ୍ଚିମବଙ୍ଗରେ ବିଜେପି ସରକାର

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ୨୦୨୬ରେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରିବ । ଆଉ ସରକାର ହେଲା ପରେ ପଶ୍ଚିମବଙ୍ଗରୁ ଖୋଜି ଖୋଜି ଅନୁପ୍ରବେଶକାରୀଙ୍କୁ ବାହାର କରାଯିବ । ପଶ୍ଚିମବଙ୍ଗ ଗସ୍ତରେ ଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଏଭଳି ବୟାନ ଆଜି ଚର୍ଚ୍ଚା ସୃଷ୍ଟି କରିଛି । ସିଧା ସିଧା ଟିଏମସି ସରକାର ଉପରେ ଶାହା ହମଲା କରିଥିବାବେଳେ, ଆସନ୍ତାବର୍ଷ ହେବାକୁ ଥିବା ନିର୍ବାଚନରେ ବିଜେପି ବାଜି ମାରିବ ବୋଲି ଶାହା ଦମ୍ଭୋକ୍ତି ଦେଖାଇଛନ୍ତି । ଜାଣିରଖିବା ଉଚିତ ଯେ, ଶାହା ଏବେ ପଶ୍ଚିମବଙ୍ଗ ଗସ୍ତରେ ଅଛନ୍ତି । ଆଉ ଏହିକ୍ରମରେ ସେ ଆଜି କୋଲକାତାରେ ସାମ୍ବାଦିକ ସମ୍ମିଳନୀ କରିଥିଲେ । ସେ କହିଥିଲେ, ଗତ ୧୫ ବର୍ଷ ଧରି ପଶ୍ଚିମବଙ୍ଗ ଭୟ, ଦୁର୍ନୀତି ଏବଂ ଅନୁପ୍ରବେଶର ଶିକାର ହୋଇଛି । ତେଣୁ ୨୦୨୬ରେ ବିଜେପି ସରକାର ଗଠନ କରିବା ପରେ ଏହା ବନ୍ଦ ହେବ । ବିଜେପି ସରକାର ଆସିବା ପରେ ପଶ୍ଚିମବଙ୍ଗରୁ ବାଛି ବାଛି ଅନୁପ୍ରବେଶକାରୀଙ୍କୁ ହଟାଯିବ ବୋଲି କହିଛନ୍ତି ଶାହ । ଶାହ ଆହୁରି ମଧ୍ୟ କହିଛନ୍ତି ଯେ, ପଶ୍ଚିମବଙ୍ଗର ସୀମା ନେଇ ଅନୁପ୍ରବେଶ କେବଳ ସେହି ରାଜ୍ୟ ପାଇଁ ନୁହେଁ ବରଂ ସାରା ଦେଶ ପାଇଁ ଏକ ସୁରକ୍ଷା ସମସ୍ୟା । ତେଣୁ ବେଙ୍ଗଲର ସୀମାକୁ ସିଲ୍ କରିବା ଜରୁରୀ ବୋଲି ସେ ମତ ପ୍ରକାଶ କରିଛନ୍ତି । ଏହାସହ ଏହି କାମକୁ ଟିଏମସି ନୁହେଁ ବରଂ ବିଜେପି କରିପାରିବ ବୋଲି ସେ କହିଛନ୍ତି । ଶାହାଙ୍କ କହିବା କଥା, ବିଜେପି ସେଠାରେ ସରକାରକୁ ଆସିଲେ ସେଠାକାର ସ୍ଥାନୀୟ ଐତିହ୍ୟକୁ ପୁନର୍ଜୀବିତ କରାଯିବ । ଏହାସହ ବିକାଶ ମଧ୍ୟ ଦ୍ରୁତଗତିରେ ଆଗକୁ ବଢ଼ିବ । ଗରିବ କଲ୍ୟାଣକୁ ବିଜେପି ସରକାର ପ୍ରାଥମିକତା ଦେବ ବୋଲି ଶାହା କହିଛନ୍ତି ।ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ୧୫ ବର୍ଷର ଟିଏମସି ଶାସନରେ, ବଙ୍ଗଳାର ଲୋକମାନେ ଭୟ, ଦୁର୍ନୀତି, କୁଶାସନ ଏବଂ ବିଶେଷକରି ଅନୁପ୍ରବେଶ ଯୋଗୁଁ ଭୟଭୀତ ଏବଂ ଚିନ୍ତିତ ଅଛନ୍ତି ।

# ମୋଦୀ-ଶାହାଙ୍କୁ ଦୁର୍ଯ୍ୟୋଧନ-ଦୁଃଶାସନ କହିଲେ ଦିଦି

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ରାଜନୈତିକ ତାପମାତ୍ରା ବିବାରେ ଲାଗିଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଙ୍କୁରାରେ ଏକ ରାଲିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଅମିତ ଶାହଙ୍କ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଲଟା ଅଭିଯୋଗ ଆଣିଛନ୍ତି । ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଭିଯୋଗର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଭୟ ପ୍ରମୁଖ ବିଜେପି ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଶାହଙ୍କୁ ମହାଭାରତର ଦୁର୍ଯ୍ୟୋଧନ ଏବଂ ଦୁଃଶାସନଙ୍କ ସହ ତୁଳନା କରିଛନ୍ତି। ପଶ୍ଚିମବଙ୍ଗରେ ଆତଙ୍କବାଦୀ ନେଟୱାର୍କ କାମ କରୁଥିବା ଶାହଙ୍କ ଅଭିଯୋଗକୁ ପ୍ରତିହତ କରିବା ସହିତ, ମମତା ପହଲଗାମ ଆକ୍ରମଣ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସିଧାସଳଖ ପ୍ରଶ୍ନ ପଚାରିଛନ୍ତି । ସେ ଉଭୟ ପ୍ରମୁଖ ବିଜେପି ନେତା ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଗୃହମନ୍ତ୍ରୀ ଶାହଙ୍କୁ ମହାଭାରତର ଦୁର୍ଯ୍ୟୋଧନ ଏବଂ ଦୁଃଶାସନଙ୍କ ତୁଳନା କରିଛନ୍ତି । କେବଳ ଏତିକି ନୁହେଁ, ବଙ୍ଗଳାରେ ଆତଙ୍କବାଦୀ ନେଟୱାର୍କର ଶାହଙ୍କ ଅଭିଯୋଗକୁ ପ୍ରତିହତ କରିବା ସହିତ, ମମତା ପହଲଗାମ ଆକ୍ରମଣ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସିଧାସଳଖ ପ୍ରଶ୍ନ ପଚାରିଛନ୍ତି ।ବୀରସିଂହପୁରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ମମତା ବାନାର୍ଜୀ କହିଛନ୍ତି ଶକୁନିଙ୍କ ଶିଷ୍ୟ ଦୁଃଶାସନ କେବଳ ସୂଚନା ସଂଗ୍ରହ କରିବାକୁ ପଶ୍ଚିମବଙ୍ଗ ଆସିଛନ୍ତି । ସେ ବ୍ୟଙ୍ଗ କରି କହିଛନ୍ତି ଯେ ନିର୍ବାଚନ ପାଖେଇ ଆସିବା ମାତ୍ରେ ଦୁର୍ଯ୍ୟୋଧନ ଏବଂ ଦୁଃଶାସନ ଏଠାରେ ଦେଖାଯାଆନ୍ତି । ଅମିତ ଶାହ ବର୍ତ୍ତମାନ ରାଜ୍ୟରେ ତିନି ଦିନିଆ ଗସ୍ତରେ ଅଛନ୍ତି। ଶାହା ଅନୁପ୍ରବେଶକୁ ନେଇ ମମତା ବାନାର୍ଜୀ ସରକାରଙ୍କୁ ସମାଲୋଚନା କରିଛନ୍ତି । ଏହାର ଜବାବରେ, ତୃଣମୂଳ ମୁଖ୍ୟ ମମତା ଏକ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରି ସ୍ପଷ୍ଟ କରିଛନ୍ତି, ସେ ବିଜେପିର ଅଭିଯୋଗ ନେଇ ଭୟଭୀତ ହେବେ ନାହିଁ । ରାଜ୍ୟରେ ଆତଙ୍କବାଦୀ ନେଟୱାର୍କ କାର୍ଯ୍ୟ କରୁଛି ଏବଂ ଅନୁପ୍ରବେଶ ଦ୍ରୁତ ଗତିରେ ବୃଦ୍ଧି ପାଉଛି ବୋଲି ଅମିତ ଶାହ ଅଭିଯୋଗ କରିଥିଲେ । ମମତା ବାନାର୍ଜୀ ଏହାର କଡ଼ା ପ୍ରତିକ୍ରିୟା ପ୍ରକାଶ କରି ପ୍ରଶ୍ନ କରିଛନ୍ତି ଯେ, ଆତଙ୍କବାଦୀମାନେ ପଶ୍ଚିମବଙ୍ଗରେ ଅଛନ୍ତି କି, ପହଲଗାମ ଆକ୍ରମଣ କ'ଣ କେନ୍ଦ୍ର ସରକାରଙ୍କ ଦ୍ୱାରା ସଂଗଠିତ ହୋଇଥିଲା କି ? ସେ ଅମିତ ଶାହଙ୍କ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ବିଜେପି କେବଳ ନିର୍ବାଚନ ଜିତିବା ପାଇଁ ପଶ୍ଚିବଙ୍ଗବଙ୍ଗର ଭାବମୂର୍ତ୍ତିକୁ ଖରାପ କରୁଛି । ମମତାଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ବିଜେପି ୨୦୨୬ରେ ପଶ୍ଚିମବଙ୍ଗରେ କ୍ଷମତା ହାସଲ କରିବା ଏବଂ ଏହାର ସୀମା ସିଲ୍ କରିବା ପାଇଁ ଦାବି କରୁଛି । ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି, କେନ୍ଦ୍ର ସରକାର ନିଜର ବିଫଳତାକୁ ଲୁଚାଇବା ପାଇଁ ରାଜ୍ୟ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି ।



# ରାଜ୍ୟବାସୀଙ୍କ ପାଇଁ ନୂଆ ନିଯୁକ୍ତି ସୃଷ୍ଟି ନିମନ୍ତେ ଡିଏନ ଗ୍ରୁପର ଯୋଜନା




**ଭୁବନେଶ୍ୱର, ୩୦।୧୨ (ନି.ପ୍ର) :** ରାଜ୍ୟର ଅଗ୍ରଣୀ ବ୍ୟବସାୟ ପ୍ରତିଷ୍ଠାନ ଡିଏନ୍ ଗ୍ରୁପ ଆସନ୍ତା ୩ବର୍ଷ ମଧ୍ୟରେ ଏହାର ବ୍ୟବସାୟକୁ ରାଜ୍ୟ ତଥା ଦେଶର ବିଭିନ୍ନ ସହରକୁ ସଂପ୍ରସାରିତ କରି ରାଜ୍ୟବାସୀଙ୍କ ପାଇଁ ପାଂଚ ହଜାରରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ଯୋଜନା ପ୍ରସ୍ତୁତି କରିଛି । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଶିକ୍ଷାବିତ୍ ସ୍ୱର୍ଗତ ଦାଶରଥୀ ନାୟକଙ୍କ ୧୦୬ତମ ଜନ୍ମବାର୍ଷିକୀ ଅବସରରେ ପାଳିତ ଡିଏନ୍ ଗ୍ରୁପର ପ୍ରତିଷ୍ଠା ଦିବସ ଡିଏନ୍ ଡେ' ୨୦୨୫ରେ ଅନୁଷ୍ଠାନର ଅଧକ୍ଷ ଜଗଦୀଶ ପ୍ରସାଦ ନାୟକ ଏନେଇ କଂପାନୀର କର୍ମକର୍ତା ତଥା ହିତାଧିକାରୀଙ୍କୁ ସୂଚନା ପ୍ରଦାନ କରିଛନ୍ତି ।

ଡିଏନ୍ ଗ୍ରୁପ ଆସନ୍ତା ଦିନରେ ଜାତୀୟ ସ୍ତରରେ ଏହାର ବ୍ୟବସାୟ ସଂପ୍ରସାରଣ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରୁଛି । ଡିଏନ୍ ଗ୍ରୁପ ସବୁବେଳେ ରାଜ୍ୟର ଭିତିଭୂମିର ବିକାଶ, ଶିକ୍ଷା କ୍ଷେତ୍ରରେ ନୂତନ ସମ୍ଭାବନା ପ୍ରସ୍ତୁତି, ହୋଟେଲ ବ୍ୟବସାୟ ତଥା ପର୍ଯ୍ୟଟନ ଶିଳ୍ପର ବିକାଶ ଏବଂ ଏହାର ପ୍ରଚାର ପ୍ରସାର ନିମନ୍ତେ ମିଡିଆ କ୍ଷେତ୍ରରେ କାର୍ଯ୍ୟକରି ଓଡ଼ିଶାର ପ୍ରଗତିରେ ନିଜକୁ ସାମିଲ କରିଆସୁଅଛି ବୋଲି ଅଧକ୍ଷ ଶ୍ରୀଯୁକ୍ତ ନାୟକ କହିଛନ୍ତି ।

ଡିଏନ୍ ହୋମ୍ସର ନିର୍ଦ୍ଦେଶିକା ଶ୍ରୀମତି ରତ୍ନମାଳା ସ୍ୱାଇଁ ନିଜର ବକ୍ତବ୍ୟରେ କହିଛନ୍ତି ଯେ, ଆମେ ଏକ ସ୍କେଲ୍ଡ, ଲାଭଜନକ ଏବଂ ସାଂଗଠନିକ ପରିଚାଳିତ ଉଦ୍ୟୋଗ ନିର୍ମାଣ କରୁଛୁ, ଯାହା ଶାସନ, ଆର୍ଥିକ ଶୃଙ୍ଖଳା ଏବଂ ସଂଗଠନାତ୍ମକ ଡିଜାଇନ୍ ରେ ସୁସଂଗଠିତ ସଂସ୍କାର ଦ୍ୱାରା ସମର୍ଥିତ । ସେଥିନିମନ୍ତେ ଡିଏନ୍ ଗ୍ରୁପ ଜାତୀୟ ଓ ଅଂର୍ଜାତୀୟ ସ୍ତରର ବ୍ୟବସାୟରେ ଅନୁଭବ ରଖିଥିବା ସି.ଏକ୍ସ.ଓ ସ୍ତରୀୟ ଲିଡରମାନଙ୍କୁ ନିଯୁକ୍ତ କରିଛି । ଏହି ପରିବର୍ତନ ଡିଏନ୍ ଗ୍ରୁପକୁ ଏକ ସୁବ୍ୟବସ୍ଥିତ, ସୁଶାସିତ ଅନୁଷ୍ଠାନରେ ପରିଣତ କରି ଆସନ୍ତା ୩ବର୍ଷ ଭିତରେ ଆଇପିଓ ଯିବା ନିମନ୍ତେ ପଥ ପରିଷ୍କାର କରିବ । ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ଦାଶରଥୀ ନାୟକଙ୍କ ସ୍ମୃତିରେ ସ୍ଥାପିତ ଡିଏନ୍ ଗ୍ରୁପ ଏକ ସଫଳ ଉଦ୍ୟୋଗ ଭାବେ ତିନି ଦଶନ୍ଧିରୁ ଅଧିକ ଦିନଧରି ରାଜ୍ୟରେ କାର୍ଯ୍ୟ କରିଆସୁଅଛି ।

# ସକରା ୱାର୍ଲ୍ଡ ହସ୍ପିଟାଲ୍ ସମଗ୍ର ନ୍ୟୁରୋ କେୟାରକୁ ସଶକ୍ତ କରିବା ପାଇଁ ଅତ୍ୟାଧୁନିକ ପାର୍କିନସନ୍ ରୋଗ କ୍ଲିନିକର ଶୁଭାରମ୍ଭ

**ବେଙ୍ଗାଲୁରୁ, ୩୦।୧୨ (ନି.ପ୍ର) :** ଭାରତର ପ୍ରଥମ ୧୦୦% ଏଫଡିଆଇ-ଅର୍ଥପୋଷିତ ହସ୍ପିଟାଲ୍ ଏବଂ ନ୍ୟୁରୋସାଇଏନ୍ସ କ୍ଷେତ୍ରରେ ଅଗ୍ରଣୀ ସକରା ୱାର୍ଲ୍ଡ ହସ୍ପିଟାଲ୍ ଆଜି ତାହାର ପାର୍କିନସନ୍ ରୋଗ କ୍ଲିନିକ୍ର ଶୁଭାରମ୍ଭର ଘୋଷଣା କରିଛି । ଏହି ସମର୍ପିତ, ବହୁବିଭାଗୀୟ କେନ୍ଦ୍ରଟି ପାର୍କିନସନ୍ ରୋଗ ଏବଂ ଅନ୍ୟାନ୍ୟ ମୁଭମେଣ୍ଟ ଡିସଅର୍ଡର୍ସରେ ପୀଡିତ ରୋଗୀମାନଙ୍କ ପାଇଁ ଉନ୍ନତ ନିଦାନ, ବ୍ୟକ୍ତିଗତ ଚିକିତ୍ସା ଏବଂ ସମଗ୍ର ପୁନର୍ବାସ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ସ୍ଥାପିତ କରାଯାଇଛି ।

ଏହି ଅତ୍ୟାଧୁନିକ କ୍ଲିନିକର ଔପଚାରିକ ଉଦ୍ଘାଟନ ୟୁଇଚି ନାଗାନୋ, ମ୍ୟାନେଜିଂ ଡିରେକ୍ଟର; କେଇ ଇୟାମା, ଡେପୁଟି ମ୍ୟାନେଜିଂ ଡିରେକ୍ଟର; ଏବଂ ଲଭେକେଶ କୁମାର ଫାସୁ, ଗ୍ରୁପ୍ ଚିଫ୍ ଅପରେଟିଂ ଅଫିସର, ସକରା ୱାର୍ଲ୍ଡ ହସ୍ପିଟାଲ, ବେଙ୍ଗାଲୁରୁଙ୍କ ଦ୍ୱାରା କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡା. ପ୍ରଶାନ୍ତ ଏଲ୍.କେ., ମୁଭମେଣ୍ଟ ଡିସଅର୍ଡର୍ ସୋସାଇଟି ଅଫ୍ ଇଣ୍ଡିଆ (MDSI) ର ପ୍ରତିଷ୍ଠାତା ସଦସ୍ୟମାନଙ୍କ ମଧ୍ୟରୁ ଜଣେ, ଏବଂ ଡା. ହେମା କୃଷ୍ଣା ପି, କନସଲଟାଣ୍ଟ - ନ୍ୟୁରୋଲୋଜି, ପାର୍କିନସନ୍ ରୋଗ ଏବଂ ମୁଭମେଣ୍ଟ ଡିସଅର୍ଡର୍ସ, ସକରା ୱାର୍ଲ୍ଡ ହସ୍ପିଟାଲ୍, ବେଙ୍ଗାଲୁରୁ ଉପସ୍ଥିତ ଥିଲେ ।

ନବ-ସ୍ଥାପିତ ପାର୍କିନସନ୍ ରୋଗ କ୍ଲିନିକ୍ର ଲକ୍ଷ୍ୟ ହେଉଛି ଭାରତରେ ବଢୁଥିବା ପାର୍କିନସନ୍ ରୋଗର ଭାରକୁ ସମ୍ବୋଧନ କରିବା, ଯେଉଁଠାରେ ପ୍ରାରମ୍ଭିକ ପରିଚୟ, ସମୟୋଚିତ ଚିକିତ୍ସା ଓ ଦୀର୍ଘକାଳୀନ ପରିଚାଳନା ଜୀବନର ଗୁଣମାନରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ । ଏହି କ୍ଲିନିକ୍ ନ୍ୟୁରୋଲୋଜି ଏବଂ ଉନ୍ନତ ମୁଭମେଣ୍ଟ ଡିସଅର୍ଡର୍ କେୟାର, ଫଙ୍କସନାଲ୍ ନ୍ୟୁରୋସର୍ଜେରି, ନ୍ୟୁରୋସାଇକୋଲୋଜି ଏବଂ ପୁନର୍ବାସ ବିଜ୍ଞାନକୁ ଏକତ୍ର କରି ନିମ୍ନଲିଖିତ ସେବାଗୁଡ଼ିକ ପ୍ରଦାନ କରେ: ଉନ୍ନତ ନ୍ୟୁରୋ-ଡାୟାଗ୍ନୋଷ୍ଟିକ୍ ଉପକରଣ ମାଧ୍ୟମରେ ପ୍ରାରମ୍ଭିକ ନିଦାନ, ଡିପ୍ ବ୍ରେନ୍ ଷ୍ଟିମୁଲେସନ୍ (DBS) ଏବଂ ଏପୋମର୍ଫିନ୍ ଇନଫ୍ୟୁଜନ୍ ଥେରାପି ସହିତ ଚିକିତ୍ସାମୂଳକ ଓ ସର୍ଜିକାଲ୍ ହସ୍ତକ୍ଷେପ, ଗତିଶୀଳତା, ସନ୍ତୁଳନ ଏବଂ କାର୍ଯ୍ୟାତ୍ମକ ସ୍ୱାଧୀନତା ପାଇଁ ସମଗ୍ର ପୁନର୍ବାସ, ରୋଗୀ ଏବଂ ଦେଖଭାଳକମାନଙ୍କ ପାଇଁ ବ୍ୟକ୍ତିଗତ କାଉନସେଲିଂ ଏବଂ ଥେରାପି, ରୋଗର ପ୍ରଗତି



ପରିଚାଳନା ପାଇଁ ଦୀର୍ଘକାଳୀନ କେୟାର ପାଥୱେ କ୍ଲିନିକ୍ ଏକ ବିଶେଷ ପାର୍କିନସନ୍ କେୟାର ପ୍ୟାକେଜ୍ ମଧ୍ୟ ଆରମ୍ଭ କରିଛି, ଯାହା ରୋଗର ପ୍ରତ୍ୟେକ ପର୍ଯ୍ୟାୟରେ ରୋଗୀମାନଙ୍କୁ ସୁଲଭ ଏବଂ ଅବିରତ ଚିକିତ୍ସା ଦେବା ପାଇଁ ଡିଜାଇନ୍ କରାଯାଇଛି ।

ଏହି ପଦକ୍ଷେପ ଉପରେ ମତ ପ୍ରକାଶ କରି ଶ୍ରୀ ୟୁଇଚି ନାଗାନୋ, ମ୍ୟାନେଜିଂ ଡିରେକ୍ଟର, ସକରା ୱାର୍ଲ୍ଡ ହସ୍ପିଟାଲ୍ କହିଥିଲେ, ନ୍ୟୁରୋସାଇଏନ୍ସ କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନଦଣ୍ଡ ପ୍ରଦାନ କରିବା ସକରାର ମିଶନ୍କୁ ଏହି ବିଶେଷ କ୍ଲିନିକର ଶୁଭାରମ୍ଭ ପ୍ରତିବିମ୍ବିତ କରେ । ଭାରତର ବୃଦ୍ଧ ଜନସଂଖ୍ୟାରେ ପାର୍କିନସନ୍ ରୋଗର ବଢୁଥିବା ପ୍ରଚଳନାକୁ ଦୃଷ୍ଟିରେ ରଖି, ଆମର ସମଗ୍ର ଏବଂ ସହଯୋଗାତ୍ମକ କେୟାର ମଡେଲ୍ ରୋଗୀ ଏବଂ ତାଙ୍କ ପରିବାରଙ୍କ ଜୀବନ ଗୁଣମାନରେ ଲକ୍ଷଣୀୟ ସୁଧାର ଆଣିବ ।

ସକରା ୱାର୍ଲ୍ଡ ହସ୍ପିଟାଲର ପାର୍କିନସନ୍ ରୋଗ କ୍ଲିନିକ୍ର ଶୁଭାରମ୍ଭ ଏମିତି ଗୁରୁତ୍ୱପୂର୍ଣ୍ଣ ସମୟରେ ହୋଇଛି, ଯେଉଁଠାରେ ନୂତନତମ ଆଙ୍କଡା ଅନୁସାରେ ଭାରତରେ ପାର୍କିନସନ୍ ରୋଗର ଭାର ୨୦୫୦ ସୁଦ୍ଧା ୧୬୮% ବଢି ପ୍ରାୟ ୨୮ ଲକ୍ଷ ମାମଲାକୁ ପହଞ୍ଚିବ ବୋଲି ଅନୁମାନ କରାଯାଇଛି, ଯାହା ବିଶ୍ୱ ମୋଟର ପ୍ରାୟ ୧୦% ହେବ ।

ବିଶେଷଭାବେ, ବେଙ୍ଗାଲୁରୁ ଭିତ୍ତିକ ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଇଥିବା ଗବେଷଣା ସହିତ ଅନେକ ଅଧ୍ୟୟନ ଦେଖାଉଛି ଯେ ଭାରତରେ ଏହି ରୋଗର ଔସତ ଆରମ୍ଭ ବୟସ୍ ଅପେକ୍ଷାକୃତ କମ୍, ଯେଉଁଠାରେ ୪୦-୪୫% ରୋଗୀ ୫୦ ବର୍ଷରୁ ପୂର୍ବରୁ ମୋଟର୍ ଲକ୍ଷଣ ବିକାଶ କରନ୍ତି-ଯାହା ପଶ୍ଚିମାତ୍ୟ ଦେଶମାନଙ୍କ ତୁଳନାରେ ପ୍ରାୟ ଗୋଟିଏ ଦଶକ ପୂର୍ବରୁ ।

# ଇଫ୍କୋ ସାହିତ୍ୟ ସମ୍ମାନ ୨୦୨୫ରେ ମୈତ୍ରେୟୀ ପୁଷ୍ପା, ଇଫ୍କୋ ୟଙ୍ଗ ଲିଟେରାରୀ ଆୱାର୍ଡ ୨୦୨୫ରେ ଅଙ୍କିତା ଜୈନ ସମ୍ମାନିତ

**ନୂଆଦିଲ୍ଲୀ, ୩୦।୧୨ (ନି.ପ୍ର) :** ସାର କ୍ଷେତ୍ରରେ ଭାରତର ଅଗ୍ରଣୀ ସମବାୟ ସଂସ୍ଥା ଇଫ୍କୋ ପକ୍ଷରୁ ସୁପ୍ରସିଦ୍ଧ ହିନ୍ଦୀ ଲେଖିକା ମୈତ୍ରେୟୀ ପୁଷ୍ପାଙ୍କୁ ଇଫ୍କୋ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଛି । ସେହି ଉତ୍ସବରେ ଇଫ୍କୋ ୟଙ୍ଗ ଲିଟେରାରୀ ଆୱାର୍ଡ ୨୦୨୫ ଶ୍ରୀମତୀ ଅଙ୍କିତା ଜୈନଙ୍କୁ ତାଙ୍କର ପୁସ୍ତକ 'ଓଃ ରେ! କିଶାନ' ନିମନ୍ତେ ପ୍ରଦାନ କରାଯାଇଥିଲା । ୨୦୨୫ ଡିସେମ୍ବର ୩୦ ତାରିଖରେ ନୂଆଦିଲ୍ଲୀର କମାନି ଅଡିଟୋରିୟମଠାରେ ଆୟୋଜିତ ଏକ ଉତ୍ସବରେ ଇଫ୍କୋ ଚେୟାରମ୍ୟାନ ଶ୍ରୀ ଦିଲୀପ ସଂଘାନୀ ଏହି ସମ୍ମାନ ପ୍ରଦାନ କରିଥିଲେ । ମୈତ୍ରେୟୀ ପୁଷ୍ପାଙ୍କର ଜନ୍ମ ଆଲିଗଡ ଜିଲ୍ଲାର ସିକୁରା ଗ୍ରାମରେ ୧୯୪୪ ନଭେମ୍ବର ୩୦ ତାରିଖରେ ହୋଇଥିଲା । ତାଙ୍କର ଆଦ୍ୟ ଜୀବନ ଝାନ୍ସୀ ଜିଲ୍ଲାର ଖିଲ୍ଲି ଗ୍ରାମରେ ଅତିବାହିତ ହୋଇଥିଲା । ସେ ଝାନ୍ସୀର ବୁନ୍ଦେଲଖଣ୍ଡ କଲେଜରୁ ହିନ୍ଦୀ ସାହିତ୍ୟରେ ଏମ.ଏ ପାଠ୍ୟକ୍ରମ ଶେଷ କରିଥିଲେ । ତାଙ୍କର କେତେକ କାହାଣୀ ଓ ଉପନ୍ୟାସକୁ ଟେଲିଭିଜନ କାର୍ଯ୍ୟକ୍ରମରେ ମଧ୍ୟ ପ୍ରସାରଣ କରାଯାଇଛି । ସେ




ପ୍ରେମଚନ୍ଦ ସମ୍ମାନ, ସାହିତ୍ୟ ଏକାଡେମୀ-ସମ୍ପର୍କିତ ସମ୍ମାନ, ସରୋଜିନୀ ନାଇଡୁ ଆୱାର୍ଡ, ମହାଦେବ ପ୍ରସାଦ ପାରିତୋଷିକ, ମହାତ୍ମା ଗାନ୍ଧୀ ସମ୍ମାନ ଏବଂ ଅନ୍ୟ ବହୁ ସମ୍ମାନ ଲାଭ କରିଛନ୍ତି । ଅଙ୍କିତା ଜୈନ ତାଙ୍କର କ୍ୟାରିୟର ଜଣେ ରିସର୍ଚ୍ଚ ଆସୋସିଏଟ୍ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଭାବରେ ଆରମ୍ଭ କରିଥିଲେ । ପରେ ସେ ଜଣେ ପୂର୍ଣ୍ଣକାଳୀନ ଲେଖିକା ପାଲଟିଥିଲେ । ତାଙ୍କର ପ୍ରଥମ ପୁସ୍ତକ 'ଐସି ଭୈସି ଔରତ' ଜାଗରଣ-ନିଲ୍ସେନରେ ବେଷ୍ଟସେଲର ପୁସ୍ତକ ପାଲଟିଥିଲା । ତାଙ୍କର ଅନ୍ୟତମ ଉଲ୍ଲେଖନୀୟ କୃତି ମଧ୍ୟରେ 'ମୈଁ ସେ ମା ତକ୍', 'ବହେଲିୟେ', 'ଓଃ ରେ କିଶାନ', ଉପନ୍ୟାସ 'ମୋହଲ୍ଲା ସଲିମବାଗ' ଏବଂ ଶିଶୁ ଉପନ୍ୟାସ 'ଆତଙ୍କି ମୋର୍' ଆଦି ଅନ୍ତର୍ଭୁକ୍ତ ।

ସେ ପ୍ରଭାତ ଖବର ଏବଂ ଲଲନଟପ୍ ନିମନ୍ତେ ଲୋକପ୍ରିୟ ସ୍ତମ୍ଭ 'ମା-ଇନ୍-ମେକିଂ' ଲେଖିଛନ୍ତି । ଏଥିସହିତ ଏନ୍‌ବିଟି ଗୋଲ୍ଡ, ଇଣ୍ଡିଆ ଟୁଡେ, ଆହା ଜିନ୍ଦଗୀ ଏବଂ ଆଇଚୌକ ଆଦି ପ୍ଲାଟଫର୍ମ ନିମନ୍ତେ ଲେଖା ଏବଂ ସମ୍ପାଦକୀୟ ମଧ୍ୟ ଯୋଗାଇ ଦେଇଛନ୍ତି । ତାଙ୍କର କାହାଣୀଗୁଡିକ ବିଗ୍ ଏଫ୍ଏମ୍ କାର୍ଯ୍ୟକ୍ରମଗୁଡିକରେ ଦୁଇବର୍ଷ ଧରି ପ୍ରସାରିତ ହୋଇଥିଲା ।

ଇଫ୍କୋ ସାହିତ୍ୟ ସମ୍ମାନ ୨୦୧୧ରେ ଗଠିତ ହୋଇଥିଲା ଏବଂ ପ୍ରତିବର୍ଷ ଏହା ସ୍ୱଷ୍ଟ ଭାବରେ ଗ୍ରାମାଞ୍ଚଳ ଏବଂ କୃଷିଭିତ୍ତିକ ଜୀବନକୁ ଚିତ୍ରଣ କରୁଥିବା ଜଣେ ହିନ୍ଦୀ ଲେଖକଙ୍କୁ ପ୍ରଦାନ କରାଯାଇଆସୁଛି । ଏହା ପୂର୍ବରୁ ଏହି ସମ୍ମାନ ଲାଭ କରିଥିବା ହିନ୍ଦୀ ସାହିତ୍ୟିକଙ୍କ ମଧ୍ୟରେ ବିଦ୍ୟାସାଗର ନୌଟିୟାଲ, ଶେଖର ଜୋଷୀ, ସୀବ, ମିଥିଲେଶ୍ୱର, ଶିବମୂର୍ତ୍ତି, ମଧୁ କଙ୍କରିଆ, ଜୟାନନ୍ଦନ ପ୍ରମୁଖ ରହିଛନ୍ତି । ଏହି ପୁରସ୍କାର ବାବଦରେ ଏକ ପ୍ରଶସ୍ତିପତ୍ର, ଏକ ଫଳକ ଏବଂ ୧୧ ଲକ୍ଷ ଟଙ୍କାର ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଉଛି ।

ବରିଷ୍ଠ ଲେଖକବୃନ୍ଦ ଶ୍ରୀମତୀ ଚନ୍ଦ୍ରକାନ୍ତାଙ୍କ ନେତୃତ୍ୱରେ ଗଠିତ ମନୋନୟନ କମିଟି ମୈତ୍ରେୟୀ ପୁଷ୍ପାଙ୍କୁ ଗ୍ରାମାଞ୍ଚଳ ସମାଜ, କୃଷି ଏବଂ ଭାରତର ପରିବର୍ତ୍ତନଶୀଳ ସାମାଜିକ ବାସ୍ତବତା ସହିତ ଗଭୀର ସାହିତ୍ୟିକ ନିୟୋଜନତା ନିମନ୍ତେ ଏହି ପୁରସ୍କାର ପାଇଁ ମନୋନୀତ କରିଥିଲେ । ଜୁରୀରେ ଥିବା ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ନସିରା ଶର୍ମା, ଅନନ୍ତ ବିଜୟ, ଯତୀନ୍ଦ୍ର ମିଶ୍ର, ଡ.ନଳିନ ବିକାଶ ଏବଂ ଉତ୍କର୍ଷ ଶୁକ୍ଳା ଆଦି ଅନ୍ୟତମ । ଇଫ୍କୋ ମ୍ୟାନେଜିଂ ଡାଇରେକ୍ଟର କେ.ଜେ.ପଟେଲ ମୈତ୍ରେୟୀ ପୁଷ୍ପାଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ତାଙ୍କୁ ମଜଭୁତ ସାମାଜିକ ଚିନ୍ତନ ରହିଥିବା ଜଣେ ଲେଖକ ଭାବରେ ବର୍ଣ୍ଣନା କରିଥିଲେ । ବିଶେଷକରି ସେ ବୁନ୍ଦେଲଖଣ୍ଡର ଜୀବନ ଏବଂ ମହିଳାଙ୍କର ଅନୁଭୂତି ପରିପ୍ରକାଶ କରିବା ନିମନ୍ତେ ସୁପରିଚିତ ବୋଲି ଶ୍ରୀ ପଟେଲ ଉଲ୍ଲେଖ କରିଥିଲେ ।

ଚେୟାରମ୍ୟାନ ଶ୍ରୀ ଦିଲୀପ ସଂଘାନି, ମୁଖ୍ୟ ଅତିଥିଭାବରେ ଉପସ୍ଥିତ ରହି ଉଭୟ ସମ୍ମାନିତ ଲେଖକଙ୍କୁ ପ୍ରଶଂସା କରିଥିଲେ । ସେ କହିଥିଲେ, ମୈତ୍ରେୟୀ ପୁଷ୍ପାଙ୍କର ଲେଖାର ଜଡ ବ୍ୟକ୍ତିଗତ ଅନୁଭୂତିରେ ରହିଛି ଏବଂ ତାହା ସାମାଜିକ ବାସ୍ତବତାଗୁଡିକ ପ୍ରତି ଏକ ବିରଳ ଏବଂ ଅସଲି ସ୍ୱର ପ୍ରଦାନ କରିଥାଏ । ସେ ମଧ୍ୟ ଅଙ୍କିତା ଜୈନଙ୍କର ଉଜ୍ଜ୍ୱଳ ଭବିଷ୍ୟତକୁ ନେଇ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଥିଲେ ।

# ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ଆରମ୍ଭ କଲା 'MAHI' - ଏକ ନୂଆ ସ୍ୱାସ୍ଥ୍ୟ ସଚେତନତା ପ୍ଲାଟଫର୍ମ




**ଭୁବନେଶ୍ୱର, ୩୦।୧୨ (ନି.ପ୍ର):** ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର, ଭାରତର ଅଗ୍ରଣୀ ହସ୍ପିଟାଲ୍ ନେଟୱର୍କ ମଣିପାଲ୍ ହସ୍ପିଟାଲ୍ସ ଗ୍ରୁପ୍ ଅଧୀନରେ, ''MAHI (Manipal Hospitals Healthy India)' ନାମରେ ଏକ ନୂଆ ପ୍ରତିରୋଧାତ୍ମକ ସ୍ୱାସ୍ଥ୍ୟ ଓ ୱେଲନେସ୍ ପ୍ଲାଟଫର୍ମ ଆରମ୍ଭ କରିଛି । ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । 'MAHI' ସମ୍ପର୍କରେ ସେ କହିଥିଲେ ମଣିପାଲ ହସ୍ପିଟାଲ ସଦା ସର୍ବଦା ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରେ, ତାଙ୍କର ଏହି ପଦକ୍ଷେପ ନିଶ୍ଚିତ ଭାବରେ ଲୋକପ୍ରିୟ ହେବ ଏବଂ ନିଶ୍ଚିତ ଭାବରେ ଓଡ଼ିଶାବାସୀଙ୍କ ପ୍ରତେକ ଘରେ ପହଞ୍ଚିବ ଏହି ଅବସରରେ ଡାକ୍ତର ଶକ୍ତିମୟ ମହାପାତ୍ର (କଲଷ୍ଟର ଡାଇରେକ୍ଟ ର ସାଉଥ ଇଷ୍ଟ, ମଣିପାଲ୍ ହସ୍ପିଟାଲ୍ ) ଙ୍କ ସମେତ ଅନେକ ଅଭିଜ୍ଞ ଡାକ୍ତର, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନର୍ସ ଓ ଅନ୍ୟାନ୍ୟ ବୁଦ୍ଧିଯିବୀ ମାନେ ଉପସ୍ଥିତ ଥିଲେ ।

ଆଜିକାଲି ଲୋକମାନେ ରୋଗ ହେଲା ପରେ ଚିକିତ୍ସା କରିବା ଠାରୁ, ଆଗରୁ ସ୍ୱାସ୍ଥ୍ୟ ଯତ୍ନ ନେବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ବିଶେଷଜ୍ଞ ମାନଙ୍କ ଅନୁମାନ ଅନୁଯାୟୀ, ୨୦୨୬ ସୁଦ୍ଧା ପ୍ରତିରୋଧାତ୍ମକ ସ୍ୱାସ୍ଥ୍ୟ ବଜାର ୧୬ ହଜାର କୋଟି ଟଙ୍କାରୁ ଅଧିକ ହେବ । କୋଭିଡ୍ ପରେ ପ୍ରାୟ ୪୦ ପ୍ରତିଶତ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା ଓ ପ୍ରତିରୋଧାତ୍ମକ ଚିକିତ୍ସା ପ୍ରତି ସଚେତନ ହୋଇଛନ୍ତି । ଏହି ସମୟରେ ଦେଶରେ ଲକ୍ଷାଧିକ ଲୋକ ଡାଏବେଟିସ୍, ବ୍ଲଡ୍ ପ୍ରେସର, ହୃଦ୍‌ରୋଗ ଭଳି ଦୀର୍ଘକାଳୀନ ରୋଗରେ ପୀଡ଼ିତ କିମ୍ବା ରୋଗ ହେବାର ରିସ୍କ ରହିଛି । ଏହି କାରଣରୁ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ରୋଗ ଆଗୁଆ ଚିହ୍ନଟ ଅତ୍ୟନ୍ତ ଜରୁରୀ । ମଣିପାଲ୍ ହସ୍ପିଟାଲ୍ ପକ୍ଷରୁ ଆରମ୍ଭ ହୋଇଥିବା 'MAHI' କୁ ଏକ ସହଜ ଓ ବିଶ୍ୱସନୀୟ ସ୍ୱାସ୍ଥ୍ୟ ସାଥୀ ଭାବେ ଗାଯାଇଛି । ଏହି ପ୍ଲାଟଫର୍ମ ମାଧ୍ୟମରେ ସାଧାରଣ ଲୋକ ସହଜରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା, ନିୟମିତ ହେଲେଥ୍ ଚେକଅପ୍, ଡାକ୍ତରଙ୍କ ପରାମର୍ଶ ଓ ଟୀକାକରଣ ସେବା ପାଇପାରିବେ ।

# ଉମରକୋଟରେ ଟିପିଏସ୍ଓଡିଏଲ୍ ପକ୍ଷରୁ ନୂତନ ଗ୍ରାହକ ସମ୍ପର୍କ କେନ୍ଦ୍ର ଉଦଘାଟିତ



**ବ୍ରହ୍ମପୁର, ୩୦।୧୨ (ନି.ପ୍ର):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ତରଫରୁ ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ନୂତନ ଗ୍ରାହକ ସମ୍ପର୍କ କେନ୍ଦ୍ର (ସିଆରସି) ଉଦଘାଟିତ ହୋଇଛି । ଗ୍ରାହକ କୈନ୍ଦ୍ରିକ ସେବାକୁ ପ୍ରାଥମିକତା ଦେଇ ଏବଂ ବିଦ୍ୟୁତ ସେବାକୁ ସୁଦୃଢ଼ କରିବା ପାଇଁ କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ବିଶେଷ ଗୁରୁତ୍ୱ ରଖେ । ନୂତନ ସିଆରସି ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗଙ୍କ ଦ୍ୱାରା ଉଦଘାଟିତ ହୋଇଛି । ଏହି ଅବସରରେ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ନୂତନ ଭାବେ ଉଦଘାଟିତ ହୋଇଥିବା ସିଆରସି ପ୍ରାୟ ୧.୨ଲକ୍ଷରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ସେବା ଯୋଗାଇବ । ଉମରକୋଟ ମ୍ୟୁନିସିପାଲଟି, ଉମରକୋଟ, ଝରିଗାଁ, ରାଇଘର ଏବଂ ଚନ୍ଦାହାଣ୍ଡି ବ୍ଲକର ଉପଭୋକ୍ତାମାନେ ଏଥିରୁ ଉପକୃତ ହେବେ । ପ୍ରାୟ ୨,୫୦୦ ବର୍ଗ କିଲୋମିଟରର ବ୍ୟାପ୍ତ ଥିବା ସେବା କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଏହି କେନ୍ଦ୍ରଟି ଗ୍ରାହକଙ୍କ ସମସ୍ୟାର ଦ୍ରୁତ ସମାଧାନ, ଭରସାଯୋଗ୍ୟ ବିଦ୍ୟୁତ ସେବା ଏବଂ ଗ୍ରାହକ-ଅନୁକୂଳ ସେବା ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି । ଏଥିରେ ଦୁଇଟି ବିଲିଂ କାଉଣ୍ଟର ଏବଂ ତିନୋଟି ଅଭିଯୋଗ ସମାଧାନ କାଉଣ୍ଟର ରହିଛି, ଯାହା ଗ୍ରାହକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେବା ସହିତ ସହାୟତା କ୍ଷେତ୍ରରେ ବିଶେଷ ଭାବେ ସହାୟକ ହେବ ।

ନୂତନ ସିଆରସି କେନ୍ଦ୍ରରେ ବିଦ୍ୟୁତ ବିଲ୍ ପୈଠ, ଅଭିଯୋଗ ପଞ୍ଜୀକରଣ, ଡିଜିଟାଲ ମାଧ୍ୟମରେ ଦେଣନେଣକୁ ପ୍ରୋତ୍ସାହନ ଏବଂ ବିଦ୍ୟୁତ ସେବା ଯୋଗାଣ ଓ ଗ୍ରାହକ ସେବା ସମ୍ବନ୍ଧୀୟ ଯେକୌଣସି ସୂଚନା ଉପଭୋକ୍ତାମାନେ ସହଜରେ ପାଇପାରିବେ । ବିଦ୍ୟୁତ ଭଳି ଏକ ମୌଳିକ ଆବଶ୍ୟକତା ପାଇଁ ଏବେ ସାଧାରଣ ଲୋକଙ୍କୁ ଦୂରନ୍ତ ଅଞ୍ଚଳକୁ ଯିବାକୁ ପଡ଼ିବ ନାହିଁ । ବର୍ତ୍ତମାନ ସମସ୍ତ ସୁବିଧା ଏହି ସିଆରସି କେନ୍ଦ୍ରରେ ଉପଲବ୍ଧ ହୋଇପାରିବ ।

# ଆଇଏମଏ ଏନଏଟିସିଓଏନ ୨୦୨୫ରେ ତାଳ ତେଲର ବିଜ୍ଞାନ ନେତୃତ୍ୱାଧୀନ ପୁନଃ ମୂଲ୍ୟାଙ୍କନ ପାଇଁ ହୃଦ୍ ରୋଗ ବିଶେଷଜ୍ଞଙ୍କ ଆହ୍ୱାନ

**ଭୁବନେଶ୍ୱର, ୩୦।୧୨ (ନି.ପ୍ର) :** ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ (ଆଇଏମଏ ଏନଏଟିସିଓଏନ ୨୦୨୫) ର ୧୦୦ ତମ ଜାତୀୟ ସମ୍ମିଳନୀରେ, ହୃଦ୍ ରୋଗ ବିଶେଷଜ୍ଞମାନେ ଖାଦ୍ୟପେୟ ଚର୍ବି ଏବଂ ହୃଦ୍ ରୋଗ ସ୍ୱାସ୍ଥ୍ୟ ବିଷୟରେ ଅଧିକ ପ୍ରମାଣ-ଆଧାରିତ ବୁଝାମଣା ପାଇଁ ଆହ୍ୱାନ କରିଛନ୍ତି । ବୈଜ୍ଞାନିକ ପ୍ରମାଣର ବିକାଶକୁ ଦୃଷ୍ଟିରେ ରଖି ଦୀର୍ଘ ଦିନର ଅନୁମାନକୁ ସମୀକ୍ଷା କରାଯିବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଛନ୍ତି । ଆଇଏମଏ ଏନଏଟିସିଓଏନର ଶତବାର୍ଷିକୀ ସଂସ୍କରଣ ସାରା ଭାରତରୁ ହଜାର ହଜାର ଡାକ୍ତର, ଗବେଷକ ଏବଂ ସ୍ୱାସ୍ଥ୍ୟସେବା ନେତୃବୃନ୍ଦଙ୍କୁ ଏକତ୍ରିତ କରିଥିଲା, ଯାହା କ୍ଲିନିକାଲ୍ ଏବଂ ଜନସ୍ୱାସ୍ଥ୍ୟ ଦୃଷ୍ଟିକୋଣ ଗଠନ ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ଭାବରେ ଏହାର ଭୂମିକାକୁ ଦୃଢ କରିଥିଲା ।




ଡକ୍ଟର ବରୁଣ ବଂଶଲ ଏବଂ ଡକ୍ଟର କେତନ ମେହେଟାଙ୍କ ଦ୍ୱାରା ବିଶେଷଜ୍ଞଙ୍କ ନେତୃତ୍ୱରେ ଦୁଇଟି ଅଧିବେଶନ କ୍ଲିନିକାଲ୍ ପ୍ରମାଣ ଏବଂ ବିଶ୍ୱସ୍ତରୀୟ ଅନୁସନ୍ଧାନର ଲେନ୍ସ ମାଧ୍ୟମରେ ଖାଦ୍ୟପେୟ ଚର୍ବି, ପାମ୍ ତେଲ ଏବଂ ଉଦୀୟମାନ ହୃଦ୍ ରୋଗ ହସ୍ତକ୍ଷେପର ଭୂମିକାକୁ ପରୀକ୍ଷା କରି ଭୁଲ ସୂଚନା ଦ୍ୱାରା ମେଘୁଆ ହୋଇଥିବା ବିଷୟ ଉପରେ କ୍ଲିନିକାଲ୍ ସ୍ୱଷ୍ଟତା ପ୍ରଦାନ କରିଥିଲା ।

ଏହାକୁ ପରିପୂର୍ଣ୍ଣ କରି ଡକ୍ଟର ବଂଶଲ ସନ୍ତୁଳିତ ଚର୍ବିକୁ ସିଧାସଳଖ ହୃଦ୍ ରୋଗ ସହିତ ସଂଯୋଗ କରୁଥିବା ଦୀର୍ଘ ଦିନର ଧାରଣାକୁ ଚ୍ୟାଲେ କରିଥିଲେ । ସେ ଆଲୋକପାତ କରିଥିଲେ ଯେ ସଂ'ଳିତ ଚର୍ବି ପୁଷ୍ଟିକର ଦୃଷ୍ଟିରୁ ସମାନ ନୁହେଁ ଏବଂ ହୃଦ୍ ରୋଗ ବିପଦ ସାମଗ୍ରିକ ଖାଦ୍ୟ ଶୈଳୀ, ଜୀବନଶୈଳୀ ଏବଂ ସମୁଦାୟ କ୍ୟାଲୋରୀ ଗ୍ରହଣ ଦ୍ୱାରା ପ୍ରଭାବିତ ହୋଇଥାଏ । ସେ ଉଲ୍ଲେଖ କରିଛନ୍ତି ଯେ କେତେକ ଚର୍ବି ପ୍ରତିସ୍ଥାପନ କୋଲେଷ୍ଟ୍ରାଲକୁ ହ୍ରାସ କରିପାରେ, ସେମାନେ କ୍ରମାଗତ ଭାବରେ ହୃଦ୍ ରୋଗର ମୃତ୍ୟୁହାରକୁ ହ୍ରାସ କରନ୍ତି ନାହିଁ ଏବଂ ଟ୍ରାନ୍ସ ଫ୍ୟାଟ୍ ସହିତ ତୁଳନା ତାଳ ତେଲ ପାଇଁ ଅନୁକୂଳ ଫଳାଫଳ ଦେଖାଏ ।

# ବେଦାନ୍ତ ସେସା ଗୋଆ ଶକ୍ତି ଦକ୍ଷତା ଅଭିଯାନରେ ସଫଳତା ହାସଲ କରିଛି

**ଭୁବନେଶ୍ୱର, ୩୦।୧୨ (ନି.ପ୍ର):** ବେଦାନ୍ତ ସେସା ଗୋଆ ଏହାର ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛ ଶକ୍ତି ପଦକ୍ଷେପକୁ ତ୍ୱରାନ୍ୱିତ କରୁଛି, ଆର୍ଥିକ ବର୍ଷ ୨୫ ଏବଂ ଆର୍ଥିକ ବର୍ଷ ୨୬ ମଧ୍ୟରେ ମାପଯୋଗ୍ୟ ଦକ୍ଷତା ଲାଭ ପ୍ରଦାନ କରୁଛି । ଗୋଆରେ ସାତ ଦଶନ୍ଧି ଧରି ଖଣି ଐତିହ୍ୟ ଏବଂ କର୍ଣ୍ଣାଟକରେ ଏକ ଦୃଢ଼ ଉପସ୍ଥିତି ସହିତ, କମ୍ପାନୀ ଏହାର ମୂଳ କାର୍ଯ୍ୟରେ ସ୍ଥାୟୀତ୍ୱକୁ ସଂଯୁକ୍ତ କରି ଚାଲିଛି ।

ଗତ ଦୁଇ ଆର୍ଥିକ ବର୍ଷ ମଧ୍ୟରେ, ବେଦାନ୍ତ ସେସା ଗୋଆ ପ୍ରଯୁକ୍ତିବିଦ୍ୟା ଅପଗ୍ରେଡ୍, ସ୍ମାର୍ଟ ସିଷ୍ଟମ୍ ଏବଂ ଇନ-ହାଉସ୍ ନବସୃଜନ ମାଧ୍ୟମରେ ପ୍ରାୟ ୮ ନିୟୁତ ୟୁନିଟ୍ ଶକ୍ତି ସଂଚୟ ହାସଲ କରିଛି । କମ୍ପାନୀ ଅନୁଯାୟୀ, ଏହା ଆମୋନାରେ ଏହାର ମୂଲ୍ୟଯୁକ୍ତ ବ୍ୟବସାୟ (ଭିଏବି) ୟୁନିଟରେ ଚିଲ୍ ଫ୍ୟାନ୍ ସିଷ୍ଟମର ଅପ୍ଟିମାଇଜେସନ୍, ଉଚ୍ଚ-ଦକ୍ଷତା ଉପକରଣ ସହିତ ଲିଗାସି ବ୍ଲୋଅର୍ସକୁ ବଦଳାଯାଇ ଏବଂ କାର୍ଯ୍ୟକ୍ଷମତା ସହିତ ଆପ ନକରି ବୈଦ୍ୟୁତିକ ଲୋଡ ହ୍ରାସ ମାଧ୍ୟମରେ ପ୍ରମୁଖ ଦକ୍ଷତା ହାସଲ କରିଛି ।

କମ୍ପାନୀର ୬୫ ମେଗାୱାଟ ଅପବ୍ୟବହୃତ ହିଟ୍ ରିକଭରୀ ପାୱାର ପ୍ଲାଂଟ (ଡବ୍ଲୁଏଚଆରପିପି) ଏହାର ଶକ୍ତି ରଣନୀତିର କେନ୍ଦ୍ରବିନ୍ଦୁ ରହିଛି । ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ କୋକ୍ ଓଭନ୍ ଫ୍ଲୁ ଗ୍ୟାସରୁ ତାପକୁ ବିଦ୍ୟୁତରେ ରୂପାନ୍ତର କରି, ପ୍ଲାଂଟ୍ ଗ୍ରୀଡ୍ ପାୱାର ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ସକ୍ଷମ ହୋଇଛି । ଏହା ଗୋଆର ଏକମାତ୍ର ବିଦ୍ୟୁତ୍ କେନ୍ଦ୍ର ଯାହା ରାଜ୍ୟର ବିଦ୍ୟୁତ୍ ଆବଶ୍ୟକତାକୁ ପୂରଣ କରିଥାଏ ।

ବେଦାନ୍ତ ସେସା ଗୋଆରେ ସୌରଶକ୍ତି ଗ୍ରହଣ ମଧ୍ୟ ଗତିଶୀଳ ହେଉଛି, ଯାହାର ଏକ ୧୦୦ କିଲୋୱାଟ ପାୱାର ସୌର ପ୍ଲାଂଟ୍ ବର୍ତମାନ ଭିଏବିରେ କାର୍ଯ୍ୟକ୍ଷମ । କମ୍ପାନୀର ସାମୁଦାୟିକ ପଦକ୍ଷେପର ଅଂଶ ଭାବରେ, କମ୍ପାନୀ ଗୋଆରେ ତିନୋଟି ସ୍କୁଲ ଏବଂ ଏକ 'ଆଙ୍ଗନୱାଡି'କୁ ସୌରଶକ୍ତି ବିସ୍ତାର କରିଛି । ନଦୀ ଫ୍ଲିଟ୍ ସିପିଂ ଡିଭିଜନରେ, ପ୍ରୋଜେକ୍ଟ ଉଦୟ ଅଧୀନରେ ପ୍ରଥମ ବାର୍ଜ, ଏମଭି ମୋଗ୍ରୀ, ବର୍ତମାନ ସୌରଶକ୍ତି ବ୍ୟବହାର କରି ସହାୟକ ପ୍ରଣାଳୀ ପରିଚାଳନା କରେ, ଯାହା ପ୍ରତି ବାର୍ଜରେ ପ୍ରାୟ ୨,୫୦୦ ଲିଟର ଡିଜେଲ ସଂଚୟ କରିବ ଏବଂ ସମାନ ଖର୍ଚ୍ଚ ସଂଚୟ କରିବ ବୋଲି ଆଶା କରାଯାଉଛି ।

ବେଦାନ୍ତ ସେସା ଗୋଆ ଏହାର ଖଣି କାର୍ଯ୍ୟ ଏବଂ ଭିଏବିରେ ଡିଜେଲ-ଚାଳିତ ହ୍ୱିଲ୍ ଲୋଡରରୁ ଆଂଶିକ ଭାବରେ ଇଲେକ୍ଟ୍ରିକ୍ ଯାନ ହ୍ୱିଲ୍ ଲୋଡର (ଇଭିଡବ୍ଲୁଏଲ) କୁ ପରିବର୍ତନ କରିଛି । ଡିଜେଲ ବ୍ୟବହାର ଏବଂ ପରିଚାଳନା ଖର୍ଚ୍ଚ ହ୍ରାସ କରିବା ସହିତ, ଇଭିଡବ୍ଲୁଏଲ ଗୁଡ଼ିକ ନିଷ୍କ୍ରିୟ ଏବଂ କମ୍-ଶକ୍ତି କାର୍ଯ୍ୟ ସମୟରେ ଶକ୍ତି ସଂରକ୍ଷଣ କରେ, ପ୍ରତ୍ୟେକ ୟୁନିଟ୍ ବାର୍ଷିକ ପ୍ରାୟ ୫୦,୦୦୦ ଲିଟର ଡିଜେଲ ବ୍ୟବହାର ହ୍ରାସ କରିଥାଏ ।

କମ୍ପାନୀର ଶକ୍ତି ସଂରକ୍ଷଣ ପ୍ରୟାସ ଉପରେ ମତାମତ ଦେଇ, ବେଦା' ସେସା ଗୋଆର ସିଇଓ ନବୀନ ଜାଜୁ କହିଲେ, ଡବ୍ଲୁଏଚଆରପିପି କାର୍ଯ୍ୟଦକ୍ଷତା, ଇଭି ହ୍ୱିଲ୍ ଲୋଡର ଗ୍ରହଣ ଏବଂ ସୌରଶକ୍ତିକୁ ଅନ୍ ବୋର୍ଡିଂ ସମେତ ଆମର ଶକ୍ତି ସଂରକ୍ଷଣ ପଦକ୍ଷେପଗୁଡ଼ିକ ବେଦାନ୍ତ ସେସା ଗୋଆର ଇଏସଜି ଉତ୍କର୍ଷତା ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରତି'ଳିତ କରେ ଏବଂ ୨୦୫୦ସୁଦ୍ଧା ବେଦାନ୍ତର ସାମଗ୍ରିକ 'ନେଟ୍ ଶୂନ୍ୟ' ଲକ୍ଷ୍ୟରେ ଯୋଗଦାନ କରିଛି । ଇଭି ଟେକ୍ନୋଲୋଜି ଏବଂ ଏଆଇ, ଡିଜିଟାଇଜେସନ୍ ଏବଂ ଘରୋଇ ନବସୃଜନର ମିଶ୍ରଣ ଦ୍ୱାରା ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛି ଏକ କାର୍ଯ୍ୟକ୍ଷମ ଇକୋସିଷ୍ଟମ ନିର୍ମାଣ ପାଇଁ ଆମର ପ୍ରୟାସକୁ ସହଜ କରୁଛି ଯାହା ଦକ୍ଷ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ପରିବେଶଗତ ଭାବରେ ଦାୟୀ ।

କମ୍ପାନୀ ଜୀବାଶ୍ମ ଇନ୍ଧନ ବ୍ୟବହାର, ଜଳ ବ୍ୟବହାର ଏବଂ ଭୂମି ପଦଚିହ୍ନକୁ ହ୍ରାସ କରିବା ପାଇଁ ଏକ ଶୁଷ୍କ ଲାଭଦାୟକ ପ୍ଲାଂଟ୍ ଭଳି ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ମଧ୍ୟ ନିବେଶ କରୁଛି । ମୋବାଇଲ୍ ସ୍କ୍ରିନିଂ ପ୍ଲାଂଟର ବିଦ୍ୟୁତୀକରଣ ଏହାର ଶକ୍ତି-ଦକ୍ଷତା ରୋଡମ୍ୟାପ୍ ସହିତ ଆହୁରି ସମନ୍ୱିତ ହୁଏ ।

ପରିବେଶିକ ପଦକ୍ଷେପ ବ୍ୟତୀତ, ବେଦାନ୍ତ ସେସା ଗୋଆ ସମଗ୍ର ଗୋଆ ଏବଂ କର୍ଣ୍ଣାଟକରେ ନିରନ୍ତର ସାମାଜିକ ପ୍ରଭାବ ପ୍ରଦାନ କରିଚାଲିଛି । ୨୦୨୫ ଆର୍ଥିକ ବର୍ଷରେ, ଏହାର କାର୍ଯ୍ୟକ୍ରମ ଗୁଡ଼ିକ ୬୭,୦୦୦ରୁ ଅଧିକ ଲୋକଙ୍କ ପାଖରେ ପହଂଚିଛି । ସାନକ୍ୱେଲିମ୍ ପୁନଃପ୍ରାପ୍ତ ଖଣିଗୁଡ଼ିକୁ ସଫଳତାର ସହିତ ପୁନରୁଦ୍ଧାର କରାଯାଇଛି ଏବଂ ବର୍ତ୍ତମାନ ଏହା ସେସା ଫୁଟବଲ୍ ଏକାଡେମୀ (ଏସଏଫଏ) ଏବଂ ସେସା ଟେକ୍ନିକାଲ୍ ସ୍କୁଲ (ଏସଟିଏସ) ଆୟୋଜନ କରୁଛି । ୧୯୯୪ ମସିହାରୁ ଭାରତକୁ ପ୍ରତିନିଧିତ୍ୱ କରୁଥିବା ୧୪ ଜଣ ଏସଏଫଏ ଖେଳାଳି ଏବଂ ଏସଟିଏସରେ ୨,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ତାଲିମପ୍ରାପ୍ତ ହେବା ସହିତ, କମ୍ପାନୀର ଗୋଷ୍ଠୀ ସମ୍ପର୍କ ଦୀର୍ଘସ୍ଥାୟୀ ରହିଛି । ଏସଏଫଏ ମହିଳା ଦଳ ଭାରତୀୟ ମହିଳା ଲିଗ୍ ପାଇଁ ଯୋଗ୍ୟତା ହାସଲ କରିବା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ।

ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ମାଧ୍ୟମରେ, କମ୍ପାନୀ ଗ୍ରାମୀଣ ଭାରତରେ ୨୫ଟି ବେଦାନ୍ତ କମ୍ପ୍ୟୁଟର ଲ୍ୟାବ୍ ଏବଂ କେନ୍ଦ୍ର ସ୍ଥାପନ କରି ଡିଜିଟାଲ୍ ଅନ୍ତର୍ଭୁକ୍ତିକୁ ସମର୍ଥନ କରୁଛି ।



## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ

**ଚମ୍ପୁଆ, ୩୦।୧୨ (ନି.ପ୍ର):** ଶୀତ ଋତୁର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ସହାନୁଭୂତି ମୂଳକ ପଦକ୍ଷେପ ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନବ ପ୍ରେମୀ ସେବା ଟ୍ରଷ୍ଟ ଓ ଇକୋରାଇଜ୍ ଅାଲିଅାନ୍ସ ଅାସୋସିଏସନ୍ ର ମିଳିତ ଅାନୁକୂଲ୍ୟରେ ନାରଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ବସବାସ କରି ରହୁଥିବା ଅସହାୟ ବୃଦ୍ଧ-ବୃଦ୍ଧା ଓ ଅନାଥ ଶିଶୁମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଶୀତରୁ ରକ୍ଷା ପାଇବାରେ ଏହି ସହାୟତା ତାଙ୍କ ପାଇଁ ବଡ଼ ଅାଶ୍ୱାସନ ଦେଇଥିବା କଥା ବୃଦ୍ଧ-ବୃଦ୍ଧାମାନେ ଖୁସିର ସହିତ ମତବ୍ୟକ୍ତ କରିଥିଲେ। ଏହି ପଦକ୍ଷେପ ମାନବିକତାର ଏକ ଉତ୍ତମ ଉଦାହରଣ ସୃଷ୍ଟି କରିଥିବା ବେଳେ ଇକୋରାଇଜ୍ ଅାଲିଅାନ୍ସ ଅାସୋସିଏସନ୍ ର ଚେୟାରମେନ କବିତା ମହାନ୍ତ, କୋଷାଧ୍ୟକ୍ଷ ପୁରେନ୍ଦ୍ର ମହାନ୍ତଙ୍କ ସହିତ ମାନବ ପ୍ରେମୀ ସେବା ଟ୍ରଷ୍ଟ୍ ର ଉପଦେଷ୍ଟା ପ୍ରମୋଦ କୁମାର ମହାନ୍ତ, ସଭାପତି ବିଚିତ୍ରାନନ୍ଦ ଦାସ, ସମ୍ପାଦକ ପିଣ୍ଟୁନ ନାଏକ, ଅାଇନଜୀବୀ ସଞ୍ଜୀୟ କୁମାର ମହାନ୍ତ, ସିକ୍ସିସ୍ମିତା ମହାନ୍ତ,



ଅାଞ୍ଜେଲିନା ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ଅପରପକ୍ଷରେ କାର୍ଯ୍ୟକ୍ରମକୁ ସଫଳତା ପୂର୍ବକ ଅାୟୋଜନ କରିବା ଦିଗରେ ଜିନ୍ଦଲ ଷ୍ଟିଲ ଫାଉଣ୍ଡେସନ ଅାବଶ୍ୟକୀୟ ସହଯୋଗ ପ୍ରଦାନ କରିଥିବାର ଜଣାପଡିଛି।

## ଚାଷୀ ସଚେତନତା ନିମନ୍ତେ ବୁଲିଲା ପ୍ରଚାର ରଥ

**ଯାଜପୁର, ୩୦/୧୨ (ନି.ପ୍ର):** ଜିଲ୍ଲା ପ୍ରଶାସନ ଯାଜପୁର ଓ ନିୟନ୍ତ୍ରିତ ବଜାର କମିଟି ଯାଜପୁର ଆନୁକୁଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଦୁଇଗୋଟି ଚାଷୀ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଶିବାନନ୍ଦ ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲିପ କୁମାର ପାଣିଗ୍ରାହୀ, ଉପ-ନିବନ୍ଧକ ସମବାୟ ସମିତି ସମୂହ ଅମୁଲ୍ୟ କୁମାର ସେଠୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ସମବାୟ ସମିତି ସମୂହର ସହ-ଉପନିବନ୍ଧକ କିଶୋର ଚନ୍ଦ୍ର ଦଳେଇ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲ୍ଲାର ୧୦ ଗୋଟି ବ୍ଲକ୍ ପରିକ୍ରମା କରି ଧାନର ଏଫ୍.ଏ.କ୍ୟୁ



ମାନ ଏବଂ ଧାନରେ ମିଶ୍ରିତ ବାହ୍ୟ ନିକୃଷ୍ଟ ପଦାର୍ଥ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇବ। ଚଳିତ ଖରିଫ ବର୍ଷ ୨୦୨୫-୨୬ ନିମନ୍ତେ ପଞ୍ଜିକୃତ ଚାଷୀଭାଇ ଓ ଭଉଣୀ ମାନଙ୍କଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କ୍ରୟ କରାଯିବ। ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ରହିବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ) ପ୍ରେରଣ କରାଯିବ, ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରୀମ ଟୋକନ ପାଇବା ପରେ ପ୍ରାଥମିକ କୃଷି ସମବାୟ ସମିତି କିମ୍ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବେ। ଚଳିତ ବର୍ଷ ଟୋକନରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କଠାରୁ କ୍ରମାନ୍ୱୟରେ ଧାନ କ୍ରୟ କରାଯିବ। ଚାଷୀ ଭାଇ ଭଉଣୀମାନେ ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟ ପତ୍ର ଓ ପ୍ରାପ୍ତ ହୋଇଥିବା ଟୋକନ ଆଣିବେ। ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇ ଓ ଭଉଣୀମାନେ ସେମାନଙ୍କର ପଞ୍ଜୀକୃତ ମୋବାଇଲ ନମ୍ବରରୁ ଟୋଲ ଫ୍ରି ନମ୍ବର ୧୯୬୭ ଡାଏଲ କରି ସେମାନଙ୍କ ଯାଂଚକୃତ ଜମିର ପରିମାଣ, ଟୋକନର ବିବରଣୀ ଏବଂ ଦେୟର ବିବରଣୀ ଜାଣିପାରିବେ। ଏତଦ୍ ବ୍ୟତୀତ ବ୍ଲକ ଓ ତହସିଲ କାର୍ଯ୍ୟାଳୟ, ଜିଲ୍ଲାର ପ୍ରମୁଖ ସ୍ଥାନମାନଙ୍କରେ ହୋର୍ଡିଂ ଲଗାଯାଇଛି। ରଥ ପରିକ୍ରମଣ ସମୟରେ ଚାଷୀମାନଙ୍କୁ ଲିଫଲେଟ ବଂଟନ କରାଯାଉଛି। ଏହାସହ ଜିଲ୍ଲାରେ ଧାନ ସଂଗ୍ରହ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ଜାନୁଆରୀ ୭ ତାରିଖ ଠାରୁ ଜିଲ୍ଲାର ୧୩୯ ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୪୨ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରାଯିବ।

## ଯୋଡ଼ାର ମୌଳିକ ସୁବିଧା ନିମନ୍ତେ ପୌର ନିର୍ବାହୀ ଅଧିକାରୀଙ୍କୁ ଟାଉନ କଂଗ୍ରେସ ପକ୍ଷରୁ ଦାବିପତ୍ର



**ଯୋଡ଼ା,୩୦/୧୨ (ନି.ପ୍ର):** କେନ୍ଦୁଝର ଜିଲ୍ଲା ଯୋଡ଼ା ମ୍ୟୁନିସିପାଲଟି ଅନ୍ତର୍ଗତ ଯୋଡ଼ା ଟାଉନ କଂଗ୍ରେସ ତରଫରୁ କଳାପାହାଡ଼ ତାରିଣୀ ମନ୍ଦିର ନିକଟରେ ଥିବା ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ରାଲି ଅାରମ୍ଭ କରିଥିଲେ। ଏହି ରାଲି ରେ ଯୋଡ଼ା ର ବହୁ ସଂଖ୍ୟକ କଂଗ୍ରେସ ର ମହିଳା ଓ ପୁରୁଷ କର୍ମୀ ଯୋଗ ଦେଇଥିଲେ। ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଯୋଡ଼ା ର ସର୍ବାଙ୍ଗୀନ ଉନ୍ନତି ଓ ବିଭିନ୍ନ ପ୍ରକାର ସମସ୍ୟା ର ସମାଧାନ ନିମନ୍ତେ ଶୋହଳ ଦଫା ଦାବି ନେଇ ଯୋଡ଼ା ପୌରପାଳିକା କାର୍ଯ୍ୟାଳୟରେ ଜାତୀୟ କଂଗ୍ରେସ ଜିନ୍ଦାବାଦ ଓ ବିଭିନ୍ନପ୍ରକାର ସ୍ଲୋଗାନ ମାନ ଦେଇ ପହଞ୍ଚି ଥିଲେ। ଏହି କାର୍ଯ୍ୟକ୍ରମ ଦିବା ବାର ଘଟିକରୁ ଅାରମ୍ଭ ହୋଇ ଦିବା ଏକ ଘଟିକା ରେ ଶେଷ ହୋଇଥିଲା। ତେବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାରୁ ଏମ ଇ ମନୋଜ ବେହେରାଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର କୁ ପଢି ଖୁବ୍ ଶୀଘ୍ର ଏହାର ସମାଧାନ ହେବ ବୋଲି ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟ କ୍ରମ ରେ ଓଡ଼ିଶା ଅାଦିବାସୀ ସେସ ଚେୟାର ମନ୍ ଯସବନ୍ତ ସିଂ ଲାଗୁରୀ,ବଡବିଲ ଟାଉନ ପ୍ରେସିଡେଣ୍ଟ ଅମ୍ବି ମହାନ୍ତ, ଜିଲ୍ଲା ସମ୍ପାଦକ ରୂପ ରଞ୍ଜନ ପଣ୍ଡା ଓ କଂଗ୍ରେସ କମିଟି ସଦସ୍ୟ କାର୍ତ୍ତିକ ନାଗ, ମିଥୁନ ମୁଣ୍ଡା ଉପସ୍ଥିତ ଥିଲେ। ଏହି ରଲି କୁ ଯୋଡ଼ା ଟାଉନ ପ୍ରେସିଡେଣ୍ଟ ସୁବ୍ରତ କୁମାର ନାୟକ ପରିଚାଳନା କରିଥିଲେ।

## ଜନତା ଉଚ୍ଚ ବିଦ୍ୟାପୀଠ ଜାହାଙ୍ଗିରରେ ୧୯୭୮ ରୁ ୧୯୯୦ ମେଟ୍ରିକ୍ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଧାମନଗର, ୩୦/୧୨ (ନି.ପ୍ର):** ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଅଧିନ ଜନତା ଉଚ୍ଚ ବିଦ୍ୟାପୀଠ ଜାହାଙ୍ଗୀରରେ ୧୯୭୮ ରୁ ୧୯୯୦ ମେଟ୍ରିକ୍ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଦ୍ୱିତୀୟ ବାର୍ଷିକ ବୃହତ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୮ରବିବାର ୧୦ଟା ସମୟରେ ନିକଟସ୍ଥ ଫଳପୁର ଗ୍ରାମ୍ୟ ଜଙ୍ଗଲ ପରିସରରେ ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଅାରମ୍ଭ ହୋଇଥିଲା। ଏଥିରେ ୧୯୭୮ ବ୍ୟାଚ ଛାତ୍ର ରାଧାନାଥ ଘଡାଇଙ୍କ ସଭାପତିତ୍ୱ କରିଥିବା ବେଳେ ପ୍ରାରମ୍ଭିକ ସୂଚନା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ୧୯୮୫ ବ୍ୟାଚର ଛାତ୍ର ଚିନ୍ତାମଣି ଜେନା ଯିଏ ବିଗତ ଦିନର ସ୍ମୃତିକୁ ମନେ ପକେଇ ଅାୟୋଜନର ମୁଖ୍ୟ ଶ୍ରୀ ଜେନା ଅତିଥି ମାନଙ୍କୁ ମଞ୍ଚ ଅାହ୍ୱାନ ଓ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ବଡଭାଇ ଓ ଭଉଣୀମାନଙ୍କ ସ୍ନେହ, ସାଙ୍ଗ ମାନଙ୍କ ଭଲ ପାଇବା ଏବଂ କନିଷ୍ଠ,ବରିଷ୍ଠ ମାନଙ୍କ ପ୍ରତି ଥିବା ସମ୍ମାନବୋଧକୁ ମନେ ପକେଇ ଖୁସି ବ୍ୟକ୍ତ କରିଥିଲେ। ଉକ୍ତ ବନ୍ଧୁମିଳନରେ ପୁରାତନ ଛାତ୍ର ଛାତ୍ରୀମାନଙ୍କ ସହ ସେମାନଙ୍କ ପରିବାରର ସଦସ୍ୟ ଓ ସେ ସମୟରେ ସେମାନଙ୍କୁ ଶିକ୍ଷା ଦେଇଥିବା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଯୋଗ ଦେଇ ଅତୀତର ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ବିଗତ ଦିନର ଗୁରୁ ଶିଷ୍ୟଙ୍କ ସମ୍ପର୍କ ଓ ଶିକ୍ଷାର ମାନ ବିଷୟରେ ବର୍ଣ୍ଣନା କରିଥିଲ। ସ୍କୁଲର ପ୍ରତିଷ୍ଠା ସେଦିନର ସମ୍ପାଦକ ଗୋପିନାଥ ବେହୁରିଅ। ଯୋଗ ଦେଇ ସମସ୍ତଙ୍କୁ ଅାଶୀର୍ବାଦ ପ୍ରଦାନ କରିଥିଲେ। ଶିକ୍ଷକ ମାନଙ୍କ ମଧ୍ୟରେ ସର୍ବ ଶ୍ରୀ ଖଗେଶ୍ୱର ତ୍ରିପାଠୀ ବିପିନ ବିହାରୀ ରାଉତ, ନିତ୍ୟାନନ୍ଦ ଘଡାଇ, ବିଶ୍ୱନାଥ ମହାପାତ୍ର, ଅଶୋକ କୁମାର ପଲାଇ, ରବୀନ୍ଦ୍ର କୁମାର ବେହୁରିଅା, ପିତାମ୍ବର ଦାସ, ଚକ୍ରଧର ସାହୁ , ଅକ୍ଷୟ କୁମାର ନାୟକ, ମନୋରମା ନାୟକ ଓ ଅଭିରାମ ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କର ଉତ୍ତୋରାତ୍ତର କାମନା କରିଥିଲେ।

## ମୁରବୀ ଚିରଞ୍ଜୟ ବେହେରାଙ୍କ ବିୟୋଗରେ ଶୋକସଭା

**କଟକ,୩୦।୧୨ (ନି.ପ୍ର) :** ଯୋବ୍ରା ଅଂଚଳର ବରିଷ୍ଠ ମୁରବୀ ଚିରୟ ବେହେରାଙ୍କ ବିୟୋଗରେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ଯୋବ୍ରାସ୍ଥିତ ସତ୍ୟନାରାୟଣ ପାଲାମଣ୍ଡପରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ବେହେରା ଯୋବ୍ରା ସତ୍ୟନାରାୟଣ ସାଇ ସମିତିର ସକ୍ରିୟ ସଭ୍ୟ, ଦୁର୍ଗା ମଣ୍ଡପ କମିଟି ସଭ୍ୟ, କଟକ ମହାନଗର ନିଗମ କୈବର୍ତ ସଭାର ଉପସଭାପତି, ମା' ବାସୁଳେଇ ମତ୍ସ୍ୟଜିବୀ ସଂଘର ସମ୍ପାଦକ, କଲେଜଛକ ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ଭାବେ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ଆସୁଥିଲେ। ଏହି ଶୋକସଭାରେ ମଣ୍ଡପର ଉପସଭାପତି ଯୋଗେନ୍ଦ୍ର ସିଂହଙ୍କ ନିର୍ଦ୍ଦେଶକ୍ରମେ ପ୍ରଭାସ ଚନ୍ଦ୍ର ମହତାବ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ବେହେରା, ଗାୟତ୍ରୀ ମଲ୍ଲ, ସୌମରେନ୍ଦ୍ର ଦାସ, ପୂର୍ଣ୍ଣ ଚନ୍ଦ୍ର ଦାସ, କାର୍ତିକ ବେହେରା, ନମିତା ବରାଳ ଓ ମନ୍ଦିରର ପୂଜକ ପ୍ରମୁଖ ଉପସ୍ଥିତ ଥିଲେ ।

## ବୃତ୍ତି ପରୀକ୍ଷାରେ ଛାତ୍ରୀ ହାଫିଆଙ୍କ କୃତିତ୍ୱ

**ଜଟଣୀ, ୩୦।୧୨ (ନି.ପ୍ର):** ଅାଫିଆ ପୋର୍ଭିନ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରି ବାପ ମା ଙ୍କର ଟେକ ରଖିଲେ। ପରିବାର ଲୋକ କହିଲେ, ଅାଫିଅା ପଞ୍ଚମ ବୃତ୍ତି ପରୀକ୍ଷାର ଉର୍ତ୍ତିର୍ଣ୍ଣ ହୋଇଥିବା କଥା ଶୁଣି ଅାମେମାନେ ଅତ୍ୟନ୍ତ ଖୁସିରେ ବିଭୋର ହୋଇଥିଲୁ। ଏହାଥିଲା ହାଫିଅାଙ୍କ



ଶୈଶବ ଜୀବନର ଦ୍ୱିତିୟଥର ବୃତ୍ତିର ଉର୍ତ୍ତିର୍ଣ୍ଣ ହେବା ପ୍ରଥମେ ଝିଅ ହାଫିଅା। ପୋର୍ଭିନ ଏହା ପୂର୍ବରୁ ସେହି ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ବୃତ୍ତିରେ କୃତିତ୍ୱ ଅର୍ଜନ କରି ସ୍କୁଲର ଟେକ ରଖିଥିଲେ। ହାଫିଅା ପୋର୍ଭିନ ଜଟଣୀ କୁଦିଅାରୀ ଗ୍ରାମର, ପିତା ଏମଡି ଇବ୍ରାହିମ ଓ ମାତା ଶାବିନା ପର୍ବିନ କୋଳରେ ଦ୍ୱିତିୟ ଝିଅ ରୂପେ ଜନ୍ମ ଗ୍ରହଣ କରିଥିଲେ। ହାଫିଅା ସାଧାରଣ ପରିବାରରେ ଜନ୍ମ ନେଇଥିବା ବେଳେ, ହାଫିଅା କିନ୍ତୁ ଛୁଅାଟି ବେଳରୁ ଶିକ୍ଷାପ୍ରତି ଅାଗ୍ରହ ଥିବାକଥା ମାତା ଶାବିନା ପର୍ବିନ ଜାଣି ବହୁତ ଖୁସି ଅନୁଭବ କରୁଥିଲେ। ବୟସ ବଢିବା ସହିତ ପାଠ ପଢିବାର ସମୟ ଅାସି ଯାଇଥିଲା। ଏପଟେ ଝିଅପିଲା, ସପଟେ ଟଙ୍କାର କାରବାର, ସହଯେତ ମୁସଲିମ ପରିବାର, ଝିଅପିଲାଙ୍କ ପାଇଁ ବହୁତ କଟକଣା। ପିତା ଏମଡି ଇବ୍ରାହିମ ଦ୍ୱନ୍ଦରେ ପଡିଯାଇଥିଲେ। ବାପ ମା ଜନ୍ମ ଦେଇଥିଲେ ସତ, ହେଲେ ଭାଗ୍ୟ ଉପରବାଲା ହାତରେ। ଏମଡି ଇବ୍ରାହିମ ନିଜର ସମ୍ପର୍କିୟ ଠାରୁ ଜାଣିବାକୁ ପାଇଲେ ଜଟଣୀ ରାଜା ବଜାର ସ୍ଥିତ ଅପର ପ୍ରାଇମେରୀ ସ୍କୁଲରେ ଭଲ ପାଠ ପଢା ଯାଉଛି। ଭାଗ୍ୟ ହାତେ ଡୋରି, ପିତା ଏମଡି ଇବ୍ରାହିମ ଅାଉ ବିଚାର ନକରି ସେହି ପ୍ରାଇମେରୀ ସ୍କୁଲରେ ନାମ ଲେଖାଇ ଦେଲେ। ପଙ୍କରୁ ପଦ୍ମ ଫୁଟିଲା ଭଳି ହାଫିଅାଙ୍କ ଶିକ୍ଷା ଜୀବନର ପରିବର୍ତ୍ତନ ଅାଣିଲା। ଅାଫିଅା ପୋର୍ଭିନ ସାଧାରଣ ଛାତ୍ରୀ ହୋଇଥିବା ବେଳେ, ଦୁଇ ଦୁଇ ଥର ଗୋଟିଏ ସ୍କୁଲରେ ବୃତ୍ତି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା କଥା ଜଟଣୀ ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ହାଫିଅାଙ୍କ ସୁନାମ ଅର୍ଜନ କରିଥିବା କଥା ସ୍କୁଲ ସୂତ୍ରରୁ ମଧ୍ୟ ପ୍ରକାଶ ପାଇଛି।

## ବିଜେଡି ଛାଡି ବିଜେପିରେ ଯୋଗଦେଲେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସମ୍ପାଦକ ସୁବ୍ରତ ଶତପଥୀ ଓ ଖ୍ରୀଷ୍ଟ କଲେଜର ପୂର୍ବତନ ସାଧାରଣ ସମ୍ପାଦକ ମୁକେଶ ମହାରଣା

**ଭୁବନେଶ୍ୱର,୩୦/୧୨ (ନି.ପ୍ର) :** ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନିତ କରି ଓଡ଼ିଶାର ମୌଳିକ ସମସ୍ୟାର ସମାଧାନ ପାଇଁ ବିଜେପି ସରକାର କାର୍ଯ୍ୟ କରିଚାଲିଛି। ଏନେଇ ଓଡ଼ିଶାବାସୀଙ୍କ ମନରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ଆସ୍ଥା ଓ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ଦୃଢ଼ ସାଂଗଠନିକ କାର୍ଯ୍ୟ ଉପରେ ରାଜ୍ୟବାସୀଙ୍କ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ରାଜ୍ୟରେ ଡବଲ ଇଂଜିନ ସରକାରଙ୍କ ବିକାଶ ମଡେଲ ଉପରେ ଆସ୍ଥା ପ୍ରକଟ କରି ସମସ୍ତେ ଏବେ ବିଜେପି ମୁହାଁ ହେବାରେ ଲାଗିଛନ୍ତି। ମୋଦିଜୀଙ୍କ ନେତୃତ୍ୱ ବିଜେପିକୁ ଆଜି ବିରାଟ ବଟବୃକ୍ଷରେ ପରିଣତ କରିଛି ବୋଲି ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା କହିଛନ୍ତି।

ଦଳର ବିଚାରଧାରା ଉପରେ



ଅନୁପ୍ରାଣିତ ହୋଇ ଛାତ୍ର ନେତା ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସମ୍ପାଦକ ଶ୍ରୀ ସୁବ୍ରତ ଶତପଥୀ ନେତୃତ୍ୱରେ ବିଜୁ ଜନତା ଦଳ ଛାଡ଼ି ତାଙ୍କର ବହୁ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି କଟକ ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ଶ୍ରୀ ମୁକେଶ କୁମାର ମହାରଣା ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ଧୀରଜ ପଟ୍ଟନାୟକ, ରାଜେଶ ଦାସ, ଅଜର ଅମର ମିଶ୍ର, ଲିଙ୍ଗରାଜ ନାୟକ, ମନୋଜ ଦାସ, ଦେବପ୍ରସାଦ ପଣ୍ଡା, ପିଂଟୁ ସାହୁ, ସ୍ୱାଧୀନ କର, ସୁନାମ ଦୀକ୍ଷିତ, ଉଦୟ ପ୍ରକାଶ ପୃଷ୍ଟି, ସାଗର ସାହୁ, ଗଣେଶ୍ୱର ସାମଲ, କୈଳାସ ଦାସ ପ୍ରମୁଖ ବିଜେପିରେ ଯୋଗ ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ଉପସଭାପତି ଶ୍ରୀ ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀମତୀ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, କଟକ ଜିଲ୍ଲା ପ୍ରଭାରୀ ଇଂ.ଜ୍ଞାନଦେବ ବେଉରା, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ ଓ ସୁବତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି।

## ଷ୍ଟୁଡେଣ୍ଟ ନଲେଜ ସେଣ୍ଟରର ବାର୍ଷିକ ଉତ୍ସବ

**ବଳଙ୍ଗା, ୩୦/୧୨ (ନି.ପ୍ର):** ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ବାଙ୍ଗୁରୁଷ ପାଟଣା ସ୍ଥିତ ଷ୍ଟୁଡେଣ୍ଟ ନଲେଜ ସେଣ୍ଟର ଓ ଲାଇବ୍ରେରୀର ନବମ ବାର୍ଷିକ ଉତ୍ସବ ନିରନ କର, ବରିଷ୍ଠ ପ୍ରଧାନ ଶିକ୍ଷକ,ବାଳିକା ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଅଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଣୀଶ୍ରୀ ମହାବିଦ୍ୟାଳୟ କୁଅଁରପୁରର ଅଧ୍ୟକ୍ଷା ଡଃ.ଜ୍ୟୋସ୍ନାରାଣୀ ବସ୍ତିଆ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଦେବାଶିଷ ଆଚାର୍ଯ୍ୟ, ବିଶିଷ୍ଟ ସମାଜ ସେବୀ ତଥା ସରପଞ୍ଚ ଶାଇଁସ ଶାସନ ଗ୍ରାମ ପଞ୍ଚାୟତ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡଃ.ରବିନ୍ଦ୍ରନାଥ ପାଢୀ ଯୋଗ ଦେଇଥିବା ବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ସ୍ୱାଇଁ ଓ ଗୌରିଶଙ୍କର ମହାପାତ୍ର,ଅଧ୍ୟକ୍ଷ ସଂସ୍କାର ଶିକ୍ଷା ଅନୁଷ୍ଠାନ ଆଦି ଯୋଗ ଦେଇଥିଲେ ।



ଷ୍ଟୁଡେଣ୍ଟସ ନଲେଜ ସେଣ୍ଟରର ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଆଜିର ପ୍ରଯୁକ୍ତି ବିଦ୍ୟା ଯୁଗରେ ପୁସ୍ତକ ଓ କମ୍ପ୍ୟୁଟର ଶିକ୍ଷାର ଗୁରୁତ୍ୱ ଏବଂ ଗ୍ରାମାଞ୍ଚଳରେ ଏପରି ନଲେଜ ସେଣ୍ଟର ପିଲାମାନଙ୍କର ସେହି ଆବଶ୍ୟକତାକୁ କିପରି ପୂରଣ କରିଆସୁଛି ସମସ୍ତ ଅତିଥି ନିଜ ନିଜର ସୁଚିନ୍ତିତ ମତ ବ୍ୟକ୍ତ କରିଥିଲେ । ନଲେଜ ସେଣ୍ଟରର ସମ୍ପାଦିକା ସୁମିତ୍ରା ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ ଅନ୍ୟାନ୍ୟ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ନଲେଜ ସେଣ୍ଟରର ବରିଷ୍ଠ ସଦସ୍ୟ ବିମଳ ଦାସ, ଜିତେନ୍ଦ୍ରନାଥ ସାହୁ, ଅନନ୍ତ ନାୟକ, ସୁନିଲ ନାୟକ, ବିଭୁତି କୁମାର ସାହୁ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ଅଜୟ ଜେନା ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ନେତ-ଗ୍ରନ୍ଥ-ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍ଯାପିତ

**କଟକ,,୩୦/୧୨ (ନି.ପ୍ର) :** ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଓଡ଼ିଶାରେ ପ୍ରଥମଥର ଆୟୋଜିତ ସମାଜ ସଂସ୍କାର ମୂଳକ କାର୍ଯ୍ୟକ୍ରମ 'ନେତ-ଗ୍ରନ୍ଥ-ଶ୍ରୀଜଗନ୍ନାଥ' ସପ୍ତାହ ବ୍ୟାପୀ ମହାସମାରୋହରେ ଆୟୋଜିତ ହୋଇ ଯାଇଅଛି। ଜୟ ଜଗନ୍ନାଥ ମହା ସଂଘ କଟକ ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲା ଗଡ଼କୁଜଙ୍ଗ ସୁଭଦ୍ରା କ୍ଷେତ୍ର ପାଟଣା ଠାରେ ଏହି ଭବ୍ୟ କାର୍ଯ୍ୟକ୍ରମ ୭ ଦିନ ଧରି କରାଯାଇ ହିନ୍ଦୁ ସନାତନୀ



ପରିବାରରେ 'ନେତଗ୍ରନ୍ଥ ଶ୍ରୀଜଗନ୍ନାଥ' ଙ୍କର ମହିମା ତଥା ଭାଗବତ ଜାଗୃତି ଦ୍ୱାରା ସମାଜ ସଂସ୍କାର ସମ୍ପର୍କୀତ କାର୍ଯ୍ୟକ୍ରମକୁ ପଣ୍ଡିତ ନିରାକାର ଦାଶ, ପରିଚାଳନା କରିଥିଲେ। କଥାବ୍ୟାସ ଭାବେ ନିଖିଳୋତ୍କଳ ପ୍ରବକ୍ତା ପରିଷଦର ରାଜ୍ୟ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ଓ ସଦସ୍ୟ ଦୁସର୍ଶନ ତ୍ରିପାଠୀ ଧାରାବାହିକ ଭାଗବତ ଜାଗୃତି ଓ ସନାତନ ପରମ୍ପରାର ମହିମା ସମ୍ପର୍କୀତ ପ୍ରବଚନ କରିଥିଲେ। ପ୍ରତି ପରିବାରରେ ଗୋଟିଏ ନେତ ଉଡିବ ଭାଗବତ ଗ୍ରନ୍ଥ ପଢ଼ାଯିବ ଓ ଶ୍ରୀଜଗନ୍ନାଥ ହେବେ ଆରାଧ୍ୟ ଏହି ବାର୍ତ୍ତା ସମାଜବୃତି ପ୍ରଦାନ କରାଯାଇଥିଲା।

ଉଦ୍ଯାପନୀ ସମାରୋହରେ କବି ଡ. ପ୍ରସନ୍ନ ପାଟ୍ଟଶାଣୀ, ସନ୍ଥ ଗୌରୀ ସ୍ୟମାନନ୍ଦ ମହାରାଜ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ସବୁ ଜିଲ୍ଲାରେ ଆୟୋଜନ ପାଇଁ ଘୋଷଣା କରିଥିଲେ। ଭଦ୍ରକର କବିତାରାଣୀ ଦେ, ନିରଞ୍ଜନ ଦାଏ ଶ୍ୟାମଭାଗବତ ସଂସ୍କାର ଟ୍ରଷ୍ଟ ସଂପାଦିକା ଦିପ୍ତୀମୟୀ ମହାନ୍ତି, ଦିବାକର ମିଶ୍ର, ଆର୍ତ୍ତତ୍ରାଣ ପ୍ରଭୃତି ବିଶିଷ୍ଟ ଅତିଥି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଆନ୍ତଃ ଜିଲ୍ଲା ୧୪ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ଗ୍ରୁପ ଟେବୁଲ ର ଶୀର୍ଷରେ ନବରଙ୍ଗପୁର ଜିଲ୍ଲା



**ନବରଙ୍ଗପୁର, ୩୦।୧୨ (ନି.ପ୍ର) :** ଓଡ଼ିଶା କ୍ରିକେଟ ସଂଘ ଅାନୁକୂଲ୍ୟରେ କଟକ କୁରଙ୍ଗ ଶାସନ ପଡିଅା ଠାରେ ଅନୁଷ୍ଠିତ ହୋଉଥିବା ଅନ୍ତଃ ଜିଲ୍ଲା ୧୪ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ନବରଙ୍ଗପୁର ଦଳ ନିଜ ଗ୍ରୁପ ର ଶେଷ ମ୍ୟାଚରେ ବୌଦ୍ଧ ଜିଲ୍ଲା ଦଳକୁ ୯ ୱିକେଟରେ ପରାସ୍ତ କରି ଏକ ଦମଦାର ବିଜୟ ହାସଲ କରିଛି। ବୌଦ୍ଧ ଦଳ ପ୍ରଥମେ ବେଟିଂ କରି କେବଳ ୬୦ ରନରେ ନିଜର ସମସ୍ତ ୱିକେଟ ହରାଇଥିଲା। ଏହି ଲକ୍ଷ୍ୟକୁ ନବରଙ୍ଗପୁର ଦଳ ୧୦ ଓଭରରେ କେବଳ ଗୋଟାଏ ୱିକେଟ ହରାଇ ମ୍ୟାଚ୍ କୁ ନିଜ ହାତକୁ ନେଲାୟ ଏହି ମ୍ୟାଚରେ ନିଜର ଦମଦାର ପ୍ରଦର୍ଶନ ପାଇଁ ଅନିଶ କୁମାର ବିଶ୍ୱାଳ ମେନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେ ୪ ଓଭରରେ ମାତ୍ର ୮ରନ ଦେଇ ଦୁଇଟି ୱିକେଟ ଅକ୍ତିଅାର କରିଥିଲେ। ଏହି ବିଜୟ ସହ ଗ୍ରୁପ ବି, ଲିଗ ମ୍ୟାଚରେ ନବରଙ୍ଗପୁର ଦଳ, ଯାଜପୁର , କଟକ, ନୟାଗଡ଼, ବୌଦ, କେନ୍ଦ୍ରାପଡ଼ା ଜିଲ୍ଲା ଦଳକୁ ପଛରେ ପକାଇ ଟେବୁଲ ର ଶୀର୍ଷରେ ରହିଛି। ଦଳର ଅଧିନାୟକ ଭାବେ ରିତ ହରିଜନ, କୋଚ ଭାବେ ଲମ୍ବୋଦର ସୌରା ଏବଂ ମେନେଜର ଭାବେ ଶଶାଙ୍କ ଶେଖର ବେହେରାଙ୍କୁ ଦାଇତ୍ୱ ପ୍ରଦାନ କରାଯାଇଛି। ଏହି ସଫଳତା ଜାଣିବା ପରେ କ୍ରିକେଟ ସଂଘର ସମ୍ପାଦକ ଶ୍ରୀ ପ୍ରହଲ୍ଲାଦ ତ୍ରିପାଠୀ, ମିଡିଅା ସଂଯୋଜକ ମନୋଜ କୁମାର ପଟ୍ଟନାୟକ , ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ଏମ. ବାଲାକ୍ରୀଷ୍ଣା ରାଓ, କ୍ରୀଡା ସଂଘର କ୍ରିକେଟ ସମ୍ପାଦକ ଅଶୋକ ନାୟକ, ସଂଘର ଅନ୍ୟ ସମସ୍ତ ସଦସ୍ୟ ଏବଂ ଜିଲ୍ଲାର ପ୍ରାକ୍ତନ ବରିଷ୍ଠ କ୍ରୀଡାବିତ୍ ମାନେ ଶୁଭେଚ୍ଛା ଜଣାଇଛନ୍ତି।

## ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ଶାମ୍ବ ଦଶମୀ ପର୍ବ ପାଳିତ



**ବୁଗୁଡ଼ା, ୩୦/୧୨ (ନି.ପ୍ର):** ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ଶାମ୍ବ ଦଶମୀ ପର୍ବ ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇଯାଇଛି। ଏ ଅବସରରେ ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ଅବକାଶ ନୀତି, ବାଲ ସୂର୍ଯ୍ୟ ପୂଜା, ତ୍ରିକାଳ ପୂଜା ନୀତି ଅନୁଷ୍ଠିତ ହୋଇଥିଲାୟ ମଧ୍ୟାହ୍ନରେ ପୁରୋହିତ ଚିତ୍ତ ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ବୈଷ୍ଣବ ଚରଣ ଦାଶ, ଚିନ୍ମୟ ଦାଶ, ପ୍ରଶାନ୍ତ ମିଶ୍ର , ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇ ହୋମ କାର୍ଯ୍ୟ ସମ୍ପାଦନ କରିଥିଲା ବେଳେ ମହନ୍ତ ଭକ୍ତରାମ ଦାସ ହୋମ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତ୍ରିକାଳ ସନ୍ଧ୍ୟାରେ ଚନ୍ଦ୍ର ପୂଜା, ଆଳତି, ରାଜ ଭୋଗ, ବଡ ସିଙ୍ଘାର ନୀତି ଆଦି ପୂଜକ ଉମାକାନ୍ତ ଦାଶଙ୍କ ଦ୍ୱାରା ଯଥାବିଧି ପ୍ରକାରେ ସମ୍ପନ୍ନ ହୋଇଥିଲା। ଉକ୍ତ ପର୍ବ ପାଳନ ଅବସରରେ ଚର୍ମ ରୋଗରୁ ମୁକ୍ତି ପାଇବା ପାଇଁ ମାନସିକଧାରୀଙ୍କ ସମାବେଶ ଦେଖିବାକୁ ମିଳିଥିଲା।

## ଧଳାଜହର କବ୍‌ଜାରେ ଯୁବପିଢ଼ି : ନିଶା ବେପାରୀ ଙ୍କ ଟେର ପାଉନି ଅବକାରୀ ବିଭାଗ

**କାକଟପୁର, ୩୦/୧୨ (ନି.ପ୍ର) :** ବେକାରୀ ସମସ୍ୟା ଏବଂ ରାତାରାତି କୋଟିପତି ହେବାର ନିଶା ଲାଗି ବର୍ତ୍ତମାନ କାକଟପୁର ଅଞ୍ଚଳ ସମେତ ବିଭିନ୍ନ ଗାଁ ଗହଳି ଓ ଛକ ଜାଗା ସହିତ ଉକ୍ତ ଥାନା ଅଞ୍ଚଳର କୁଣ୍ଢେଇହାଟ, ପାଟପୁର, ବାଙ୍ଗୁରୀଗାଁ, ଜିଉଁନ୍ତି, ଖଣ୍ଡାସାହି, ପାଟସୁନ୍ଦରପୁର, ବଲରା, ଓଥକା, ମଲାମାଛ, ଦହିଖିଆ, ଖଣ୍ଡାସାହି ତାଳଦା ସେତୁ ଆଦି ଜାଗା ମାନଙ୍କରେ ବ୍ରାଉନ ସୁଗାର କାରବାର ଅହେତୁକ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ନିଛାଟିଆ। କେନାଲ ବନ୍ଧ, ମଠ ପାର୍ଶ୍ୱ, ପ୍ରାଚୀ ନଦୀ ପଠା, କଲେଜ ପାର୍ଶ୍ୱବର୍ତ୍ତୀ ନିକାଞ୍ଚ ଅଞ୍ଚଳ ସନ୍ଧ୍ୟା ଏବଂ ଖରାବେଳେ ମୋଟରସାଇକେଲ ରେ ଧରି ଏମାନେ ନିଜ ନିଜର ବେପାର ଆଡ୍ଡା ଜମାନ୍ତି। ଧଳାଜହର ସେବନ କରିବା ଫଳରେ ପାରିବାରିକ ହିଂସା, ଅଶାନ୍ତି, ଗଣ୍ଡଗୋଳ ଏବଂ ଲୁଟତରାଜ ବଢୁଥିବାବେଳେ ଧଳା ଜହର ଖାଉଥିବା ବ୍ୟକ୍ତିଟି ସର୍ବସ୍ୱାନ୍ତ ହେଉଛି। ଏମିତି ବି ଶୁଣିବାକୁ ମିଳୁଛି କିଛି ଗ୍ରାମରେ କେତେକ ମହିଳା ମଧ୍ୟ



ପୁରୁଷମାନଙ୍କ ସହିତ ଏହି ବେପାର କରିବାକୁ ଲାଗିଲେଣି। ତେଣୁ ଗାଁ ଗହଳିରେ ଏବେ ପାଉଡର ଚାହିଦା ବଢ଼ିବାରେ ଲାଗିଛି। ଏହାକୁ ସେବନ କରି ପଥଭ୍ରଷ୍ଟ ହେଉଥିବା ଯୁବପିଢି ବିଭିନ୍ନ ସମୟରେ ବହୁ ଅନୈତିକ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଏହି ବେପାର ଏ ଅଞ୍ଚଳ ରେ ଏତେ ମାତ୍ରାରେ ବଢିଯାଇଛି ଯେ ଅବକାରୀ ବିଭାଗ ଏବଂ ପୁଲିସ ବିଭାଗକର୍ମଚାରୀମାନେ ତା'ର ଟେର ପାଉନାହାନ୍ତି। କିଛି ଦୋକାନ ଏବଂ ଜନଗହଳି ପୂର୍ଣ୍ଣ ସ୍ଥାନରେ ସିଗାରେଟ ଏବଂ ଦିଆସିଲ ଖୋଳରେ ପୁଡ଼ିଆ। କରାଯାଇ ଗ୍ରାହକଙ୍କୁ ବିକ୍ରି କରାଯିବା ଶୁଣିବାକୁ ମିଳୁଛି। ଗାଁ ଗହଳିରେ ଯେଉଁ ଯୁବକ ମାନେ ଦିନେ ବ୍ୟବସାୟ କରି ଭଲ ଦୁଇ ପଇସା ରୋଜଗାର କରୁଥିଲେ ସେମାନେ ଏହି ଜହର କବଳରେ ପଡି କାଙ୍ଗାଳ ହୋଇ ଘରେ ବସି ବାପା, ମାଙ୍କ ଉପରେ ବୋଝ ପଲଟିଥିବାର ଦେଖିବାକୁ ମିଳୁଛି। ଏଥିଲାଗି ଜିଲା ପ୍ରଶାସନ, ବିଭିନ୍ନ ସାମାଜିକ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ସଚେତନ କରାଯାଇ ମିଳିତ ଭାବେ ଏହାର ପ୍ରତିବାଦ କଲେ ଏହି ବେପାର ଗାଁ ଗହଳିରୁ ଦୂର ହେବା ସହ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ଆଶା ପ୍ରକଟ କରିଛନ୍ତିୟ ଅପର ପକ୍ଷରେ ପୁରୀଜିଲ୍ଲା ଅବକାରୀ ବିଭାଗ କିମ୍ବା କାକଟପୁର ପୋଲିସ ପକ୍ଷରୁ କୌଣସି ଆଖି ଦୃଷ୍ଟିଆ। କାର୍ଯ୍ୟାନୁଷ୍ଠାନ ନିଆନଯିବା କାରଣରୁ ନିଶାଡୀ ମାନେ ଅଧିକ ସକ୍ରିୟ ହୋଇପଡୁଥିବା ଜଣାପଡିଛି ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧୋବେଇ ପ୍ରଧାନଙ୍କ ପରଲୋକ

**ପିପିଲି, ୩୦।୧୨ (ନି.ପ୍ର)** ପିପିଲି ବ୍ଲକ ପୋପରଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିନ୍ଧା ଗ୍ରାମର ବରିଷ୍ଠ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧୋବେଇ ପ୍ରଧାନ (୮୨)ଙ୍କ ପରଲୋକ ହୋଇଛି। ପୋଡାଗୁଣ୍ଡୁ ପ୍ରାଥମିକ ବିଦ୍ୟାଳୟର ଚାକିରୀ ଜୀବନ ଆରମ୍ଭ କରି ସେଠାରେ ୧୦ବର୍ଷ ରୁ ଅଧିକ ସମୟ ଶିକ୍ଷକତା କରିଥିଲେ। ପରେ କଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଠରଭଗା ପ୍ରାଥମିକ ବିଦ୍ୟାଳୟ କୁ ବଦଳୀ ହୋଇଥିଲେ ୟତାଙ୍କର ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ପରୋପକାରୀ, ଛାତ୍ରବତ୍ସଳ, କର୍ମଠ କର୍ତ୍ତବ୍ୟ ପରାୟଣ ସ୍ନେହୀ ବ୍ୟକ୍ତି ଭାବେ ବେଶ ପରିଚିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ଜୟପ୍ରକାଶ ପ୍ରଧାନ ମୁଖାଗ୍ନୀ ଦେଇଥିବା ବେଳେ ମଧ୍ୟମ ପୁତ୍ର ରମେଶ ଚନ୍ଦ୍ର ପ୍ରଧାନ ସାନପୁଅ ସୁବାଷ ପ୍ରଧାନ ଏବଂ ପରିବାର ବର୍ଗ ପ୍ରିୟଜନମାନେ ଶେଷକୃତ ରେ ସାମିଲ ହୋଇଥିଲେ।

# ଜ୍ଞାନର ସେତୁ ସାଜିଲେ ଭବିଷ୍ୟତ ଶକ୍ତିଶାଳୀ ହେବ : ଧର୍ମେନ୍ଦ୍ର ପ୍ରଧାନ

ରାମେଶ୍ୱରମ/ତାମିଲନାଡୁ, ଡିସେମ୍ବର ୩୦ - ଭାଷାଗତ ବିବିଧତା ଜ୍ଞାନର ସେତୁ ସାଜିଲେ ଭାରତର ଭବିଷ୍ୟତ ଶକ୍ତିଶାଳୀ ହେବ ବୋଲି ମଙ୍ଗଳବାର ତାମିଲନାଡୁର ରାମେଶ୍ୱରମ ଠାରେ 'କାଶୀ ତାମିଲ ସଙ୍ଗମମ୍ ୪.୦'ର ସମାପନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାରୁ ଆରମ୍ଭ ହୋଇଥିବା ଏହି ସଙ୍ଗମମ୍ ଆମର ବୌଦ୍ଧିକ, ଆଧାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ସେଲିବ୍ରେଟ୍ କରିବା ସହ ଜାତୀୟ ସଂହତିକୁ ଅଧିକ ସୁଦୃଢ଼ କରିଛି । କାଶୀର ଗଙ୍ଗା କୂଳରୁ ଆରମ୍ଭ ହୋଇ ରାମେଶ୍ୱରମର ସମୁଦ୍ର କୂଳରେ ପହଞ୍ଚିଥିବା ଏହି କାର୍ଯ୍ୟକ୍ରମ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ନୂତନ ଶକ୍ତି ପ୍ରଦାନ କରିବା ସହ ଉଭୟ ଅଞ୍ଚଳର ଶତାବ୍ଦୀ ପୁରୁଣା ସମ୍ପର୍କକୁ ପୁନର୍ଜୀବିତ କରିଛି ।ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି ଯେ, ସମସ୍ତଙ୍କୁ ସାମିଲ କରିବା ଏବଂ ଭାରତୀୟ ସଭ୍ୟତାର ଜ୍ଞାନକୁ ସହଜ କରିବା ହେଉଛି କାଶୀ ତାମିଲ ସଙ୍ଗମମ୍ ଏବଂ ଜାତୀୟ ଶିକ୍ଷା ନୀତିର ମୂଳ ଲକ୍ଷ୍ୟ । ଯେତେବେଳେ ଆମେ ବିବିଧତାକୁ ସମ୍ମାନ ଦେଉ ଏବଂ ଭାଷାଗତ ବୈଚିତ୍ର୍ୟକୁ ଜ୍ଞାନର ସେତୁ ଭାବେ ଗ୍ରହଣ କରୁ, ସେତେବେଳେ ଭାରତର ଭବିଷ୍ୟତ ଆହୁରି ଶକ୍ତିଶାଳୀ ହୁଏ ବୋଲି ସେ କହିଛନ୍ତି ।

ତାମିଲ ସଭ୍ୟତା କେବଳ ଏକ ଆଞ୍ଚଳିକ ପରିଚୟ ନୁହେଁ, ବରଂ ଏହା ଭାରତର ସାଭ୍ୟତିକ ଯାତ୍ରାର ମୂଳଦୁଆ । ଚଳିତ ବର୍ଷର ବିଷୟବସ୍ତୁ 'ତାମିଲ କର୍କଲମ୍' କେବଳ ତାମିଲ ଶିକ୍ଷାକୁ ପ୍ରୋତ୍ସାହିତ କରୁନାହିଁ, ବରଂ ଭାରତର ପ୍ରାଚୀନ ଜ୍ଞାନର ଦ୍ୱାର ଖୋଲିଛି । କାଶୀ ତାମିଲ ସଙ୍ଗମମ୍ ଆଗାମୀ ଦିନରେ ଭାରତର ଯୁବପିଢ଼ିଙ୍କୁ ଆମର ଗୌରବମୟ ସଭ୍ୟତାର ଗର୍ବିତ ବାହକ ହେବା ପାଇଁ ଅନୁପ୍ରାଣିତ କରିବ ବୋଲି ସେ ଦୃଢ଼ବିଶ୍ୱାସ ପ୍ରକଟ କରିଛନ୍ତି । ଏହିଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ତାମିଲନାଡୁ ସ୍ଥିତ ଡ. ଏପିଜେ ଅବଦୁଲ କଲାମ ମେମୋରିଆଲ ପରିଦର୍ଶନ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଉଦବେଗ

ଭୁବନେଶ୍ୱର,୩୦।୧୨(ନି.ପ୍ର): ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଣେ ନିରୀହ ଓଡ଼ିଆ ପୁଅ ଉପରେ ବର୍ବରୋଚିତ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ ଉଲ୍ଲେଖ କରାଯାଇଛି ତାମିଲନାଡୁରେ ଜଣେ ଓଡ଼ିଆ ଯୁବକଙ୍କ ଉପରେ ହୋଇଥିବା ଅମାନୁଷିକ ଆକ୍ରମଣ ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ତୁରନ୍ତ ସଂଜ୍ଞାନ ନେବା ସହ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଣେ ନିରୀହ ଓଡ଼ିଆ ପୁଅ ଉପରେ ଏଭଳି ବର୍ବରୋଚିତ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି। ପୀଡ଼ିତଙ୍କୁ ସମସ୍ତ ପ୍ରକାର ଉତ୍ତମ ଚିକିତ୍ସା ଓ ସହାୟତା ଯୋଗାଇ ଦେବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଓଡ଼ିଆଙ୍କ ସୁରକ୍ଷା ଓ ସ୍ୱାଭିମାନ ଆମ ପାଇଁ ସର୍ବୋପରି। ରାଜ୍ୟ ବାହାରେ କର୍ମରତ ପ୍ରତ୍ୟେକ ଓଡ଼ିଆ ଭାଇଭଉଣୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ।'

# କୋଇଡ଼ା ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ଟାଟା ଷ୍କିଲ୍ ଫାଉଣ୍ଡେସନ୍ ଓ ନିଟ୍ ପକ୍ଷରୁ ମାଗଣା ବୈଷୟିକ ଶିକ୍ଷା

କୋଇଡା,୩୦।୧୨(ନି.ପ୍ର.): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଅଞ୍ଚଳର ଯୁବକ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଟାଟା ଷ୍କିଲ୍ ଫାଉଣ୍ଡେସନ୍ (ଟିଏସଏଫ) ଏବଂ ନିଟ୍ ଫାଉଣ୍ଡେସନ ର ମିଳିତ ସହଯୋଗରେ ଏକ 'ଆଇଟି ଏବଂ ଇଂରାଜୀ ଶିକ୍ଷା କେନ୍ଦ୍ର' ଶୁଭାରମ୍ଭ ହୋଇଯାଇଛି। ୨୧ ମ ଶତାବ୍ଦୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡିଜିଟାଲ୍ କୌଶଳ ଏବଂ ଇଂରାଜୀ ଭାଷାରେ ଦକ୍ଷତା ବୃଦ୍ଧି କରିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି।

?ଉପଲବ୍ଧ ପାଠ୍ୟକ୍ରମ ଓ ସୁବିଧା:ଶଗଡ଼ଭଙ୍ଗା ସ୍ଥିତ ଏହି କେନ୍ଦ୍ରରେ ଅତି କମ୍ ଶୁଳ୍କରେ ନିମ୍ନଲିଖିତ ପାଠ୍ୟକ୍ରମଗୁଡ଼ିକ ପ୍ରଦାନ କରାଯାଉଛି। ମୌଳିକ ଆଇଟି ପାଠ୍ୟକ୍ରମ: ୩ ମାସିଆ କୋର୍ସ (ମାତ୍ର ୫୦୦ ଟଙ୍କା)। ଆଡଭାନ୍ସ ଆଇଟି ପାଠ୍ୟକ୍ରମ: ୩ ମାସିଆ କୋର୍ସ (ମାତ୍ର ୫୦୦ ଟଙ୍କା)। ଇଂରାଜୀ ଫାଉଣ୍ଡେସନ୍: ୨ ମାସିଆ କୋର୍ସ (ମାତ୍ର ୨୦୦ ଟଙ୍କା)। ଏହି କେନ୍ଦ୍ରରେ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍, ଅଡିଓ-ଭିଜୁଆଲ୍ ସୁବିଧା ଥିବା ସ୍ମାର୍ଟ କ୍ଲାସରୁମ୍, ଏବଂ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି। ଏଥିସହିତ ଏଲ୍ଏମଏସ୍ (ଲର୍ଣ୍ଣିଂ ମ୍ୟାନେଜମେଣ୍ଟ ସିଷ୍ଟମ) ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅନ୍ ?ଲାଇନ୍ ଏବଂ ଆପ୍ ଜରିଆରେ ମଧ୍ୟ ପାଠ ପଢ଼ିପାରିବେ। କର୍ମନିଯୁକ୍ତିରେ ସହାୟକ:ଆଜିକାଲିର ପ୍ରତିଯୋଗିତାମୂଳକ ବଜାରରେ ଆଇଟି ଏବଂ ଯୋଗାଯୋଗ କୌଶଳର ବହୁତ ଗୁରୁତ୍ୱ ରହିଛି। ଏହି କୋର୍ସଗୁଡ଼ିକ ଯୁବପିଢ଼ିଙ୍କୁ ଉଚ୍ଚ ଦରମା ବିଶିଷ୍ଟ ଚାକିରି ପାଇବାରେ ସାହାଯ୍ୟ କରିବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।ସ୍ଥାନୀୟ ଅଞ୍ଚଳର ଆଗ୍ରହୀ ଯୁବକ ଯୁବତୀମାନେ ଏହି ସୁଯୋଗର ଲାଭ ଉଠାଇବା ପାଇଁ କେନ୍ଦ୍ରରେ ପହଞ୍ଚି ନାମ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି। ଯୋଗାଯୋଗ ଠିକଣା: ଆଇଟି ଏବଂ ଇଂରାଜୀ ଲର୍ଣ୍ଣିଂ ସେଣ୍ଟର, ଶାଗଡ଼ଭଙ୍ଗା, କୋଇଡ଼ା,ଜିଲ୍ଲା - ସୁନ୍ଦରଗଡ଼, ପିନ୍ - ୭୭୦୦୪୮।

# କୁଚିଣ୍ଡା କଲେଜ ପାଇଁ ଗୌରବ ଆଣିଲେ ଶିକ୍ଷା ବିଭାଗ ଅଧ୍ୟାପିକା

କୁଚିଣ୍ଡା,୩୦।୧୨(ନି.ପ୍ର.):ଜାତୀୟ ସେବା ଯୋଜନାରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଗଙ୍କ୍ଟକ୍ଷକ୍ଷୟ ମକ୍ଷବକ୍ସସପ୍ତଛ ଗଙରକ୍ଷଲବକ୍ସର ଲକ୍ଟଙ୍କଭୟବପ୍ସସକ୍ଟଭ ତରଫରୁ 'ଓଡ଼ିଆ ଗୌରବ ସମ୍ମାନ- ୨୦୨୫' ରେ ସମ୍ମାନିତ ହୋଇଛନ୍ତି। ମହାବିଦ୍ୟାଳୟ ସ୍ତରରେ ପରିବେଶ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ରକ୍ତଦାନ, ନାରୀ ସୁରକ୍ଷା, ବୃକ୍ଷ ରୋପଣ, ଟ୍ରାଫିକ ସମସ୍ୟା, ଦୁର୍ନୀତି, ନିଶା ନିବାରଣ ଉପରେ ଅନେକ କାର୍ଯ୍ୟକ୍ରମ କରି ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି। ଶ୍ରେଣୀ କୋଠରୀରେ ସରଳ ଶିକ୍ଷାଦାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଜ୍ଞାନର ସୀମା ବୃଦ୍ଧି ଠାରୁ ଘଘଝ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଶକ୍ତି, ନେତୃତ୍ୱରେ ଶକ୍ତିର ବିକାଶ, ସାମାଜିକ ଦାୟିତ୍ୱ ତଥା ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶ ହିଁ ତାଙ୍କର ମୂଳ ଲକ୍ଷ୍ୟ। ସେ ଜଣେ ଛାତ୍ରବତ୍ସଳା ଅଧ୍ୟାପିକା ଭାବରେ କୁଚିଣ୍ଡା ଅଞ୍ଚଳରେ ସୁପରିଚିତ।ଗତ ୨୦୨୪ ଗଣତନ୍ତ୍ର ଦିବସ ପ୍ୟାରେଡ ଶିବିରରେ ଓଡ଼ିଶାକୁ




ପ୍ରତିନିଧିତ୍ୱ କରିବା ସହିତ ଦେଶର ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପ-ରାଷ୍ଟ୍ରପତି, ଖେଳ ଓ ଯୁବ ବ୍ୟାପାର ମନ୍ତ୍ରୀଙ୍କ ତରଫରୁ ତାଙ୍କ ବାସଭବନକୁ ନିମନ୍ତ୍ରିତ ହୋଇ ସାକ୍ଷାତ ଲାଭ କରିଥିଲେ। ଅଧ୍ୟାପିକା କୁମୁରାଙ୍କ ତତ୍ତ୍ୱାବଧାନରେ କୁଚିଣ୍ଡା ପରି ଏକ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରୁ ୧୮ ଜଣ ସ୍ୱେଚ୍ଛାସେବୀ ରାଜ୍ୟ ତଥା ଜାତୀୟ ସ୍ତରୀୟ ଶିବିରରେ ଯୋଗ ଦେବାର ସୁଯୋଗ ପାଇଛନ୍ତି। ତାଙ୍କର ଏହି ପ୍ରଚେଷ୍ଟା ଓ NSS ମାଧ୍ୟମରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବ୍ରହ୍ମପୁର, ଗଞ୍ଜାମ କଳା ପରିଷଦରେ ଅନୁଷ୍ଠିତ ହୋଇଥିବା ଏକ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନୀତ କରାଯାଇଛି ।ତାଙ୍କର ଏ ପ୍ରୟାସ ଓ ସଫଳତା ପାଇଁ ଅଧ୍ୟକ୍ଷ ମନୋଜ ପଣ୍ଡା ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଆଦିବାସୀଙ୍କ ଛାତି ଉପରେ ଖଣି ଖୋଳା ଚାଲିଛି : କଂଗ୍ରେସ

ଭୁବନେଶ୍ୱର,୩୦।୧୨(ନି.ପ୍ର.): ଆଜି କଂଗ୍ରେସ ଭବନ ଠାରେ ସୁନ୍ଦରଗଡ଼ ଜିଲ୍ଲାର ଲାଞ୍ଜିବେର୍ନା ଗ୍ରାମରେ ଅବସ୍ଥିତ ଲାଇମଷ୍ଟୋନ ଖଣି ଡାଲମିଆ କମ୍ପାନୀଙ୍କୁ ସମସ୍ତ ନିତିନିୟମ ଉପକ୍ଷୋ କରି ତଥା ରାଜ୍ୟରେ ବେନିୟମ ଭାବେ ଖଣି ଉତ୍ତୋଳନ ଓ ଆଦିବାସୀ ଉଛେଦକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଖଣିଜଦ୍ରବ୍ୟ ଉତ୍ତୋଳନ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଯାହା ନିୟମାବଳୀ ଅଛି ତାହା ଆଦୌ ପାଳନ ହେଉନାହିଁ। ବିନା ଗ୍ରାମସଭା ଅନୁମତିରେ କମ୍ପାନୀକୁ ଖଣି ହସ୍ତାନ୍ତର କରିବା କେସ ସୁପ୍ରିମକୋର୍ଟ ଅବୈଧ ଘୋଷଣା କରିଥିଲେ। କିନ୍ତୁ ଓଡ଼ିଶାରେ ଗ୍ରାମସଭା ଅନୁମତି ବିନା ଖଣିକୁ ହସ୍ତାନ୍ତର କରାଯାଉଛି।




ସିଜିମାଳିରେ ବିନା ଗ୍ରାମସଭା ଅନୁମତିରେ ଖଣି ଆଦାନୀକୁ ଦିଆଯାଇଛି। ଠିକ ସେପରି ସୁନ୍ଦରଗଡ଼ ଜିଲ୍ଲା ଅର୍ନ୍ତଗତ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ କୁତ୍ରା ବ୍ଲକ ଅନ୍ତର୍ଗତ ଲାଞ୍ଜିବେର୍ନା ଗ୍ରାମରେ ଲାଇମଷ୍ଟୋନ ଡୋଲମାଇଟ ଖଣି ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ଗ୍ରାମ ସଭାର ଅନୁମତି ବିନା ରାଜ୍ୟ ସରକାର ଡାଲମିଆ ସିମେଣ୍ଟକ୍ଷପ୍ତ; କମ୍ପାନୀକୁ ଟେକି ଦେଇଛି। ରାଜ୍ୟରେ ପୁଞ୍ଜିପତିଙ୍କ ଶାସନ ଚାଲିଛି।

ସାଧାରଣ ଜନତା ଓ ଆଦିବାସୀ ଶୋଷିତ ହେଉଛନ୍ତି ବୋଲି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି। ରାଜଗାଙ୍ଗପୁର ବିଧାୟକ ସିଏସ ରାଜନ ଏକ୍କା କହିଥିଲେ, କମ୍ପାନୀମାନଙ୍କୁ ଯେତେବେଳେ ଖଣି ପ୍ରଦାନ କରାଯାଉଛି ଦେଖାଯାଉଛି, ନିତିନିୟମ ଗ୍ରହଣ ନକରି ଜମି ଅଧିଗ୍ରହଣ କରାଯାଉଛି। ବିଶେଷକରି ସୁନ୍ଦରଗଡ଼ ଜିଲ୍ଲାର ବଣେଇରେ କୋଇଲା ପଥର ଖଣି ଓ ରାଜଗାଙ୍ଗପୁରର ଚୂନପଥର ଖଣିକୁ ସମସ୍ତ ନିତିନିୟମ ଉପେକ୍ଷା କରି ଜମି ଅଧିଗ୍ରହଣ, ବିସ୍ଥାପନ ଓ ପରିବେଶ ସନ୍ତୁଳନ ଆଦିକୁ ବେଖାତିର କରି ଡାଲମିଆ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଗ୍ରାମ ସଭାରେ ଅତିକମରେ ୮୦% ସହମତି ଲୋଡ଼ା ଏଲଫର୍ମ ଓ ଏମଫର୍ମର ମଧ୍ୟ ପାଳନ କରାଯାଇ ନାହିଁ। ଲୋକମାନଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ରାଜ୍ୟ ସରକାର ଆଦିବାସୀ ଏବଂ ଜନତାଙ୍କ ଦୁଃଖ ଶୁଣୁନାହାନ୍ତି। ଆଗାମୀ ଦିନରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେଖଣି ଅଞ୍ଚଳର ବିରାଟ ବିକ୍ଷୋଭ ଅନୁଷ୍ଠିତ ହେବ।

ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ନିର୍ମଳ ନାଏକକହିଥିଲେ, ସରକାର ଆଦିବାସୀ ମାନଙ୍କ ଛାତିରେ ଖଣି ଖୋଲୁଛନ୍ତି। କମ୍ପାନୀ ଓ ପୁଞ୍ଜିପତି ମାନଙ୍କୁ ଅହେତୁକଅନୁକମ୍ପା ପ୍ରଦର୍ଶନ କରି ଆଦିବାସୀ ମାନଙ୍କୁ ବେନିୟମ ହିସାବରେ ବିସ୍ଥାପିତ କରୁଛନ୍ତି। ଯାହା ଆଗାମୀ ଦିନରେ ଭୀଷଣ ଆନ୍ଦୋଳନର ସୂତ୍ରପାତ ହେବ। ଆମେ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛୁ ଖଣି କାର୍ଯ୍ୟପାଇଁ ସମସ୍ତ ନିୟମ ପାଳନ କରନ୍ତୁ। ଆଦିବାସୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଅନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ, ଆଡଭୋକେଟ ଆର୍ଲବଟ କିଣ୍ଡୋ, ସମାଜସେବୀ ବିବଲ ଟପୋ, ଅନିମା ମିଞ୍ଜ ଉପସ୍ଥିତ ଥିଲେ।

# ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିରର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୩୦।୧୨(ନି.ପ୍ର.): ସଭାପତି ଧନଞ୍ଜୟ ମିଶ୍ର ଙ୍କ ଅଧକ୍ଷତାରେ ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ



ବୈଠକରେ ସଂପାଦକଙ୍କ ଦ୍ୱାରା ପୂର୍ବ ବୈଠକର ବିବରଣୀ ପଠନ ଏବଂ ଦୃଢ଼ିକରଣ କରାଗଲା। ପରେ ରୋଗରେ ପୀଡିତ ରବିନ୍ଦ୍ର ମିଶ୍ର ଙ୍କର ଆଶୁ ଆରୋଗ୍ୟ କାମନା କରି ବ୍ରାହ୍ମଣ ସମାଜ ଭଗବାନ ନୃସିଂହ ଙ୍କ ସମକ୍ଷରେ ସମବେତ ପ୍ରାର୍ଥନା କରିଥିଲେ । ଆଜିର ଆଲୋଚ୍ୟ ବିଷୟ ବସ୍ତୁରେ ପୂର୍ବତନ ସଂପାଦକ ଜୟରାମ ମିଶ୍ରଙ୍କ ଠାରୁ ଆଜି ପର୍ଯ୍ୟନ୍ତ ଋର୍ଜ ଆସିନଥିବା କଥା ଆଲୋଚନା ହୋଇଥିଲା । ତତ୍ ସଙ୍ଗେ ବିଭିନ୍ନ ସାଂଗଠନିକ ଆଲୋଚନା ସହିତ ଆଗାମୀ ୨୭.୦୩.୨୦୨୬ ଶୁକ୍ରବାର ପବିତ୍ର ଶ୍ରୀରାମ ନବମୀ ତିଥି ସର୍ବସମ୍ମତ ଲଗ୍ନରେ ବ୍ରାହ୍ମଣ ସନ୍ତାନମାନଙ୍କର ନିଶୁଳ୍କ ବ୍ରତୋପନୟନ କରାଯିବାର ସିଦ୍ଧାନ୍ତ ଗୃହିତ ହେଲା । ତା ପୂର୍ବଦିନ ୨୬.୦୩.୨୦୨୬ ରେ ଋରିକର୍ମ ଅନୁଷ୍ଠିତ ହେବ । ଏ ସଂକ୍ରାନ୍ତୀୟ ଆବେଦନ ଫର୍ମ ସଂପାଦକଙ୍କ ଠାରୁ ସଂଗ୍ରହ କରିନେବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଗଲା । ସଦସ୍ୟବୃନ୍ଦ ନିଜ ନିଜ ଅଂଚଳର ଯୋଗ୍ୟ ବ୍ରାହ୍ମଣ ସନ୍ତାନଙ୍କର ତାଲିକା ସଂଗ୍ରହ କରି ସଂପାଦକ, ସଭାପତି ଙ୍କ ନିକଟକୁ ତା.୧୪.୦୨.୨୦୨୬ ସୁଦ୍ଧା ଜଣାଇବା ପାଇଁ ଅନୁରୋଧ କରାଗଲା । ଏହା ସହିତ ଆଗାମୀ ତା.୨୫.୦୧.୨୦୨୬ ମାଘ ଚିଳ ସପ୍ତମୀ ଦିନ ଶ୍ରୀମଦ୍ ଭାଗବତ ମହାପୁରାଣ ଅନନ୍ତମୁଖି ପରାୟଣ ଶ୍ରୀ ନୃସିଂହ ମନ୍ଦିର ବଲାଙ୍ଗିର ଠାରେ ଅନୁଷ୍ଠିତ କରିବା ପାଇଁ ଗୃହିତ ହେଲା । ଶେଷରେ ସଂପାଦକ ଶ୍ୟାମ ସୁନ୍ଦର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦ୍ୱିତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବଲାଙ୍ଗିର,୩୦।୧୨(ନି.ପ୍ର.): ଖୁଜେନପାଲି ରେ ଦ୍ୱିତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଯାଇଛି । ଏହି ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ୨୭ ତାରିଖ ଉଦ୍‌ଘାଟନ ହୋଇଥିଲା ଓ ୨୮ ତାରିଖ ରବିବାର ଦିନ ଉଦ୍‌ଯାପିତ ହୋଇଥିଲା । ଏହି ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ରେ ବଲାଙ୍ଗିର ଜିଲ୍ଲାର ସର୍ବମୋଟ ୪୦ଟି ଦଳ ଅଂଶଗ୍ରହଣ କରିଥିଲେ । ଏହି ଉଦ୍‌ଘାଟନି ଉତ୍ସବରେ ଯୁଧିଷ୍ଠିର କୁମାର ସିଂହ ଓ ସ୍ଥାନୀୟ ସରପଞ୍ଚ ରଞ୍ଜିତା ପାଣିଗ୍ରାହୀଙ୍କ କରକମଳରେ ଉଦ୍‌ଯାଟନ ହୋଇଥିଲା । ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଲୋକ କୁମାର ମଙ୍ଗରାଜ, ସମ୍ମାନିତ ଅତିଥି ଭାବେ ସଂଗ୍ରାମ ବହିଦାର ଓ ଅତିଥି ଭାବେ ଦେବଦାସ ଖଟେଇ ଯୋଗଦାନ କରି ପୁରସ୍କାର ବିତରଣ କଲେ । ଦୁଇ ଜଣ ଭେଟରାନ ଖେଳାଳି ଘନଶ୍ୟାମ ମିଶ୍ର ଓ ମନୋରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଗଲା । ଏହି ଟୁର୍ଣ୍ଣାମେଣ୍ଟ କୁ ପରିଋଳନା କରିଥିଲେ ଅତିରିକ୍ତ ଖେଳ ଶିକ୍ଷକ ସୁନିଲ କୁମାର ବିଶ୍ୱାଳ ଓ ତାଙ୍କୁ ସହଯୋଗ କରିଥିଲେ ଖୁଜେନପାଲି ବ୍ୟାଡମିଣ୍ଟନ ଆସୋସିଏସନର ସମସ୍ତ କର୍ମକର୍ତ୍ତା ।



# କବାଡି ଚମ୍ପିୟାନ ଟିମକୁ ସମ୍ବର୍ଦ୍ଧନା

ଗଞ୍ଜାମ,୩୦।୧୨(ନି.ପ୍ର): ଗଞ୍ଜାମ କଲେଜ କବାଡି ଚମ୍ପିୟାନ ଟିମକୁ କଲେଜ ପ୍ରାଙ୍ଗଣରେ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। କଲେଜ ଅଧ୍ୟକ୍ଷା ଡ଼. ସ୍ମରଣିକା ହୋତା ଚମ୍ପିୟାନ ଟିମକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିବା ସହ ସମ୍ମାନିତ କରିଥିଲେ। କ୍ରୀଡା ମହୋତ୍ସବ ଆୟୋଜକ ଦିଗଦର୍ଶନ ଫାଉଣ୍ଡେସନ ର ପ୍ରତିଷ୍ଠାତା ତଥା ଓଡିଶା ସମ୍ବାଦିକ ସଙ୍ଘ ରାଜ୍ୟ ମହିଳା ଆବାହିକା ସୁଶ୍ରୀ ବିଜୟଲକ୍ଷ୍ମୀ ମହାକୁଡ଼, ଅନୁଷ୍ଠାନର ସଭାପତି ତଥା ଓ ଜେ ୟୁ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ କବାଡି ଟିମର ପ୍ରତିଯୋଗୀ ମାନଙ୍କ ଉଜ୍ଜଳ ଭବିଷତ କାମନା କରିଥିଲେ ।ଉର୍ମିଳା ବେହେରା, ମାମା ବେହେରା, ସ୍ମୃତି ବେହେରା, ଶ୍ରୀୟା ତରାଇ, ପୂଜା ଗୌଡ଼, କିରନ ବେହେରା, ପ୍ରିୟଙ୍କା ବେହେରା, ଲିଲିଗୋଲରୀ ପ୍ରମୁଖ କବାଡି ପ୍ରତିଯୋଗୀ ସମ୍ମାନିତ ହୋଇଥିଲେ।



ଲୋକନାଥ ମିଶ୍ର, ଜଗଦିଶ ପାଢ଼ୀ, ସୁଶାନ୍ତ ସେଠୀ, ଗିରିଶ କୁମାର ଆଚାର୍ଯ୍ୟ, ଅରୁନ୍ଧତୀ ସିଂ, ରାଜନୀକାନ୍ତ ପଟନାୟକ ପ୍ରମୁଖ ଅଧ୍ୟାପକ ପ୍ରମୁଖ ଉପସ୍ଥିତ ରହିକବାଡିଟିମକୁ ଉଚ୍ଚ ପ୍ରଶଂସା କରିଥିଲେ।

ସୂଚନାଯୋଗ୍ୟ ମାଙ୍ଗ ଭାରତ ପକ୍ଷରୁ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଆୟୋଜିତ କ୍ରୀଡା ମହୋତ୍ସବରେ ଆୟୋଜିତ କାର୍ଯ୍ୟକ୍ରମରେ ଯଶୋଦା ଡିଗ୍ରୀ ମହିଳା ମହାବିଦ୍ୟାଳୟ ଓ ଖଣ୍ଡଦେଉଳି କବାଡି ଟିମ କୁ ହରାଇ ଗଞ୍ଜାମ କଲେଜ ଟିମ ଚମ୍ପିୟାନ ହୋଇଥିଲା ।

# ନିଆରା ଢଙ୍ଗରେ ବନ୍ଧୁ ମିଳନ



ବଲାଙ୍ଗୀର,୩୦।୧୨(ନି.ପ୍ର.): କିଏ କହିଲା ଆଜି ଆଉ ଗୁରୁ ଭକ୍ତି ନାହିଁ ବୋଲି ଗୁରୁ ଭକ୍ତି ର ଉଦାହରଣ ସାଜିଛି ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଲୋଇସିଂହା ବ୍ଲକ୍ ର ଆଦିବାସୀ ଉଚ୍ଚ ବିଦ୍ୟାଳୟ ତାଲଜୁରୀ ର ୨୦୧୭ ବ୍ୟାଚ୍ ଛାତ୍ର ଛାତ୍ରୀ ମାନଙ୍କ ବନ୍ଧୁ ମିଳନ, ୨୦୧୭ ମସିହା ରେ ମାଟ୍ରିକ୍ ପଢୁଥିବା ସମସ୍ତ ୩୦ ଜଣ ଛାତ୍ର ଛାତ୍ରୀ ଭାବର ରୁଜ୍ଜୁ ରେ ବାନ୍ଧି ହୋଇ ପାଟଣାଗଡ଼ ନିକଟସ୍ଥ କୁତୁମୁଣ୍ଡା ଗ୍ରାମର କାହ୍ନା ନର୍ସରୀ ରେ ବହୁ ଆଡମ୍ବର ସହିତ ବନ୍ଧୁ ମିଳନ ରେ ସାମିଲ ହୋଇଥିଲେ। ଆଜି କାଲି ପ୍ରାୟ ବିଦ୍ୟାଳୟ ରେ ବନ୍ଧୁ ମିଳନ ହେଉଛି ମାତ୍ର ଏ ବ୍ୟାଚ୍‌ର ଛାତ୍ର ଛାତ୍ରୀ ବନ୍ଧୁ ମିଳନ ସହିତ ଭୂଲି ନ ଥିଲେ ତାଙ୍କର ପ୍ରିୟ ଗୁରୁ ଙ୍କ ସମ୍ମାନକୁ, ନିଜର ପ୍ରିୟ ତଥା ପୂଜ୍ୟ ଗୁରୁ ଦିଲିପ୍ କୁମାର୍ ମିଶ୍ର ଙ୍କୁ ଆମନ୍ତ୍ରଣ କରି ଉପଢୌକନ ସହିତ ମାନପତ୍ର ଦେଇ ସମ୍ମାନିତ କରି ତାଙ୍କର ଆଶିଷ କାମନା କରିଥଲେ। ଏମାନଙ୍କ ଏତାଦୃଶ କାର୍ଯ୍ୟ ରେ ଅଞ୍ଚଳ ବସୀ ତଥା ଗ୍ରାମ ବାସୀ ବହୁତ୍ ଖୁସି ବ୍ୟକ୍ତ କରିଥଲେ, ଗୁରୁ ଶ୍ରୀଯୁକ୍ତ ମିଶ୍ର ମଧ ଛାତ୍ର ଛାତ୍ରୀ ମାନଙ୍କୁ ଆନ୍ତରିକ ଧନ୍ୟବାଦ୍ ଦେଇ ଭାବ ବିହ୍ୱଳ ହୋଇ ସମସ୍ତଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥଲେ। ଆଦିବାସୀ ଉଚ୍ଚ ବିଦ୍ୟାଳୟ, ତାଲଜୁରୀ ୨୦୧୭ ବ୍ୟାଚ୍ ଛାତ୍ର ଛାତ୍ରୀ ଙ୍କ ଏ କାର୍ଯ୍ୟ ଭବିଷ୍ୟତ ପିଢ଼ି କୁ ନିଶ୍ଚୟ ପ୍ରେରଣା ଦେବ ଏଥିରେ ସନ୍ଦେହ ନାହିଁ।

# ଗଞ୍ଜାମ ତାଇକୋଣ୍ଡୋର ୧୨୮ ପଦକ ହାସଲ

ବ୍ରହ୍ମପୁର,୩୦।୧୨(ନି.ପ୍ର): ଆଜି ବ୍ରହ୍ମପୁର ରେଳ ଷ୍ଟେସନ ଠାରେ ଗଞ୍ଜାମ ତାଇକୋଣ୍ଡୋର ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ଏଥିରେ ବ୍ରହ୍ମପୁରର ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ଆନ୍ତର୍ଜାତୀୟ କୋଚ୍ ମାଷ୍ଟର ସରୋଜ କୁମାର ବଡମୁଣ୍ଡି, ସ୍ଥାନୀୟ କର୍ପୋରେଟରଙ୍କ ସମେତ ବିଜେଡି ନେତା ଗାଗୁନି ପଣ୍ଡାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନେ ରେଳ ଷ୍ଟେସନ ଠାରେ ପହଞ୍ଚି ସୁଦୂର ଭଦ୍ରକ ଜିଲ୍ଲାରୁ କୋଣାର୍କ ଏକ୍ସପ୍ରେସରେ ବ୍ରହ୍ମପୁର ଠାରେ ପହଞ୍ଚିଥିବା ବିଜୟୀ ଖେଳାଳି ମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଅତିଥି ମାନେ ଅନୁଷ୍ଠାନର ମୁଖ୍ୟଙ୍କୁ ମଧ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ, ଗଞ୍ଜାମ ଜିଲ୍ଲାକୁ ଗୌରବାନ୍ୱିତ କରିଥିବା ନେଇ ସାଧୁବାଦ ଜଣାଇଥିଲେ ତେବେ ସୂଚନା ଅନୁସାରେ, ଓଡ଼ିଶା ତାଇକୋଣ୍ଡୋ ଦ୍ୱାରା ଭଦ୍ରକ ଜିଲ୍ଲାରେ ଚଳିତ ମାସ ୨୬ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଏକ ରାଜ୍ୟ ସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ସେଥିରେ ରାଜ୍ୟ ବିଭିନ୍ନ ଜିଲ୍ଲାରୁ ବହୁ ସଂଖ୍ୟାରେ ଖେଳାଳି ମାନେ ଅଂଶ ଗ୍ରହଣ କରି ପ୍ରତିଦ୍ୱନ୍ଦିତା କରିଥିବା ବେଳେ, ଏଥି ମଧ୍ୟରୁ ଗଞ୍ଜାମ ଜିଲ୍ଲା ରୁ ୬୫ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କୋଚ ସତିସ୍ କୁମାର ରାଓ, କିରନ୍ କୁମାର ନାୟକ, କୈବଲ୍ୟ ବଡମୁଣ୍ଡି ଏବଂ କୁଲଦୀପ ଦିଗାଲଙ୍କ ନେତୃତ୍ୱରେ ଅଂଶ ଗ୍ରହଣ କରିଥିବା ଖେଳାଳି ମାନେ ଉକ୍ତ ପ୍ରତିଯୋଗିତାରେ ଅଭୁତ ଓ ଚମତ୍କାର କୌଶଳ ପ୍ରଦର୍ଶନ କରି ବିଜୟ ହାସଲ କରିଥିବା କୋଚ୍ ମନେ ସୂଚନା ଦେଇଛନ୍ତି । ସେହିପରି ସଭାପତି ସୁଜି କୁମାର ମିଶ୍ର ପ୍ରତିକ୍ରିୟା ରଖିଛନ୍ତି ଯେ, ଏହି ପରିପ୍ରେକ୍ଷୀରେ ପ୍ରାୟ ୧୨୮ଟି ମେଡାଲ ପାଇଥିବା ବେଳେ, ସେଥିରୁ ୬୯ଟି ସ୍ୱର୍ଣ୍ଣ, ୩୭ଟି ରୌପ୍ୟ ଓ ୨୨ଟି କାଂସ୍ୟ ପଦକ ହାସଲ କରିଥିବା ସେ କହିଛନ୍ତି ଏହି ଅବସରରେ ରେଳ ଷ୍ଟେସନ ଠାରେ ଖେଳାଳି ମାନଙ୍କ ଅଭିଭାବକ ଓ ମାତା ପିତା ମାନେ ଉପସ୍ଥିତ ରହି ସ୍ୱାଗତ କରିବା ସହ ଶୁଭକାମନା ଓ ଆଶୀର୍ବାଦ ପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା।



# ସ୍ମାରକୀ ଡାକ ଟିକଟ ପ୍ରସଙ୍ଗରେ ଉତ୍ତର ରଖିଲେ କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ରଶେଖର

ଅନୁଗୁଳ : ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ଗତ ୦୪.୧୨.୨୦୨୫ ରେ ଲୋକସଭାରେ ଶୂନ୍ୟ କାଳରେ ସ୍ମାରକୀ ଡାକ ଟିକଟ ପ୍ରସଙ୍ଗ ରେ ପ୍ରଶ୍ନ ଉଥାପନ କରିଥିଲେ। କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ର ମନ୍ତ୍ରୀ ଡା ପ୍ରେମସାଣି ଚନ୍ଦ୍ର ଶେଖର ସାଂସଦ ଙ୍କର ପ୍ରଶ୍ନର ଉତ୍ତର ରଖିଛନ୍ତି । ଆପଣ ଉଠାଇଥିବା ପ୍ରସଙ୍ଗଟି ଦେଖନ୍ତୁ, ଯାହା ଓଡ଼ିଶା ରାଜ୍ୟ ସହିତ ଜଡିତ ବ୍ୟକ୍ତିତ୍ୱଙ୍କ ଉପରେ ସ୍ମାରକୀ ଡାକଟିକଟ ଜାରି କରିବା ସମ୍ପର୍କରେ ଥିଲା ।ବିଭାଗ ଉପରୋକ୍ତ ବିଷୟରେ ଏକ ତଦନ୍ତ କରିଛି। ତଦନ୍ତ ପରେ ଜଣାପଡିଛି ଯେ ସ୍ମାରକୀ ଡାକଟିକଟ ଜାରି କରିବା ସମୟରେ ସର୍ବଦା ଓଡ଼ିଶା ସହ ଜଡିତ ବ୍ୟକ୍ତିତ୍ୱ ଏବଂ ବିଷୟଗୁଡ଼ିକୁ ବିଚାରକୁ ନିଆଯାଇଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଡାକ ବିଭାଗ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଗସ୍ତର ୧୦୦ ବର୍ଷ (୨୦୨୧), ଓଡ଼ିଶାର ମହାନ ବ୍ୟକ୍ତିତ୍ୱ (୨୦୨୩), ଓଡ଼ିଶା ଉଚ୍ଚ ନ୍ୟାୟାଳୟ (୨୦୨୩), ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ (୨୦୨୪), ଓଡ଼ିଶାର ପ୍ରଖ୍ୟାତ କବି (୨୦୨୪), ସାରଙ୍ଗଧର ଦାସ (୨୦୨୪), ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ (୨୦୨୪), ଏବଂ ମାତା କର୍ମା (୨୦୨୫) ଭଳି ଅନେକ ଓଡ଼ିଶା-ସମ୍ବନ୍ଧୀୟ ଡାକଟିକଟ ଜାରି କରିଛି।

ବୀର ବାଳକ ବାଜି ରାଉତ, ଶ୍ରୀ ବୀର ବୈଷ୍ଣବ ପଟ୍ଟନାୟକ, ନବକୃଷ୍ଣ ଚୌଧୁରୀ ଏବଂ ଅନୁଗୁଳ ରାଜ୍ୟର ଶେଷ ସ୍ୱାଧୀନ ରାଜାଙ୍କ ଉପରେ ସ୍ମାରକୀ ଡାକଟିକଟ ଜାରି କରିବା ସମ୍ପର୍କରେ, ଉପରୋକ୍ତ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ପାଇଁ ଫିଲାଟେଲିକ୍ ପରାମର୍ଶଦାତା କମିଟିର ପରବର୍ତ୍ତୀ ବୈଠକ ସମ୍ମୁଖରେ ରଖାଯିବ ବୋଲି ମନ୍ତ୍ରୀ ଚନ୍ଦ୍ର ଶେଖର କହିଛନ୍ତି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ